# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, September 2/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 278 | ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨/୨୦୨୫ | Bhubaneswar, Tuesday, September 2/2025 | ପୃଷ୍ଠା-୧




## ଅଲ୍‌କାରାଜ କ୍ୱାର୍ଟରଫାଇନାଲରେ

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସ୍ପେନର କର୍ଲୋସ ଅଲ୍‌କାରାଜ ପ୍ରବେଶ କରିଛନ୍ତି।

୧୨

୦୮

## ସୁମୋନାଙ୍କୁ ଅସଦାଚରଣ

ହାସ୍ୟ ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀଙ୍କ କାର୍‌କୁ କେତେଜଣ ପ୍ରଦର୍ଶନକାରୀ ଆକ୍ରମଣ କରିବା ସହ ତାଙ୍କୁ ଅସଦାଚରଣ କରିଥିବା ନେଇ ସେ ଅଭିଯୋଗ ଆଣିଛନ୍ତି।





ପୂର୍ବ ଆଫଗାନିସ୍ତାନର କୁନାର ପ୍ରଦେଶ ଅନ୍ତର୍ଗତ ମଜାର ଦାରାଠାରେ ଭୂମିକମ୍ପରେ ଆହତ ଜଣେ ବ୍ୟକ୍ତିଙ୍କୁ ଏକ ଖଟିଆରେ ଚିକିତ୍ସା ପାଇଁ ନିଆଯାଉଛି।

# ଆଫଗାନିସ୍ତାନରେ ଭୂକମ୍ପ: ୮୦୦ ମୃତ, ୨୮୦୦ ଆହତ

**ପାଖାପାଖି ଦୁଇବର୍ଷର ବ୍ୟବଧାନରେ ଆଫଗାନିସ୍ତାନରେ ସଂଘଟିତ ହୋଇଛି ଶକ୍ତିଶାଳୀ ଭୂକମ୍ପ। ଏଥିରେ ୮୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୋମବାର ତାଲିବାନ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିଲା। କୁନାର ପ୍ରଦେଶର ଅନେକ ସହର ସମେତ ନଙ୍ଗରହାର ପ୍ରଦେଶ ଜଲାଲାବାଦ ସହର ନିକଟବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକେ ରହିଯାଇଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୨୦୨୩ ଅକ୍ଟୋବର ୭ରେ ହେରାଟରେ ହୋଇଥିବା ଭୂକମ୍ପରେ ପ୍ରାୟ ଦୁଇ ହଜାରର ଲୋକ ପ୍ରାଣ ହରାଇଥିଲେ।**

**କାବୁଲ,୧।୯**

ପୂର୍ବ ଆଫଗାନିସ୍ତାନରେ ରବିବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୋମବାର ତାଲିବାନ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିଲା। କୁନାର ପ୍ରଦେଶର ଅନେକ ସହର ସମେତ ନଙ୍ଗରହାର ପ୍ରଦେଶ ଜଲାଲାବାଦ ସହର ନିକଟବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକେ ରହିଯାଇଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ସ୍ଥାନୀୟ ସମୟ ରାତି ୧୧ଟା ୪୭ ମିନିଟ୍‌ରେ ଅନୁଭୂତ ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ଜଲାଲାବାଦଠାରୁ ପୂର୍ବ-ଉତ୍ତର ଦିଗରେ ୨୭ କିଲୋମିଟର ଦୂରରେ ଓ ୮ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। କମ୍ ଗଭୀରରେ କେନ୍ଦ୍ରସ୍ଥଳ ହୋଇଥିବାରୁ ଅଧିକ କ୍ଷୟକ୍ଷତି ଘଟିଛି। ଭୁଶୁଡ଼ି ପଡ଼ିଥିବା ବିଲ୍ଡିଂ ମଧ୍ୟରୁ ଆହତମାନଙ୍କୁ ଉଦ୍ଧାର କରି ଷ୍ଟ୍ରେଚରରେ ହେଲିକପ୍ଟର ନିକଟକୁ ନିଆଯାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ହେଲିକପ୍ଟରରେ ୪୦ ଥରରେ ୪୨୦ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୁନାର ପ୍ରଦେଶରେ ସର୍ବାଧିକ ୬୧୦ ଜଣ ପ୍ରାଣ ହରାଇଥିବା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଗଣମାଧ୍ୟମକୁ କହିଛନ୍ତି। ଉକ୍ତ ପ୍ରଦେଶରେ ୩ଟି ଗ୍ରାମ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ସମେତ ସ୍ଥାନୀୟ ଲୋକେ ନିୟୋଜିତ ହୋଇଛନ୍ତି। ବଡ଼ ଭୂକମ୍ପ ପରେ ୪.୭, ୪.୩ ଏବଂ ୫.୦ ତୀବ୍ରତାର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା।

ଆଫଗାନିସ୍ତାନ ଭୂକମ୍ପରେ ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କ ସମସ୍ତ ସମ୍ଭାବ୍ୟ ମାନବୀୟ ସହାୟତା ଯୋଗାଇଦେବାକୁ ଭାରତ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଆଫଗାନିସ୍ତାନରେ ବିଲ୍ଡିଂଗୁଡ଼ିକ କମ୍ ଉଚ୍ଚତାବିଶିଷ୍ଟ ଏବଂ ଗ୍ରାମାଞ୍ଚଳରେ ମାଟି, ଇଟା ଓ କାଠରେ ଦୁର୍ବଳ ନିର୍ମାଣ କରାଯାଇଥିବାରୁ କ୍ଷୟକ୍ଷତି ଅଧିକ ହୋଇଥିବା କୁହାଯାଉଛି। ୨୦୨୧ରେ ତାଲିବାନ କ୍ଷମତାକୁ ଆସିବା ପରେ ଆଫଗାନିସ୍ତାନରେ ଏହା ତୃତୀୟ ବଡ଼ ଭୂକମ୍ପ। ତାଲିବାନ କ୍ଷମତାକୁ ଆସିବା ପରେ ବିଦେଶୀ ସୈନ୍ୟ ପ୍ରତ୍ୟାହୃତ ହେବା ସହ ଅନ୍ତର୍ଜାତୀୟ ସହାୟତା ବନ୍ଦ ହୋଇଯାଇଥିଲା। ଏପରିକି ୨୦୨୨ରେ ଘଟିଥିବା ପ୍ରଥମ ଭୂକମ୍ପରେ ୧୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ମାନବୀୟ ସହାୟତା ୩.୮ ବିଲିୟନ ଡଲାରରୁ ହ୍ରାସ ପାଇ ୭୬୭ ନିୟୁତ ଡଲାରରେ ପହଞ୍ଚିଥିଲା।

# ୧ ଡଲାର=୮୮.୩୩ ଟଙ୍କା

## ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ



**ନୂଆଦିଲ୍ଲୀ,୧।୯**

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକାର ଟାରିଫ୍ ଚାପ, ଶେୟାର ବଜାରରେ ଅସ୍ଥିରତା ଯୋଗୁ ବିଦେଶୀ ନିବେଶକମାନେ ଅର୍ଥ ଉଠାଇନେବା ଏବଂ ଆମଦାନୀରେ ସମସ୍ୟା ଆଦି କାରଣରୁ ଭାରତୀୟ ମୁଦ୍ରା ମୂଲ୍ୟରେ ସୋମବାର ସର୍ବକାଳୀନ ଅବନତି ଘଟିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୮.୩୩କୁ ହ୍ରାସ ପାଇଛି ଅର୍ଥାତ୍ ୧ ଡଲାରର ମୂଲ୍ୟ ୮୮ ଟଙ୍କା ୩ ପଇସା ହୋଇଛି। ଗତ ଶୁକ୍ରବାର ୧ ଡଲାରର ମୂଲ୍ୟ ୮୮.୩୦ ଟଙ୍କା ରହିଥିଲା। ଫଳରେ ବୈଶ୍ୱିକ ମୁଦ୍ରା ଭାବେ ଭାରତୀୟ ଟଙ୍କାର ସମ୍ଭାବନା କମ୍ ବୋଲି ଆମେରିକା ଅର୍ଥ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାରୁ ଆର୍ଥିକ ନିଅଣ୍ଟ ଅଧିକ ବଢ଼ିବା ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ଆଗକୁ ହେବାକୁ ଥିବା ଜିଏସ୍‌ଟି କାଉନସିଲ୍ ନିଷ୍ପତ୍ତି କିଛିଟା ସହାୟକ ହେବ ବୋଲି ଆଶା କରାଯାଉଛି। କୌଣସି ନିର୍ଣ୍ଣାୟକ ପଦକ୍ଷେପ ନେବା ପୂର୍ବରୁ ବଜାର ଚୂଡ଼ାନ୍ତ ଜିଏସ୍‌ଟି ପରିବର୍ତ୍ତନକୁ ଅପେକ୍ଷା କରିଛି।

ଆମେରିକାର ଉଚ୍ଚ ଟାରିଫ୍ ଯୋଗୁ ଭାରତୀୟ ପୁଞ୍ଜି ବଜାର ପ୍ରଭାବିତ ହୋଇଛି। ଏହି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ଭାରତୀୟ ରପ୍ତାନି ଆହୁରି ପ୍ରଭାବିତ ହେବ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମଧ୍ୟ ଭାରତୀୟ ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିନେବେ। ଫଳରେ ଟଙ୍କା ଆଗକୁ ଅଧିକ ଦୁର୍ବଳ ହେବା ଆଶଙ୍କା ଦେଖାଦେଇଛି। ପୁଞ୍ଜି ବଜାରରେ କେବଳ ଅଗଷ୍ଟ ମାସରେ ଏଫ୍‌ଆଇଆଇ ରେକର୍ଡ ପରିମାଣ ମୋଟ୍ ୩୮,୫୯୦.୨୬ କୋଟି ଟଙ୍କାର ସେଲିଂ ହୋଇଛି।

**ଆଜିର ସମ୍ପାଦକୀୟ** ନକଲି ବାଟ

# ଶିକ୍ଷକଙ୍କ ପାଇଁ ଟିଇଟି ପାସ୍ ବାଧ୍ୟତାମୂଳକ

**ନୂଆଦିଲ୍ଲୀ/ଭୁବନେଶ୍ୱର (ସୁଚିସ୍ମିତା ସାହୁ),୧।୯**

ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଏବଂ ଚାକିରିରେ ଥିବା ଶିକ୍ଷକ ପଦୋନ୍ନତି ପାଇଁ ଆଶାୟୀ ଥିଲେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ କୃତକାର୍ଯ୍ୟ ହେବା ବାଧ୍ୟତାମୂଳକ ବୋଲି ସୁପ୍ରିମକୋର୍ଟ ସୋମବାର ରାୟ ଦେଇଛନ୍ତି। ତେବେ ଯେଉଁ ଶିକ୍ଷକମାନେ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ (ଆର୍‌ଟିଇ ଆକ୍ଟ) ଲାଗୁ ହେବା ପୂର୍ବରୁ ନିଯୁକ୍ତ ହୋଇଛନ୍ତି ଏବଂ ଚାକିରି ଶେଷ ହେବାକୁ ୫ ବର୍ଷରୁ ଅଧିକ ସମୟ ରହିଛି, ସେମାନଙ୍କୁ ଟିଇଟି ପାସ୍ ପାଇଁ ସର୍ବୋଚ୍ଚ ଅଦାଲତ ୨ ବର୍ଷ ସମୟ ଦେଇଛନ୍ତି। ତେବେ ସଂଖ୍ୟାଲଘୁ ସ୍କୁଲଗୁଡ଼ିକରେ ଆର୍‌ଟିଇ ଆଇନ କାର୍ଯ୍ୟକାରିତା ପ୍ରସଙ୍ଗରେ ବୃହତ୍ତର ଖଣ୍ଡପୀଠ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସେଠାର ଶିକ୍ଷକମାନଙ୍କ ପାଇଁ ଟିଇଟି ଆବଶ୍ୟକତା ଲାଗୁ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ୨୦୧୧ ଜୁଲାଇ ୨୯ରେ ଶିକ୍ଷକ ନିଯୁକ୍ତି ପାଇଁ ଟିଇଟି ପାସ୍‌କୁ ବାଧ୍ୟତାମୂଳକ କରିଥିଲେ। ତେବେ ସ୍ଥିତିଗତ ବାସ୍ତବତାକୁ ବିଚାରକୁ ନେଇ ଯେଉଁ ଶିକ୍ଷକମାନଙ୍କର ଚାକିରି ସମୟ ୫ ବର୍ଷରୁ କମ୍ ବାକି ରହିଛି ଏବଂ ପଦୋନ୍ନତି ଚାହୁଁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଟିଇଟି ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ନାହିଁ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

ଏସମ୍ପର୍କରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କୁହନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ, ୫ ବର୍ଷରୁ ଅଧିକ ଚାକିରି ସମୟ ଥିବା ଶିକ୍ଷକମାନେ ଟିଇଟି ପରୀକ୍ଷା ☞ପୃଷ୍ଠା-୨

# ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧।୯(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ୍ ଇଣ୍ଡିଆ- ୨୦୨୫ ସମ୍ମିଳନୀରେ ଯୋଗଦେବେ। ତାଙ୍କ ସାଙ୍ଗରେ ଆଇଟି ସଚିବ ଏବଂ ମନ୍ତ୍ରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି। ସେହିପରି ଆସନ୍ତା ୩ରେ ଓଡ଼ିଶା ଭବନଠାରେ ଓମ୍‌ଫେଡର ଏକ ନୂଆ ୟୁନିଟ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିପାରନ୍ତି। ସେହିପରି ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀ ଜିଏସ୍‌ଟି କାଉନସିଲ୍ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଆସନ୍ତା ୪ ତାରିଖ ସନ୍ଧ୍ୟା କିମ୍ବା ୫ ତାରିଖ ସକାଳୁ ଫେରିପାରନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ତାଙ୍କର ଏହି ୪ ଦିନିଆ ଗସ୍ତ କାଳରେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁମାନଙ୍କୁ ଭେଟିବେ ସେନେଇ ସ୍ପଷ୍ଟ ଭାବେ କିଛି ସୂଚନା ମିଳିନାହିଁ।

# ବଢ଼ିଛି ବଜେଟ ଖର୍ଚ୍ଚ, କମିଛି ଆୟ

## ୫ବର୍ଷରେ ଦୁଇଗୁଣ ବଢ଼ିଛି ଏସ୍‌ଜିଏସ୍‌ଟି; କମିଛି ପଞ୍ଜୀକରଣ ଆୟ


**ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର ୨୦୨୪ ଜୁନ୍‌ରେ କ୍ଷମତାକୁ ଆସିବା ପରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଓ ଭିତ୍ତିଭୂମି ସୁଦୃଢ଼ କ୍ଷେତ୍ରରେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ ବୋଲି ଯେଉଁ କୁହାଯାଉଥିଲା ତାହା ବାସ୍ତବରେ ସତ୍ୟ ନୁହେଁ। ପୂର୍ବର ବିଜେଡି ସରକାରଙ୍କ ତୁଳନାରେ ରାଜ୍ୟ ସରକାରଙ୍କ ଗତ ଆର୍ଥିକବର୍ଷରେ ଖର୍ଚ୍ଚ ବଢ଼ିଛି। ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ରେ ୩ ପ୍ରତିଶତ ଖର୍ଚ୍ଚ ଅଧିକ ହୋଇଛି। ହେଲେ ଏହି ଅବଧି ମଧ୍ୟରେ ରାଜ୍ୟ ରାଜକୋଷକୁ ଯେତିକି ପରିମାଣର ରାଜସ୍ୱ ମିଳିବା କଥା ତାହା ମିଳିନାହିଁ। ୭ ପ୍ରତିଶତ ରାଜସ୍ୱ କମ୍ ମିଳିଛି ବୋଲି ନିକଟରେ ପ୍ରମୁଖ ମହାଲେଖାକାର ସୁବା. ଆର୍.ଙ୍କ ଏକ୍‌ଜିଟ୍ କନ୍‌ଫରେନ୍ସରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ରାଜ୍ୟ ସରକାରଙ୍କ ବଜେଟ ଆକଳନ ୧ଲକ୍ଷ ୫୭ହଜାର ୭୬୨କୋଟି ଟଙ୍କା ରହିଥିବାବେଳେ ସେଥିରୁ ୧ଲକ୍ଷ ୪୮ହଜାର ୮୩୨କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା; ଯାହାକି ପୂର୍ବ ସରକାରଙ୍କ ଖର୍ଚ୍ଚ ହାର ୯୪% ରହିଥିଲା। ମାତ୍ର ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ୧ଲକ୍ଷ ୬୬ହଜାର ୯୨୩କୋଟି ଟଙ୍କାର ବଜେଟ ଆକଳନ କରିଥିବାବେଳେ ସେଥିରୁ ୧ଲକ୍ଷ ୬୧ହଜାର ୩୧୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହା କି ୯୭%।

ଅନ୍ୟପକ୍ଷରେ ୨୦୨୩-୨୪ ଆର୍ଥିକବର୍ଷରେ ୧ଲକ୍ଷ ୮୪ହଜାର ୫୦୦କୋଟି ଟଙ୍କାର ବଜେଟ ଆକଳନ କରାଯାଇଥିଲା। ଉକ୍ତ ବର୍ଷ ୧ଲକ୍ଷ ୭୯ହଜାର ୫୯୩ କୋଟି ଟଙ୍କାର ରାଜସ୍ୱ ସରକାର ପାଇଥିଲେ, ଯାହାକି ସମୁଦାୟ ୯୭% ରାଜସ୍ୱ ସରକାରଙ୍କୁ ମିଳିଥିଲା। ହେଲେ ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ଯେଉଁ ବଜେଟ ଆକଳନ କରିଥିଲେ ସମାନ ପରିମାଣର ରାଜସ୍ୱ ସରକାରଙ୍କୁ ମିଳିପାରିନାହିଁ। ଉକ୍ତ ଆର୍ଥିକବର୍ଷ ରାଜ୍ୟ ସରକାରଙ୍କ ବଜେଟ ଆକଳନ ୨ଲକ୍ଷ ୪ହଜାର ୫୦୦ କୋଟି ଟଙ୍କା ରହିଥିବାବେଳେ ୧ଲକ୍ଷ ୮୩ହଜାର ୯୬୩ କୋଟି ଟଙ୍କାର ରାଜସ୍ୱ ମିଳିଥିଲା, ଯାହାକି ୯୦%। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସରକାର ୭ ପ୍ରତିଶତ କମ୍ ରାଜସ୍ୱ ପାଇଥିବା ସମ୍ମିଳନୀରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୦-୨୧ରେ ରାଜ୍ୟ ସରକାର ନିଜସ୍ୱ କ୍ଷେତ୍ର ରାଜ୍ୟ ସାମଗ୍ରୀ ଓ ସେବାକର(ଏସ୍‌ଜିଏସ୍‌ଟି)ରୁ ଯେତିକି ରାଜସ୍ୱ ପାଇଥିଲେ ତାହା ୨୦୨୪-୨୫ ଆର୍ଥିକବର୍ଷ ବେଳକୁ ପ୍ରାୟ ଦୁଇଗୁଣ ବଢ଼ିଛି। ହେଲେ ଜମି ପଞ୍ଜୀକରଣ କ୍ଷେତ୍ରରୁ ରାଜ୍ୟ ସରକାର ଉକ୍ତ ଅବଧି ମଧ୍ୟରେ ଯେତିକି ରାଜସ୍ୱ ☞ପୃଷ୍ଠା-୨




ପ୍ରମୁଖ ମହାଲେଖାକାରଙ୍କ ପକ୍ଷରୁ ଏକ୍‌ଜିଟ୍ କନ୍‌ଫରେନ୍ସ ୨୦୨୪-୨୫ରେ ପ୍ରଦତ୍ତ ତଥ୍ୟ।

# ଗ୍ରୋସେରି ଦୋକାନୀଙ୍କୁ ୧୪୧ କୋଟିର ଟିକସ ନୋଟିସ

**ବୁଲନ୍ଦସର,୧।୯**

ଉତ୍ତର ପ୍ରଦେଶର ବୁଲନ୍ଦସରସ୍ଥିତ ନୟାଗଞ୍ଜ ଅଞ୍ଚଳରେ ଥିବା ଏକ ଛୋଟ ଗ୍ରୋସେରି ଦୋକାନର ମାଲିକ ସୁଧୀରଙ୍କୁ ଆୟକର ବିଭାଗ ୧୪୧ କୋଟି ଟଙ୍କାର ଟିକସ ନୋଟିସ ପଠାଇଛି। ନିଜ ଛୋଟ ଗ୍ରୋସେରି ଦୋକାନକୁ ଚଲାଇ ପରିବାରର ଭରଣ ପୋଷଣ କରୁଥିବା ସୁଧୀରଙ୍କୁ ଗତ ଜୁଲାଇ ୧୦ରେ ଏହି ନୋଟିସ ଆସିଛି। ସେ ସମୁଦାୟ ୧୪୧ କୋଟି ୩୮ ଲକ୍ଷ ୪୭ ହଜାର ୧୨୬ ଟଙ୍କାର ବ୍ରିକ୍ରୟ କରିଛନ୍ତି ବୋଲି ଆୟକର ବିଭାଗ ପକ୍ଷରୁ ତାଙ୍କୁ ଏକ ଟିକସ ନୋଟିସ ଆସିଥିଲା, ଯାହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ସାଇବର ଅପରାଧୀମାନେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ କରି ଦିଲ୍ଲୀରେ ୬ କମ୍ପାନୀକୁ ସ୍ଥାପନ କରିଛନ୍ତି। ତେଣୁ ତାଙ୍କୁ ଏପରି ନୋଟିସ ଆସିଥିବା ସୁଧୀର କହିଛନ୍ତି। ଏହି କମ୍ପାନୀଗୁଡ଼ିକ ଦ୍ୱାରା ଅନେକ କୋଟି ଟଙ୍କାର ଠକେଇ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ୨୦୨୨ରେ ଏ ସଂକ୍ରାନ୍ତରେ ତାଙ୍କୁ ଆୟକର ବିଭାଗ ପକ୍ଷରୁ ଏକ ନୋଟିସ ଆସିଥିଲା, ଯାହାର ଉତ୍ତର ସେ ରଖିଥିଲେ। ତାଙ୍କ ପାନ୍ କାର୍ଡକୁ ବ୍ୟବହାର କରାଯାଇ ଖୋଲାଯାଇଥିବା କମ୍ପାନୀଗୁଡ଼ିକ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ନେଇ ସେତେବେଳେ ସେ ଆୟକର ବିଭାଗକୁ ଜଣାଇଥିଲେ। ଏହା ସତ୍ତ୍ୱେ ମଧ୍ୟ ଆୟକର ବିଭାଗ ତାଙ୍କୁ ୧୪୧ କୋଟି ଟଙ୍କାର ନୋଟିସ ପଠାଇଥିବା ସୁଧୀର କହିଛନ୍ତି। ଉକ୍ତ ନୋଟିସ ଆସିବା ପରେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ ହେଉଥିବା ନେଇ ସେ ସ୍ଥାନୀୟ ଖୁର୍ଜା ଥାନାରେ ଅଭିଯୋଗ କରିଛନ୍ତି। ସୁଧୀରଙ୍କ ପାନ୍ କାର୍ଡକୁ ବ୍ୟବହାର କରି ସ୍ଥାପନ ହୋଇଥିବା କମ୍ପାନୀଗୁଡ଼ିକ ବିରୋଧରେ ଠକେଇ ଏବଂ ଜାଲିଆତି ମାମଲା ରୁଜୁ କରାଯାଇଛି ବୋଲି ପୋଲିସ କହିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ପାନ୍ କାର୍ଡ ଜାଲିଆତିରେ ଜଣେ ବ୍ୟକ୍ତି ବେଆଇନ ଭାବରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଶେଲ୍ କମ୍ପାନୀ ସ୍ଥାପନ ☞ପୃଷ୍ଠା-୨




ୟୁପି ବୁଲନ୍ଦସରର ଗ୍ରୋସେରି ଦୋକାନ ମାଲିକ ସୁଧୀର ଆୟକର ନୋଟିସ୍ ଦେଖାଉଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ ଟା।
- ଆଇଫରେଷ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ ଏବଂ ରିପୋର୍ଟ ରିଲିଜ୍, ସ୍ଥାନ: ଲେମନ୍ ଟ୍ରୀ, ସମୟ: ସକାଳ ୯ ଟା ୩୦।
- ଅଲ୍ ଓଡ଼ିଶା ରଜକ ମହାସଂଘ ପକ୍ଷରୁ ୨ୟ ବାର୍ଷିକ ଅଧିବେଶନ ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- ନ୍ରିତ୍ୟାଞ୍ଜଳୀ ପକ୍ଷରୁ ନ୍ରିତ୍ୟାଞ୍ଜଳୀ ସମ୍ମାନ ଏବଂ ନାଟ୍ୟ ପୁରୁଷ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଓଡ଼ିଶାର ଗରିବ ରୋଗୀ ଏବଂ ନିଜ କର୍ମଚାରୀଙ୍କ ପ୍ରତି ଆପୋଲୋ ହସ୍ପିଟାଲ ଦ୍ୱାରା ହେଉଥିବା ଅନ୍ୟାୟ ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ରାଜ୍ୟ କାର୍ଯ୍ୟାଳୟ, ବିଏମ୍‌ସି, ଭିଏ–୨୩/୩, ୟୁନିଟ୍ ୨, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ ଟା।
- ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଏନ୍‌ଏଚ୍ ୫୫ର ରିଜିଓନାଲ୍ ମ୍ୟାନେଜରଙ୍କ ମିଥ୍ୟା ପ୍ରତିଶ୍ରୁତି, ତଦାରଖରେ ଅବହେଳା ଓ ଦୁର୍ନୀତି ବିରୋଧରେ ଘେରାଉ, ସ୍ଥାନ: ଆଞ୍ଚଳିକ ଅଫିସ୍, ସମୟ:ପୂର୍ବାହ୍ନ ୧୧ ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୨ତମ ଜୟନ୍ତୀ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମଧ୍ୟସ୍ଥତା ତାଲିମ କର୍ମଶାଳାର ତୃତୀୟ ଦିବସ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ୬୯ତମ ବୀମା ସପ୍ତାହ ଦିବସ ପାଳନ, ସ୍ଥାନ: ବନ୍ତଛକ ଜୀବନବୀମା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ କ୍ରୀଡ଼ାର ଉଦ୍‌ଯାପନୀ, ସ୍ଥାନ: ମଞ୍ଜୁରୀ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଡିଏମ୍‌ଏଫ୍ ଉଦ୍ୟମର ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନଶୁଣାଣି କାର୍ଯ୍ୟକ୍ରମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ ଟା।
- ଦ୍ୱିତୀୟ ଚକ୍ଷୁ ଅପରେସନ ଥିଏଟର ଉଦ୍‌ଘାଟନ, ସ୍ଥାନ: କେନ୍ଦୁଝର ଏଲ୍‌ଭି ପ୍ରସାଦ ଚକ୍ଷୁ ହସ୍ପିଟାଲ, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀ ମହାବୀର ମନ୍ଦିରରେ ନାମ ସଂକୀର୍ତ୍ତନ, ସ୍ଥାନ : ହାବଲେଶ୍ୱର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।

## ମୟୂରଭଞ୍ଜ

- ମହିଳା ପ୍ରାର୍ଥୀଙ୍କ ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟା।
- ବ୍ଲକ୍‌ସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଚିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର ବ୍ଲକ୍, ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣ ସଭା ଓ ପୁରସ୍କାର ବିତରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନସିପାଲିଟି କାର୍ଯ୍ୟାଳୟ ପରିସର,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ଭାରୋତ୍ତଳନ, ବାସ୍କେଟବଲ, ସୁଇମିଂ ପ୍ରତିଯୋଗିତ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା ୩୦।
- ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ସମ୍ପ୍ରସାରଣ ସଂପର୍କିତ ବୈଠକ, ସ୍ଥାନ: ଆରଡିସି ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜୋନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଋଷିକୁଲ୍ୟା ଷ୍ଟାଡିୟମ, କାଳଷଣ୍ଡପୁର ଓ ପ୍ରଗତି ବିଦ୍ୟାପୀଠ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ସକାଳ ୯ ଟା।

## ଜଗତ୍‌ସିଂହପୁର

- ଜିଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା ସମିତି (ଦିଶା) ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳିଜଙ୍ଗା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୩ୟ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ ଟା।
- କଂଗ୍ରେସ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ସୃଜନ ଅଭିଯାନ, ସ୍ଥାନ: ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରବଚନରେ କପିଳ ଦେବହୁତି ସମ୍ବାଦ, ଦକ୍ଷଯଜ୍ଞ ଓ ପ୍ରହଲ୍ଲାଦ ଚରିତ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ ଅର୍ଶଦ ଏବଂ ରାୟଗଡା ଜିଲାର ବିଧାୟକଙ୍କ ସଂଗଠନ ସୃଜନ ଅଭିଯାନକୁ ନେଇ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଟାଉନ ହଲ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ନବରଙ୍ଗପୁର

- ଶ୍ରୀଅର୍ଣ୍ଣ ଅଭିଯାନ ପ୍ରକଳ୍ପ ଆନୁକୁଲ୍ୟରେ ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ପ୍ରଦର୍ଶନ, ସ୍ଥାନ: ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାପାଳଙ୍କ ନନ୍ଦପୁର ଓ ସେମିଳିଗୁଡା ବ୍ଲକ ପରିଦର୍ଶନ, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଉଦ୍ୟାନ ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।

## ରାଉରକେଲା

- ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଗୃହ ବଣ୍ଟନରେ ଅନିୟମିତା ନେଇ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିଏ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସେକ୍ଟର–୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ଦୁର୍ଗାପୂଜା ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ୟୁଥ୍ କ୍ଲବ ପରିସର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ରୋଟାରୀ କ୍ଲବ ପକ୍ଷରୁ ନୈତିକ ମୂଲ୍ୟବୋଧ ବିଷୟରେ ଆଲୋଚନା ଚକ୍ର,ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା୩୦।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ:ସନ୍ଧ୍ୟା ୬ଟା।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା୩୦।

## ବରଗଡ଼

- ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଝାରବନ୍ଧ,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ମା' ମାଣିକେଶ୍ୱରୀଙ୍କ ନିକଟରେ ଲାଗିବ ନବାନ୍ନ, ପ୍ରସାଦ ବଣ୍ଟନ, ସ୍ଥାନ: ଭବାନୀପାଟଣା ମାଣିକେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା ୪୫।

## ବୌଦ୍ଧ

- ଗେହ୍ଲାମା କଳାନିକେତନର ନୂଆଖାଇ ଭେଟ୍‌ଘାଟ୍ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବୌଦ୍ଧ, ସମୟ:ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ:ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଭିଡିଓ କନଫରେନ୍ସ ମାଧ୍ୟମରେ ନୂତନ ଏଡିଜେ କୋର୍ଟ ଉଦ୍‌ଘାଟନ, ସ୍ଥାନ: ଖଡିଆଳ କୋର୍ଟ ପରିସରରେ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା ୪୫।
- ପ୍ରଦେଶ କଂଗ୍ରେସ ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଝୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠନ ଶ୍ରୀଜନ ଅଭିଯାନକୁ ନେଇ ଜିଲାସ୍ତରୀୟ କଂଗ୍ରେସ କର୍ମକର୍ତ୍ତାଙ୍କ ଆଲୋଚନା, ସ୍ଥାନ: କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆୟୁଷ ହସ୍ପିଟାଲରେ ମିଳିବ ନିଦାନ ସେବା

**ଭୁବନେଶ୍ୱର,୧।୯(ବନ୍ଦନା ସେଠୀ)**

ଖୁବ୍‌ଶୀଘ୍ର ଆୟୁଷ ହସ୍ପିଟାଲ ଏବଂ ଡିସ୍‌ପେନ୍‌ସାରିରେ ନିଦାନ ସେବା (ରୋଗ ଚିହ୍ନଟ ଲାଗି ବିଭିନ୍ନ ପରୀକ୍ଷା) ପାଇବେ ରୋଗୀ। ପ୍ରଥମଥର ପାଇଁ ଆୟୁର୍ବେଦିକ ଏବଂ ହୋମିଓପାଥି ଚିକିତ୍ସାରେ ଏହି ସେବା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ସୂଚନା ଦେଇଛନ୍ତି। ରାଜ୍ୟରେ ଥିବା ଉଭୟ ହୋମିଓପାଥି ଏବଂ ଆୟୁର୍ବେଦିକର ୯ ମେଡିକାଲ କଲେଜ ଏବଂ ୧୧ଶହରୁ ଊର୍ଦ୍ଧ୍ୱ ଆୟୁଷ ଡିସ୍‌ପେନ୍‌ସାରିରେ ନିଦାନ ସେବା ମାଗଣାରେ ଉପଲବ୍ଧ ହେବ। ପୂର୍ବରୁ ଆୟୁଷ ଡିସ୍‌ପେନ୍‌ଶାରିରେ କେବଳ ଲକ୍ଷଣ ଦେଖି ଡାକ୍ତର ମେଡିସିନ୍ ଦେଉଥିଲେ। ମାତ୍ର ଏବେ ଜଣେ ରୋଗୀର ମେଡିକାଲ ଟେଷ୍ଟ ହେବା ପରେ ସେହି ରିପୋର୍ଟ ଦେଖି ମେଡିସିନ୍ ନେଇପାରିବେ। ଚିକିତ୍ସା କ୍ଷେତ୍ରରେ ଅଗ୍ରଗତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାୟ ୧ମାସ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ ହୋଇଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିର ପରିସରରେ ଖୋଲିଲା ସ୍ତନ୍ୟପାନ ଗୃହ

**ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)**



ଶ୍ରୀମନ୍ଦିର ପରିସରରେ ସୋମବାରଠାରୁ ଖୋଲିଛି ମାତୃ ଶିଶୁ ସ୍ତନ୍ୟପାନ ଗୃହ। ଫଳରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଛୋଟ ଶିଶୁଙ୍କୁ ଧରି ଆସୁଥିବା ମା'ମାନେ ଏଣିକି ଆଉ ଅସୁବିଧା ଭୋଗିବେ ନାହିଁ। ମା'ମାନେ ଏହି ଗୃହକୁ ଯାଇ ଆରାମରେ ସେମାନଙ୍କ ଛୋଟ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇପାରିବେ। ଶ୍ରୀମନ୍ଦିର ପରିସରସ୍ଥ ଶାଖା କାର୍ଯ୍ୟାଳୟ ତଳେ ଶୀତତାପ ନିୟନ୍ତ୍ରିତ ଏକ ଗୃହରେ ଏହି ବ୍ୟବସ୍ଥା କରାଯାଇଛି। ଏକକାଳୀନ ୪ଜଣ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ। ସେଠାରେ ଦୁଇଜଣ ମହିଳା ଜେଟିପି ଏବଂ ମେଡିକାଲ ଟିମ୍ ମଧ୍ୟ ନିୟୋଜିତ କରାଯାଇଛି। ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟରଞ୍ଜନ ପରିଡ଼ା କହିଛନ୍ତି, ମା ଏବଂ ଶିଶୁଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପରିସରରେ ମାତୃ ଶିଶୁ ସ୍ତନ୍ୟପାନ କକ୍ଷ ଖୋଲାଯିବା ଲାଗି ବିଭିନ୍ନ ମହଲରେ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଏଥିଲାଗି ସ୍ଥାନ ନିରୂପଣ କରାଯାଇ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି। ମେଡିକାଲ ଟିମ୍, ସ୍ୱେଚ୍ଛାସେବୀ ଏବଂ ଜେଟିପିଙ୍କୁ ନିୟୋଜିତ କରାଯାଇଛି। ଯଦି କିଛି ଅସୁବିଧା ହେବ, ପ୍ରଶାସନ ପକ୍ଷରୁ ତା'ର ସମାଧାନ କରାଯିବ ବୋଲି ଜିଲାପାଳ ପରିଡ଼ା କହିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ଉଭୟ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମଧ୍ୟ ମାତୃଶିଶୁ ସ୍ତନ୍ୟପାନ ଗୃହ ଖୋଲାଯିବାର ଆବଶ୍ୟକତା ରହିଛି ବୋଲି ସେମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ଅନେକ ମା' ଛୋଟ ପିଲାଙ୍କୁ ଧରି ଆସିଥାନ୍ତି। ତେବେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ପାଇଁ ଶିଶୁମାନଙ୍କୁ ମା'ମାନେ ସ୍ତନ୍ୟପାନ କରାଇବାରେ ସମସ୍ୟା ଭୋଗିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ମାତୃ ସ୍ତନ୍ୟପାନ ଗୃହ ଖୋଲାଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଆସୁଥିଲା। ଏହାପରେ ଏହି ଗୃହ ଖୋଲାଯିବା ନେଇ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାପ ଥିଲା ପୁଅ ସଭାରେ ଜିଣେ**
**ବୁଦ୍ଧି ଥିଲା ପୁଅ ପୋଷଇ ପଣେ।**

ବାପର ସାହାଯ୍ୟ ସମର୍ଥନ ପାଇଲେ ପୁଅର ସାହସ ଦ୍ୱିଗୁଣିତ ହୋଇଯାଏ। ଉତ୍ସାହ ପ୍ରେରଣା ପାଇଲେ ନିଜକୁ ହେୟ ମନେ ନ କରି ଆଗକୁ ବଢ଼ିଚାଲିଥାଏ। ସେହିପରି ତା'ର ଆତ୍ମବଳ, ଆତ୍ମବିଶ୍ୱାସ ବଢ଼ିଯିବା ସହ ସବୁ କ୍ଷେତ୍ରରେ ବିଜୟ ଲାଭ କରିବାର ସମ୍ଭାବନା ମଧ୍ୟ ବଢ଼ିଯାଇଥାଏ। ସେହିପରି ବୁଦ୍ଧିମନ୍ତ ପୁଅ ଯେକୌଣସି ଉପାୟରେ ମଧ୍ୟ ନିଜ ପରିବାର ପ୍ରତିପୋଷଣ କରିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଜ୍ରର ବାଣ**
**ଘଇତା ଉପରେ ମାଇପ ଟାଣ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ। ଏପରିସ୍ଥଳେ ସ୍ତ୍ରୀ ନିଜ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଓଡ଼ିଶାରେ କାର୍ଯ୍ୟକାରୀ ହେବ 'କ୍ୱାଡ୍ ସିଟି' ଯୋଜନା

**ଭୁବନେଶ୍ୱର,୧।୯(ସୁନିତ୍ ମିଶ୍ର/ବନ୍ଦନା ସେଠୀ)**

**ଭୁବନେଶ୍ୱର, ପୁରୀ, କଟକ ଓ ପାରାଦୀପକୁ ସଂଯୋଗ କରିବ ପ୍ରଥମ ଅର୍ଥନୈତିକ କ୍ଷେତ୍ର**

ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ଅର୍ଥନୀତିକ ଅଭିବୃଦ୍ଧି ସହ ବିଶ୍ୱ ପ୍ରତିଯୋଗିତାର ଏକ ଶକ୍ତିଶାଳୀ ଇଞ୍ଜିନରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'କ୍ୱାଡ୍ ସିଟି' ଯୋଜନା ଆରମ୍ଭ ହୋଇଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ ରାଜ୍ୟର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସହରଗୁଡ଼ିକୁ କ୍ଲଷ୍ଟର କରି ସମନ୍ୱିତ ଅର୍ଥନୀତିକ କ୍ଷେତ୍ର ସୃଷ୍ଟି କରିବାକୁ ଯୋଜନା ରହିଛି। ପ୍ରଥମ ଅର୍ଥନୀତିକ କ୍ଷେତ୍ର ଭୁବନେଶ୍ୱର, ପୁରୀ, କଟକ ଏବଂ ପାରାଦୀପକୁ ସଂଯୋଗ କରିବ। ସେହିପରି ସୁନାବେଡା, କୋରାପୁଟ, ବରଗଡ଼ ଏବଂ ସମ୍ବଲପୁରକୁ ସଂଯୋଗ କରି ଆଉ ଏକ ଅର୍ଥନୀତିକ କ୍ଷେତ୍ର ବିକଶିତ କରାଯିବ। ଏହି ଦୃଷ୍ଟିକୋଣକୁ ପୂରଣ କରି ସମୃଦ୍ଧ ସହର ପ୍ରୟାସ ଆରମ୍ଭ କରାଯାଇଛି। ଏହା ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର୍)ର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସକ୍ରିୟ ସହର–ଶିଳ୍ପ କରିଡର ଭାବରେ ପରିକଳ୍ପନା କରାଯାଇଛି। ଏହି ଯୋଜନାରେ ସମ୍ବଲପୁର–ଝାରସୁଗୁଡ଼ା–ବରଗଡ଼, କୋରାପୁଟ–ସୁନାବେଡ଼ା–ଜୟପୁର ଏବଂ କେନ୍ଦୁଝର–ଯୋଡ଼ା–ବଡବିଲ ଭଳି ଅନ୍ୟାନ୍ୟ ପ୍ରମୁଖ ହବ୍‌କୁ ବିସ୍ତାର କରିବା ପ୍ରସ୍ତାବ ଦିଆଯାଇଛି। ଏହାବ୍ୟତୀତ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ବ୍ୟାସନଗର, କେନ୍ଦୁଝର, ବାରିପଦା, ରାୟଗଡ଼ା ଏବଂ ରାଉରକେଲା ସମେତ ଶିଳ୍ପ କ୍ଲଷ୍ଟର ଆଖପାଖରେ ଥିବା ୮ଟି ସହରକୁ ମଡେଲ ସହର ଭାବରେ ବିକଶିତ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏନେଇ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି, ଓଡ଼ିଶାର କ୍ୱାଡ୍ ସିଟି କାର୍ଯ୍ୟକ୍ରମ ସମୃଦ୍ଧ ସହର ଯୋଜନା ସହିତ ସହରାଞ୍ଚଳ ବିସ୍ତାର କରିବା ସହ ଆର୍ଥିକ କାରବାର, ଶିଳ୍ପ ସୁଯୋଗ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଅଞ୍ଚଳଗୁଡ଼ିକ ଜାତୀୟ ଏବଂ ବିଶ୍ୱ ଅର୍ଥନୀତିରେ ଓଡ଼ିଶାର ଭୂମିକାକୁ ବୃଦ୍ଧି କରିବା ସହିତ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ଢାଞ୍ଚା ପ୍ରଦାନ କରିବ। ପରସ୍ପର ସଂଯୁକ୍ତ ଅର୍ଥନୈତିକ କ୍ଷେତ୍ର ଏବଂ ସ୍ଥାୟୀ ସହରାଞ୍ଚଳ–ଶିଳ୍ପ କରିଡର ସୃଷ୍ଟି କରି ଓଡ଼ିଶା ଏହାର ସହରଗୁଡ଼ିକୁ ନବସୃଜନ, ବାଣିଜ୍ୟ ଏବଂ ସମୃଦ୍ଧିର ଭବିଷ୍ୟତ ପ୍ରସ୍ତୁତ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରୁଥିବା ପାଢୀ ମତ ରଖିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବଢ଼ିଛି ବଜେଟ୍ ଖର୍ଚ୍ଚ...

ପାଉଥିଲେ ତାହା ଅପେକ୍ଷାକୃତ ହ୍ରାସ୍ ପାଇଛି। ୨୦୨୦–୨୧ରେ ରାଜ୍ୟ ସରକାର ଏସ୍‌ଜିଏସ୍‌ଟିରୁ ୧୩ ହଜାର ୪୩କୋଟି ଟଙ୍କା ପାଇଥିବାବେଳେ ୨୦୨୧–୨୨ରେ ୧୬ହଜାର ୩୯୨କୋଟି, ୨୦୨୨–୨୩ରେ ୧୮ହଜାର ୬୦୧ କୋଟି, ୨୦୨୩–୨୪ରେ ୨୩ହଜାର ୮୯୬କୋଟି ଏବଂ ୨୦୨୪–୨୫ରେ ଏହା ବଢ଼ି ୨୫ହଜାର ୬୧କୋଟିରେ ପହଞ୍ଚିଛି। ସେହି ତୁଳନାରେ ରାଜ୍ୟ ସରକାର ଜମିଜମା ପଞ୍ଜୀକରଣରୁ ଯେତିକି ରାଜସ୍ୱ ପାଇବା କଥା ତାହା ପାଇ ନାହାନ୍ତି। ୨୦୨୦–୨୧ରେ ରାଜ୍ୟ ସରକାର ୨,୯୪୨ କୋଟି ଟଙ୍କାର ରାଜସ୍ୱ ପଞ୍ଜୀକରଣରୁ ପାଇଥିବାବେଳେ ଏହା ୨୦୨୧–୨୨ରେ ୨,୪୧୯ କୋଟିକୁ ହ୍ରାସ୍ ପାଇଥିଲା। ସେହିପରି ୨୦୨୨–୨୩ରେ ଏହା ହ୍ରାସ୍ ପାଇ ୧,୯୯୭ କୋଟିରେ ପହଞ୍ଚିଥିବାବେଳେ ୨୦୨୩–୨୪ରେ ଟିକିଏ ବଢ଼ି ୨ହଜାର ୧୨୭ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୪–୨୫ ଆର୍ଥିକବର୍ଷ ଏହା ପୁଣି ୧,୯୮୭ କୋଟି ଟଙ୍କାକୁ ହ୍ରାସ୍ ପାଇଥିବା ତଥ୍ୟରୁ ଜଣାଯାଇଛି।

## ଶିକ୍ଷକଙ୍କ ପାଇଁ ଟିଇଟି...

ଦେବା ବାଧ୍ୟତାମୂଳକ। ଯଦି ପରୀକ୍ଷାରେ ପାସ୍ କରି ନ ପାରିବେ ତେବେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ଏହି ରାୟ ଓଟିଇଟି ନିୟମ ଲାଗୁହେବା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଉପରେ ଲାଗୁ କରା ନ ଯାଉ। ଓଟିଇଟି ପରୀକ୍ଷାକୁ ଶିକ୍ଷକ ସଂଘ ସ୍ୱାଗତ କରୁଛି। ଓଟିଇଟି ପରୀକ୍ଷା ଲାଗୁହେବା ପରେ ପ୍ରମୋଶନ୍ ଓ ନିଯୁକ୍ତି କ୍ଷେତ୍ରରେ ଏହି ନିୟମ ଲାଗୁକରାଯାଉ। ପ୍ରମୋସନ କ୍ଷେତ୍ରରେ କୌଣସି ପରିବନ୍ଧକ ରଖା ନ ଯାଉ। ଏହା ବିରୋଧରେ ଶିକ୍ଷକ ସଂଘ ପକ୍ଷରୁ ଚ୍ୟାଲେଞ୍ଜ କରାଯିବ।

ସେହିପରି ଓଡିଶା ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କୁହନ୍ତି, ଯେଉଁ ଶିକ୍ଷକମାନେ ଆର୍‌ଟିଇ ନିୟମରେ ନିଯୁକ୍ତ ପାଇଥିବେ କିମ୍ବା ସେପ୍ଟେମ୍ବର ୨୦୧୧ ପରେ ନିଯୁକ୍ତି ହୋଇଥିବେ, ସେମାନେ ୨ବର୍ଷ ମଧ୍ୟରେ ଟିଇଟି ପରୀକ୍ଷା ଦେବେ। ୨୦୧୧ ମସିହା ପୂର୍ବରୁ ଏବଂ ପରେ ଯେଉଁ ଶିକ୍ଷକମାନେ ପଦୋନ୍ନତି ପାଇଥିବେ, ସେମାନେ ଟିଇଟି ପରୀକ୍ଷା ଦେଲେ ତାଙ୍କର ପଦୋନ୍ନତି ହେବ। ପଦୋନ୍ନତି ପାଇଁ ଟିଇଟି ପରୀକ୍ଷାର ଆବଶ୍ୟକତା ରହିଛି। ଏହି ରାୟ ମହାରାଷ୍ଟ୍ର ଶିକ୍ଷକଙ୍କ ପାଇଁ ରହିଛି। ଏଥିପାଇଁ ଓଡିଶାର ଶିକ୍ଷକମାନେ ବ୍ୟସ୍ତ ହେବାର ନାହିଁ।

## ଗ୍ରୋସେରି ଦୋକାନୀଙ୍କୁ...

କରିବା, ଋଣ ପାଇବା କିମ୍ବା ଟିକସ ଫାଙ୍କିବା ଆଦି ପାଇଁ ଅନ୍ୟ ଜଣଙ୍କର ପାନ୍ ବିବରଣୀକୁ ବ୍ୟବହାର କରିଥାନ୍ତି। ସାଧାରଣତଃ ଅପ୍ରତ୍ୟାଶିତ ଭାବେ ଟିକସ ନୋଟିସ ଆସିବା ପରେ ଯାଇ ପୀଡ଼ିତମାନେ ଏପରି ଠକେଇର ସମ୍ମୁଖୀନ ହୋଇଥିବା ନେଇ ଜାଣିପାରିଥାନ୍ତି। ଏପରି ବିପଦକୁ କମ୍ କରିବା ପାଇଁ ନିୟମିତ ଭାବେ କ୍ରେଡିଟ୍ ରିପୋର୍ଟକୁ ଯାଞ୍ଚ କରିବା ଓ ଆଧାର ସହ ପାନ୍ କାର୍ଡକୁ ଲିଙ୍କ୍ କରିବା ନିତାନ୍ତ ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ହସଖୁସିରେ କଟିବା ସହ ସାମାଜିକ ସ୍ତରରେ ସମ୍ମାନର ଅଧିକାରୀ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଏବଂ ସମସ୍ୟା ମଧ୍ୟ ସମାଧାନ ହେବ। ଅଶ୍ୱିନୀ ନକ୍ଷତ୍ର ସକାଶେ ବିଶେଷ ଭ୍ରମଣଜନିତ ଅବସାଦ ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟ କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିବାର ସୂଚନା ପରିଲକ୍ଷିତ ହେବ।

**ବୃଷ** ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନୁଷ୍ଠାନିକ କାମ ସକାଶେ ଧାଁ ଦୌଡ଼ କରିବାକୁ ପଡ଼ିପାରେ। ଯାତ୍ରା ସମୟରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ମୃଗଶିରା ନକ୍ଷତ୍ର ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବା ଆଶା ରହିଛି।

**ମିଥୁନ** ଆରଦ୍ରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସମ୍ପନ୍ନ କରିବେ। ଅର୍ଥନୈତିକ କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେବ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ଅଯଥା ପାରିବାରିକ ବାତାବରଣକୁ ଅସ୍ଥିର କରିପାରନ୍ତି। ଜମିଜମା ସମ୍ପର୍କିତ ସମସ୍ୟା, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, କାମରେ ପ୍ରତୀକ୍ଷାକୁ କେନ୍ଦ୍ରକରି କ୍ଷୋଭ ପ୍ରକାଶ କରିବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ଆଜି କାର୍ଯ୍ୟବ୍ୟସ୍ତତା କାରଣରୁ ଘର କାମ କରିବାକୁ ସମୟ ପାଇବେ ନାହିଁ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଦୁଶ୍ଚିନ୍ତା ଦୂରହେବ। ବନ୍ଧୁ ଗହଣରେ ଆକସ୍ମିକ ଜଣେ ପ୍ରିୟଜନଙ୍କ ଦେଖା ମନକୁ ହାଲୁକା କରିଦେବ। ଆଜିର ଯାତ୍ରା, ବ୍ୟବସାୟିକ ସ୍ଥିତି ଏବଂ ଫଳପ୍ରଦ ଆଲୋଚନାରୁ ଖୁସି ଅନୁଭବ କରିବେ।

**ସିଂହ** ନିଜର କେତେକ କାମକୁ ପରିବାରର ସଦସ୍ୟ ମାନେ ମଧ୍ୟ ବିରୋଧ କରିପାରନ୍ତି। ଭୁଲ୍ ବୁଝାମଣା ଲାଗି ରହିବା କାରଣରୁ ବନ୍ଧୁବର୍ଗରେ ମଧ୍ୟ ଅଶାନ୍ତ ବାତାବରଣ ସୃଷ୍ଟିହେବ। ଅବଶ୍ୟ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଚନ୍ଦ୍ରଙ୍କ ପ୍ରଭାବରୁ ବ୍ୟୟବହୁଳ କରାଇ କାମ ହାସଲ କରିବେ।

**କନ୍ୟା** ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସମସ୍ୟାର ସମାଧାନ କ୍ଷେତ୍ରରେ କିଛିନା କିଛି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ। ନିଜ ନିଜର ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** ଆଜି ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗକରିବା କଷ୍ଟ ହେବ। ସ୍ୱାତୀ ନକ୍ଷତ୍ର ସମ୍ପର୍କୀୟଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, କଳା, ସାହିତ୍ୟ, ସଙ୍ଗୀତ ସମାରୋହରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ବିଛା** ଅନୁରାଧା ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଆସିପାରେ। ସଭାସମିତି, ବନ୍ଧୁମିଳନ, ଆନୁଷ୍ଠାନିକ କାର୍ଯ୍ୟ ଓ ମନୋରଞ୍ଜନାଦି କାମରେ ସଫଳତା ହାସଲ କରିବେ।

**ଧନୁ** ଆଜି ଶାରୀରିକ ସୁସ୍ଥତା ସହ ବ୍ୟବସାୟିକ ଦିଗରେ ମଧ୍ୟ ସଫଳତା ମିଳିବ। ମୂଳା ନକ୍ଷତ୍ର ସକାଶେ ଈର୍ଷା ପରାୟଣ ବନ୍ଧୁଙ୍କ କାର୍ଯ୍ୟ ଅସନ୍ତୋଷଜନକ ରହିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇପାରନ୍ତି। ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନିତ ହେବେ।

**ମକର** ଆଜି ଚନ୍ଦ୍ରଙ୍କ ଶୁଭତ୍ୱ ପ୍ରତ୍ୟେକ କାର୍ଯ୍ୟରେ ସଫଳତା, ବୈଷୟିକ ଅଭିବୃଦ୍ଧି ଓ ସମସ୍ୟା ସମାଧାନରେ ସହାୟକ ହେବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ପରିଜନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗି ରହିବ।

**କୁମ୍ଭ** ଆଜି ପୂର୍ବଭାଦ୍ରପଦ ନକ୍ଷତ୍ର ବନ୍ଧୁମିଳନ ସହ ଦେବଦର୍ଶନ, ପୂଜାର୍ଚ୍ଚନା ଦିଗରେ ନିଷ୍ଠାବାନ୍ ହୋଇପାରନ୍ତି। ପାରିବାରିକ ସ୍ତରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ରାଜନୈତିକ ପରିସ୍ଥିତି କ୍ରମଶଃ ଜଟିଳ ହୋଇପାରେ।

**ମୀନ** ଆଜି ବନ୍ଧୁଙ୍କ ସହ ନୂତନ କର୍ମାରମ୍ଭ ସକାଶେ ଲାଗି ପଡ଼ିବେ। ରେବତୀ ନକ୍ଷତ୍ର ଆଧ୍ୟାତ୍ମିକ ଗ୍ରହ ପ୍ରଭାବରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଦିଗକୁ ମନ ବଳାଇପାରନ୍ତି। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ।

ଆଜି ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ, ମଥୁରାହାଟ ଜୁର, ମଥୁରାବିଜୟ ଯାତ୍ରା, ଭାଦ୍ରବ ଶୁକ୍ଳ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର–ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ରାହୁକାଳ।

# ଭାରତର ସେମିକଣ୍ଡକ୍ଟର ବିପ୍ଳବ


ଅଶ୍ୱିନୀ ବୈଷ୍ଣବ

ପ୍ରାରମ୍ଭିକ ଦିନଗୁଡ଼ିକରେ କମ୍ପ୍ୟୁଟରଗୁଡ଼ିକ ବିଶାଳ ମେଶିନ ଥିଲା, ଯାହା ପ୍ରାୟତଃ ଗୋଟିଏ କୋଠରିକୁ ଅଧିକାର କରୁଥିଲା। ସେହି ସମୟରେ ସେଗୁଡ଼ିକ ହଜାର ହଜାର ଭାକ୍ୟୁମ ଟ୍ୟୁବ୍ ଦ୍ୱାରା ଚାଲୁଥିଲା ଏବଂ 'ଅନ୍-ଅଫ୍' ସ୍ୱିଚ୍ ପରି କାମ କରୁଥିଲା, ଯାହାକି ଆଜି ଆମେ ବ୍ୟବହାର କରୁଥିବା ଚମକଦାର ଡିଭାଇସ୍‌ଠାରୁ ଅଧିକ ପୁରୁଣା ଟେଲିଫୋନ୍ ଏକ୍ସଚେଞ୍ଜ ପରି ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଆପଣଙ୍କ ନଖଠାରୁ ଛୋଟ ଏକ ଚିପ୍ ଭିତରେ ଅଧିକ ଶକ୍ତି ରହିଛି ଯାହା ବିଲିୟନ ଟ୍ରାଞ୍ଜିଷ୍ଟର ଦ୍ୱାରା ଚାଳିତ। ଏହି ଚିପ୍‌ଗୁଡ଼ିକ ଆପଣଙ୍କ ମୋବାଇଲ ଫୋନ୍, କାର୍, ଟ୍ରେନ୍, ଫ୍ରିଜ୍, ଟିଭି, ସ୍କୁଟି, ଫ୍ୟାକ୍ସ ମେଶିନ, ବିମାନ ଏବଂ ମହାକାଶରେ ଥିବା ସାଟେଲାଇଟ୍‌ଗୁଡ଼ିକୁ ଚଳାଇଥାଏ। ଏହା ଏତେ ଛୋଟ ଯେ, ଏବେ ଏହା ଏକ ସ୍ମାର୍ଟମୁଦି ମାଧ୍ୟମରେ ଆପଣଙ୍କ ଆଙ୍ଗୁଠିରେ ରହି ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟାବସ୍ଥାକୁ ଟ୍ରାକ୍ କରିପାରୁଛି। ଏହା ହେଉଛି ସେମିକଣ୍ଡକ୍ଟରର ଯାଦୁ।

## ପ୍ରଗତି ପାଇଁ ସେମିକଣ୍ଡକ୍ଟର

ଏକ ରାଷ୍ଟ୍ରର ବିକାଶ ପାଇଁ, ତାହାର ବୃଦ୍ଧିକୁ ଆକାର ଦେଉଥିବା ମୁଖ୍ୟ କ୍ଷେତ୍ରଗୁଡ଼ିକରେ ଦକ୍ଷତା ହାସଲ କରିବା ଅତ୍ୟାବଶ୍ୟକ। ଏହି ମୌଳିକ କ୍ଷେତ୍ରଗୁଡ଼ିକ ମଧ୍ୟରେ ଷ୍ଟିଲ୍, ବିଦ୍ୟୁତ୍, ଟେଲିକମ୍, ରସାୟନ, ପରିବହନ ଏବଂ ସେମିକଣ୍ଡକ୍ଟର ରହିଛି। ସେମିକଣ୍ଡକ୍ଟର ହେଉଛି ସେହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ କ୍ଷେତ୍ର। ଆମେ ବ୍ୟବହାର କରୁଥିବା ପ୍ରାୟ ସବୁଥିରେ, ଯେପରିକି ସ୍ମାର୍ଟଫୋନ୍, କାର୍, ଟ୍ରେନ୍, ଚିକିତ୍ସା ଉପକରଣ, ପ୍ରତିରକ୍ଷା ବ୍ୟବସ୍ଥା, ବିଦୁତ୍ ଗ୍ରୀଡ୍, ସାଟେଲାଇଟ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା ଆଦିରେ ଲୁଚି ରହିଥିବା ଇଞ୍ଜିନ ହେଉଛନ୍ତି ସେମାନେ। ସେମିକଣ୍ଡକ୍ଟର ଶିଳ୍ପ ହେଉଛି ଏକ ମୌଳିକ ଏବଂ କୌଶଳଗତ ଶିଳ୍ପ। ଯେପରି ଇସ୍ପାତ କାରଖାନା, ପୋଲ ଓ ରେଳପଥ ନିର୍ମାଣର ଆଧାର ହୋଇଥାଏ, ସେହିପରି ସେମିକଣ୍ଡକ୍ଟର ଡିଜିଟାଲ ଅର୍ଥନୀତିର ଭିତ୍ତିଭୂମି। ଚିପ୍ ବିନା ଆଧୁନିକ ଯୋଗାଯୋଗ, ଡାଟା ପ୍ରୋସେସିଂ, କୃତ୍ରିମ ବୁଦ୍ଧିମତ୍ତା, ଅକ୍ଷୟ ଶକ୍ତି ପ୍ରଣାଳୀ ଏବଂ ସୁରକ୍ଷିତ ପ୍ରତିରକ୍ଷା ବ୍ୟବସ୍ଥା ସମ୍ଭବ ନୁହେଁ। ଯଦି ଗୋଟିଏ ରାଷ୍ଟ୍ର ସେମିକଣ୍ଡକ୍ଟର ଡିଜାଇନ ଓ ଉତ୍ପାଦନ କରିପାରେ ନାହିଁ, ତେବେ ତାକୁ ସ୍ୱାସ୍ଥ୍ୟସେବାଠାରୁ ନେଇ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ ମୌଳିକ ଆବଶ୍ୟକତା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥାଏ। ତେଣୁ, ସେମିକଣ୍ଡକ୍ଟରରେ ଶକ୍ତିଶାଳୀ ହେବା ଏକ ଶିଳ୍ପଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଆମ ନିଜର ଭବିଷ୍ୟତକୁ ନିଜେ ଆକାର ଦେବାର ସଙ୍କଳ୍ପ।

## ରଣନୈତିକ ଏବଂ ଭୂ-ରାଜନୈତିକ ଆବଶ୍ୟକତା

ଚିପ୍‌ର ମହତ୍ତ୍ୱ କେତେ ଅଧିକ ତାହା କୋଭିଡ୍-୧୯ ମହାମାରୀ ସ୍ପଷ୍ଟ କରିଦେଇଥିଲା। ବିଶ୍ୱ ଚିପ୍ ଯୋଗାଣ ଶୃଙ୍ଖଳା ବିଫଳହେବା କାରଣରୁ ବିଭିନ୍ନ ଶିଳ୍ପର ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଥିଲା। ଏହି ବ୍ୟାଘାତ ହେତୁ ହଜାର ହଜାର କୋଟି ଟଙ୍କାର ଉତ୍ପାଦନ କ୍ଷତି ହୋଇଥିଲା। ଫଳରେ ଅଟୋ ଶିଳ୍ପ, ନେଟ୍‌ୱାର୍କିଂ ଡିଭାଇସ୍, ଘରୋଇ ଇଲେକ୍ଟ୍ରୋନିକ୍ସ ଆଦି କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲେ। ସେମିକଣ୍ଡକ୍ଟର ଆଜି ବିଶ୍ୱ ଭୂ-ରାଜନୀତିର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ଚିପ୍ ନିର୍ମାଣ କେବଳ କିଛି ଅଞ୍ଚଳରେ କେନ୍ଦ୍ରୀଭୂତ ହେବା ହେତୁ ଛୋଟରୁ ଛୋଟ ବ୍ୟାଘାତ ମଧ୍ୟ ବିଶ୍ୱବ୍ୟାପୀ ପ୍ରଭାବ ପକାଇପାରେ। କେଉଁଠି ବିଦ୍ୟୁତ୍ ସେବାରେ ବ୍ୟାଘାତ କିମ୍ବା ଅନ୍ୟ କେଉଁଠି କାରଖାନାରେ ଦୁର୍ଘଟଣା ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳକୁ ବାଧାଗ୍ରସ୍ତ କରିପାରେ। ଏହା କେବଳ ଶିଳ୍ପଗୁଡ଼ିକୁ ଧୀମା କରିଦେଉନାହିଁ, ବରଂ ବିଶ୍ୱ ଅର୍ଥନୀତି ଓ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରୁଛି।

'ବିରଳ ଭୂ-ଚୁମ୍ବକ' (Rare Earth Magnet) ଉପରେ ସାମ୍ପ୍ରତିକ ଧ୍ୟାନ ଏକ କଟୁ ସତ୍ୟକୁ ମନେପକାଇଦିଏ ଯେ, ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଉପରେ ନିୟନ୍ତ୍ରଣ କିପରି ବିଶ୍ୱ ଶକ୍ତିକୁ ଆକାର ଦେଇପାରେ। ସେହିପରି, ସେମିକଣ୍ଡକ୍ଟର ଡିଜିଟାଲ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ହୋଇପଡ଼ିଛି।

## ଚାହିଦା ବୃଦ୍ଧି

ଭବିଷ୍ୟତରେ ସେମିକଣ୍ଡକ୍ଟରର ଚାହିଦା ବଢ଼ିବାକୁ ଯାଉଛି। ଆମର ନିଜସ୍ୱ ବୈଦ୍ୟୁତିକ-ଯନ୍ତ୍ର ବ୍ୟବହାର ଓ ଉତ୍ପାଦନ ଅଭୂତପୂର୍ବ ଗତିରେ ବିସ୍ତାରିତ ହେଉଛି। ଆଜି ଭାରତରେ ୬୫ କୋଟିରୁ ଅଧିକ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଅଛନ୍ତି ଏବଂ ଆମର ବୈଦ୍ୟୁତିକ-ଯନ୍ତ୍ର ଉତ୍ପାଦନ ବାର୍ଷିକ ୧୨ ଲକ୍ଷ କୋଟିର ସୀମା ଛୁଇଁପାରୁଛି। ଏହା ସହ ଆମେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)-ଆଧାରିତ ସିଷ୍ଟମ, ଡାଟା ସେଣ୍ଟର ଏବଂ ଇଲେକ୍ଟ୍ରିକ୍ ଯାନବାହନ ବିକାଶ କରୁଛୁ ଯାହା ସେମିକଣ୍ଡକ୍ଟର ଚିପ୍ ଆବଶ୍ୟକ କରେ। ଉଭୟ ଚାହିଦା ଏବଂ ନବୋନ୍ମେଷରେ ଏହି ଉତ୍ଥାନ କାରଣରୁ ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ନିଜର ସ୍ଥାନ ସୁରକ୍ଷିତ କରିବା ଭାରତ ପାଇଁ ଆବଶ୍ୟକ ହୋଇ ପଡ଼ିଛି।

## ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଭବିଷ୍ୟତ

ଦଶନ୍ଧି ଧରି ଭାରତକୁ କୁହାଯାଉଥିଲା ଯେ ଏହା ସେମିକଣ୍ଡକ୍ଟରରେ ବସ୍ ମିସ୍ କରିଛି। ଏହା ଆଉ ସତ୍ୟ ନୁହେଁ। 'ଭାରତ ସେମିକଣ୍ଡକ୍ଟର ମିଶନ' ଅଧୀନରେ ୧୦ଟି ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଅନୁମୋଦନ ମିଳିଛି, ଯାହାଫଳରେ ପ୍ଲାଣ୍ଟଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଅଗ୍ରସର ହେଉଛି।

ଆଜି, ଆମେ ଆତ୍ମବିଶ୍ୱାସର ସହ କହିପାରିବା ଯେ, ଚଳିତ ବର୍ଷ ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍ ଉତ୍ପାଦନ ହେବ। ସାନନ୍ଦର ଏକ ୟୁନିଟ୍‌ରେ ପାଇଲଟ ଉତ୍ପାଦନ ଲାଇନ ଆରମ୍ଭ ହୋଇସାରିଛି ଏବଂ ୧ ବର୍ଷ ମଧ୍ୟରେ ଆମେ ଆଉ ଚାରୋଟି ୟୁନିଟ୍ ଉତ୍ପାଦନ ଆରମ୍ଭ କରିବା ପାଇଁ ଆଶା ରଖିଛୁ।

ଆପ୍ଲାଇଡ୍ ମେଟେରିଆଲ୍ସ , ଲାମ୍ ରିସର୍ଚ୍ଚ, ମର୍କ ଏବଂ ଲିଣ୍ଡେ ଭଳି ବିଶ୍ୱ ନେତାମାନେ ସହାୟକ ଫ୍ୟାକ୍ଟ୍ରି ଏବଂ ଯୋଗାଣ ଶୃଙ୍ଖଳାରେ ନିବେଶ କରୁଛନ୍ତି। ଏହି ଆଭିମୁଖ୍ୟ ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ଶିଳ୍ପର ଦୀର୍ଘକାଳୀନ ବୃଦ୍ଧି ଉପରେ ଧ୍ୟାନକୁ ପ୍ରତିଫଳିତ କରେ। ଅତିକମ୍ ସମୟ ମଧ୍ୟରେ ଏହି ବ୍ୟାପକ ସଫଳତା ଅନେକ କାରଣରୁ ମିଳିଛି। ସେଥିମଧ୍ୟରୁ ଆମ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ ଦୃଷ୍ଟିକୋଣ, କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ଧ୍ୟାନ, ପେସାଦାରଙ୍କ ହାତରେ ନିଷ୍ପତ୍ତି ଗ୍ରହଣ କ୍ଷମତା, ଆନ୍ତର୍ଜାତିକ ସହଯୋଗ ଏବଂ ରାଜ୍ୟ ସରକାରଙ୍କ ଦୃଢ଼ ସମର୍ଥନ ଅନ୍ୟତମ। ଭାରତ ଭବିଷ୍ୟତ ଆଡ଼କୁ ଦ୍ରୁତବେଗରେ ଗତିମାନ ହୋଇଛି। ଆମର ଡିଜାଇନ ଏବଂ ପ୍ରତିଭା ପୁଲ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

## ଡିଜାଇନ ଏବଂ ପ୍ରତିଭା: ଭାରତର ରଣନୈତିକ ସୁବିଧା

ନୀତି ଏବଂ ନିବେଶ ଭାରତର ପ୍ରକୃତ ଶକ୍ତି – ଏହା ଲୋକମାନଙ୍କୁ ସଶକ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଭାରତରେ ବିଶ୍ୱର ୨୦%ରୁ ଅଧିକ ଡିଜାଇନ କର୍ମଚାରୀ ରହିଛନ୍ତି। ଏକ ଆକଳନ ଅନୁଯାୟୀ, ଆଗାମୀ ଦଶକର ଆରମ୍ଭ ସୁଦ୍ଧା ବିଶ୍ୱରେ ୧ ମିଲିୟନରୁ ଅଧିକ ସେମିକଣ୍ଡକ୍ଟର ପେସାଦାରଙ୍କ ଅଭାବ ଦେଖାଦେବ। ଭାରତ ଏହି ଅଭାବ ପୂରଣ କରିବାକୁ ପ୍ରସ୍ତୁତ ହେଉଛି।

୩୫୦ ଅନୁଷ୍ଠାନ ଏବଂ ଷ୍ଟାର୍ଟଅପ୍‌ରେ ୬୦,୦୦୦ରୁ ଅଧିକ ବ୍ୟବହାରକାରୀ ଭାରତ ସରକାରଙ୍କ ଦ୍ୱାରା ମାଗଣାରେ ପ୍ରଦାନ କରାଯାଇଥିବା ବିଶ୍ୱସ୍ତରୀୟ ଇଲେକ୍ଟ୍ରୋନିକ ଡିଜାଇନ ଅଟୋମେସନ (ଇଡିଏ) ଟୁଲ୍ସ ବ୍ୟବହାର କରୁଛନ୍ତି। କେବଳ ୨୦୨୫ରେ, ଏହାର ବ୍ୟବହାର ୧.୨ କୋଟି ଘଣ୍ଟା ଅତିକ୍ରମ କରିଛି।

ସରକାରଙ୍କ ଦୃଢ଼ ସମର୍ଥନ ସହ ଷ୍ଟାର୍ଟଅପ୍‌ଗୁଡ଼ିକ ଭାରତର ଚିପ୍ ଡିଜାଇନ ଇକୋସିଷ୍ଟମକୁ ଶକ୍ତି ଯୋଗାଉଛନ୍ତି। ମାଇଣ୍ଡଗ୍ରୋଭ ଟେକ୍ନୋଲୋଜିସ୍ ,ଆଇଆଇଟି ମାଡ୍ରାସ୍‌ରୁ ଉଦ୍ଭାବିତ ସ୍ୱଦେଶୀ 'ଶକ୍ତି' ପ୍ରୋସେସର ଉପରେ ଆଧାରିତ ଆଇଓଟି ଚିପ୍ ବିକାଶ କରୁଛି।

ନେତ୍ରାସେମି ନାମକ ଏକ ଷ୍ଟାର୍ଟଅପ୍, ସାମ୍ପ୍ରତିକ ୧୦୭ କୋଟି ଟଙ୍କାର ରେକର୍ଡ ଫଣ୍ଡିଂ ହାସଲ କରିଛି। ଏହା ଭାରତର ସେମିକଣ୍ଡକ୍ଟର ଡିଜାଇନ କ୍ଷେତ୍ରରେ ସବୁଠାରୁ ବଡ଼ ଭିସି ନିବେଶ ମଧ୍ୟରୁ ଗୋଟିଏ, ଯାହା ଏହି କ୍ଷେତ୍ରରେ ନିବେଶକମାନଙ୍କ ବୃଦ୍ଧି ପାଉଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ଭାରତ ସରକାରଙ୍କ ଡିଜାଇନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ (ଡିଏଲ୍‌ଆଇ) ଯୋଜନା ଅଧୀନରେ ଏହିପରି ଅନେକ ଷ୍ଟାର୍ଟଅପ୍‌କୁ ବିକଶିତ କରାଯାଉଛି।

## କ୍ଲାସରୁମ୍‌ରୁ କ୍ଲିନ୍‌ରୁମ୍‌କୁ ଯାତ୍ରା

ମୋହାଲିରେ ଥିବା ସେମିକଣ୍ଡକ୍ଟର ଲାବରେଟୋରି (ଏସ୍‌ସିଏଲ୍)ରେ ୧୭ଟି ଅନୁଷ୍ଠାନର କଲେଜ ଛାତ୍ରୀଛାତ୍ରମାନେ ଇତିମଧ୍ୟରେ ୨୦ଟି ଚିପ୍ ଉତ୍ପାଦନ କରିଛନ୍ତି। ଆଗାମୀ ମାସଗୁଡ଼ିକରେ ଆହୁରି ଅନେକ ଚିପ୍ ଉତ୍ପାଦନ ହେବ। ଏହି ପ୍ରକାରର ପ୍ରତିଭା ବିକାଶ ଭାରତକୁ ସେମିକଣ୍ଡକ୍ଟର ଶିଳ୍ପରେ ଦୃଢ଼ ସ୍ଥାନରେ ପହଞ୍ଚାଇବ। ଭାରତର ଯୁବ ପ୍ରତିଭା ଯେମିତି କ୍ଲାସ୍‌ରୁମ୍‌ରୁ କ୍ଲିନ୍‌ରୁମ୍‌କୁ ଯାତ୍ରା କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଏସ୍‌ସିଏଲ୍‌କୁ ମଧ୍ୟ ଆଧୁନିକୀକରଣ କରାଯାଉଛି।।

ପ୍ରସିଦ୍ଧ ବୈଶ୍ୱିକ କମ୍ପାନୀ ମଧ୍ୟ ଭାରତୀୟ ପ୍ରତିଭାଙ୍କ ଉପରେ ନିବେଶ କରୁଛନ୍ତି। ଲାମ୍ ରିସର୍ଚ୍ଚ ଭାରତରେ ୬୦,୦୦୦ ଇଞ୍ଜିନିୟରଙ୍କୁ ତାଲିମ ଦେବାକୁ ଯାଉଛି। ଆପ୍ଲାଏଡ୍ ମ୍ୟାଟେରିଆଲ୍ସ, ଏଏମ୍‌ଡି ଏବଂ ମାଇକ୍ରୋଚିପ୍ ଆର୍‌ଏଣ୍ଡଡି ପାଇଁ ୧.୧ ବିଲିୟନ ଡଲାର ନିବେଶର ପ୍ରତିଶ୍ରୁତି ଦେଇଛନ୍ତି। ଆଇଆଇଏସ୍‌ସି, ଆଇଆଇଟି, ଏବଂ ଅନ୍ୟମାନଙ୍କ ସହ ଭାଗୀଦାରି ଲାବ୍-ଟୁ-ଫ୍ୟାବ୍ କର୍ମଚାରୀ ପୁଲ୍ ତିଆରିକୁ ନିଶ୍ଚିତ କରୁଛି। ଭାରତ ମଧ୍ୟ ଆମେରିକା, ଜାପାନ, ୟୁରୋପୀୟ ସଂଘ ଏବଂ ସିଙ୍ଗାପୁର ସହ ମିଳିତ ଭାବେ ଭବିଷ୍ୟତ ପାଇଁ-ପ୍ରସ୍ତୁତ ପ୍ରତିଭା ଗଢ଼ିବା ନିମନ୍ତେ କାମ କରୁଛି। ସ୍ଥାନୀୟ ପ୍ରତିଭା ଏବଂ ବିଶ୍ୱ ସହଯୋଗର ଏହି ମିଶ୍ରଣ ନିଶ୍ଚିତ କରୁଛି ଯେ ଭାରତ କେବଳ ନିଜ ପାଇଁ ନୁହେଁ, ବରଂ ବିଶ୍ୱ ଲାଗି ମଧ୍ୟ ନିର୍ମାଣ କରୁଛି।

## ଡିଜିଟାଲ ଇଣ୍ଡିଆରୁ ସେମିକନ୍ ଇଣ୍ଡିଆ

ଭାରତର ସେମିକଣ୍ଡକ୍ଟର ଯାତ୍ରା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବୃହତ୍ ଦୃଷ୍ଟିକୋଣର ଏକ ଅଂଶ। ଏହା ଡିଜିଟାଲ ଇଣ୍ଡିଆ ମିଶନରୁ ଆରମ୍ଭ ହୋଇ, ଡିଜିଟାଲ ଭିତ୍ତିଭୂମି ନିର୍ମାଣ ସହ ନାଗରିକମାନଙ୍କୁ ସଶକ୍ତ କରିଛି। ଇଣ୍ଡିଆ ଷ୍ଟାକ୍, ୟୁପିଆଇ, ଆଧାର ଏବଂ ଆମର ଟେଲିକମ୍ ନେଟ୍‌ୱର୍କ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଯୁକ୍ତିର ଶକ୍ତି ପ୍ରଦାନ କରିଛି। ଏହାସହ ଆମେ ଆମର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମକୁ ମଜଭୁତ କରିଛୁ। ଏବେ ଆମେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ ଉପାଦାନ ଏବଂ ଉପକରଣ ପାଇଁ ଉତ୍ପାଦନ ଇକୋସିଷ୍ଟମ ବିକାଶ କରୁଛୁ।

ଆଜିଠୁ ଆରମ୍ଭ ହେଉଥିବା ସେମିକନ୍ ଇଣ୍ଡିଆ ସମ୍ମିଳନୀ ୨୦୨୫, ଏହି ଯାତ୍ରାର ନିରନ୍ତରତାକୁ ସୂଚିତ କରୁଛି। ପ୍ରଧାନମନ୍ତ୍ରୀ ଆଜି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ବର୍ଷ ପ୍ରାୟ ୪୮ଟି ଦେଶରୁ ୫୦୦ରୁ ଅଧିକ ବିଶ୍ୱସ୍ତରୀୟ ଶିଳ୍ପ ନେତାମାନେ ଅଂଶଗ୍ରହଣ କରୁଛନ୍ତି, ଯାହା ଗତ ବର୍ଷ ପ୍ରାୟ ୧୦୦ ଥିଲା। ଅନିଶ୍ଚିତତା ସହ ସଂଘର୍ଷ କରୁଥିବା ବିଶ୍ୱ ପାଇଁ ସ୍ଥିର ଭାରତ ଏକ ଆଶାର କିରଣ।

ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଏବଂ ମାଲେସିଆର ସମର୍ପିତ ପ୍ୟାଭିଲିୟନଗୁଡ଼ିକ ଅର୍ଥପୂର୍ଣ୍ଣ ସହଯୋଗକୁ ଆଗେଇନେବେ। ଆମେ ବିଶ୍ୱର ଶିଳ୍ପଜଗତ ଏବଂ ଯୁବ ପ୍ରତିଭାଙ୍କ ମଧ୍ୟରେ ବି-ଟୁ-ବି ଆଲୋଚନା, ବୁଝାମଣା, ଏବଂ ଭାଗୀଦାରି ମଧ୍ୟ କରିବୁ।

## 'ଉତ୍ପାଦ ରାଷ୍ଟ୍ର'

ଆମର ଲକ୍ଷ୍ୟ ହେଉଛି ଭାରତକୁ ଏକ ଉତ୍ପାଦନଭିତ୍ତିକ ରାଷ୍ଟ୍ରରେ ପରିଣତ କରିବା। ଆମ ସେମିକଣ୍ଡକ୍ଟର କାରଖାନାର ଉତ୍ପାଦ ଟେଲିକମ୍, ଆଟୋମୋଟିଭ, ଡାଟା ସେଣ୍ଟର, ଗ୍ରାହକ ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସ ପରି ଜରୁରୀ କ୍ଷେତ୍ରଗୁଡ଼ିକୁ ସେବା ଯୋଗାଇବ। କେବଳ ଭାରତ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ। ଆଗାମୀ ଦଶକ ମଧ୍ୟରେ ଆମର ସେମିକଣ୍ଡକ୍ଟର ୟୁନିଟ୍‌ଗୁଡ଼ିକ ପରିପକ୍ୱତା ଏବଂ ବିସ୍ତାର ହାସଲ କରିବେ। ଭାରତ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳା ପାଇଁ ଏକ ପ୍ରତିଯୋଗୀ କେନ୍ଦ୍ର ଭାବେ ଉଭାହେବାକୁ ପ୍ରସ୍ତୁତ।

**– ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

# ୮ରୁ ଆର୍‌ଆଇ, ଅମିନ ପରୀକ୍ଷା

**ଭୁବନେଶ୍ୱର,୧୯(ସୁଚିସ୍ମିତା ସାହୁ)**

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ), ଏସ୍‌ଏଫ୍‌ଏସ୍ ଏବଂ ଆଇସିଡିଏସ୍ ସୁପରଭାଇଜର ପଦ ପାଇଁ ପ୍ରିଲିମ ପରୀକ୍ଷା ଅକ୍ଟୋବର ୮ରୁ ଆରମ୍ଭ ହେବ। ଏହା ନଭେମ୍ବର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିପାରେ। ଏ ସମ୍ପର୍କରେ ଆୟୋଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ପରୀକ୍ଷା ତାରିଖ, ସ୍ଥାନ ଏବଂ କେନ୍ଦ୍ର ସମ୍ପର୍କିତ ତଥ୍ୟ ପ୍ରବେଶ ପତ୍ରରେ ଉଲ୍ଲେଖ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଏସବୁ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନ ଧରି ଆନ୍ଦୋଳନ ଓ ବିରୋଧ ହେବାରୁ ପ୍ରିଲିମ ପରୀକ୍ଷାରେ ସମସ୍ତ ବିଦ୍ୟାର୍ଥୀଙ୍କୁ ପାସ୍ କରିଦିଆଯାଇଥିଲା। ହେଲେ କେତେଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅନିୟମିତତା ଯୋଗୁ ପରୀକ୍ଷାକୁ ରଦ୍ଦ କରିବାକୁ ନେଇ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟ ଏହାର ସାନି ପରୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ପାଇଁ ଆବେଦନ ୮କୁ ବୃଦ୍ଧି

**ଭୁବନେଶ୍ୱର,୧୯(ସୁଚିସ୍ମିତା ସାହୁ)**

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ରହିଥିଲା। ସାମ୍ବାଦିକଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଯୋଜନା ଦ୍ୱାରା କର୍ମଜୀବୀ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଚଳିତ ବର୍ଷ ନୂତନ ଏବଂ ନବୀକରଣ ନିମନ୍ତେ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ଇଚ୍ଛୁକ ସାମ୍ବାଦିକମାନେ www.owjws.odisha.gov.inରେ ଆବେଦନ କରିପାରିବେ।




# 'ଓଡ଼ିଶା ଯାତ୍ରୀ' ଆପ୍‌ରେ ଆମ ବସ୍, ଚିଲିକା ବୋଟିଂ ପାଇଁ ମିଳିବ ଟିକେଟ

**ଭୁବନେଶ୍ୱର, ୧୯ (ବନ୍ଦନା ସେଠୀ)**

'ଓଡ଼ିଶା ଯାତ୍ରୀ' ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡା ଚିଲିକା ବୋଟିଂ ପାଇଁ ଯାତ୍ରୀମାନେ ଟିକେଟ କିଣିପାରିବେ। ପର୍ଯ୍ୟଟକ ଓ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ ତଥା ସହଜ କରିବା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ନୂଆ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି।

'ଆମ ବସ୍ ସେବା' ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ ବୁକିଂ କରି ଯାତ୍ରୀମାନେ ସୁରକ୍ଷିତ ଯାତ୍ରାର ଲାଭ ପାଇପାରିବେ। ସେହିପରି ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ାଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡ୍ରୋଏଡ୍ ପ୍ଲାଟ୍‌ଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବାବେଳେ ଆଇଓଏସ୍‌ରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକେଟ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଏ ସମ୍ପର୍କରେ ସୂଚନା ଦେଇ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ କହିଛନ୍ତି, 'ଓଡ଼ିଶା ଯାତ୍ରୀ' କେବଳ ଏକ ଡିଜିଟାଲ ସେବା ନୁହଁ, ଯାତ୍ରୀଙ୍କୁ ସାର୍ବଜନୀନ, ଟେକ୍ନୋଲୋଜିଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇ ଦେବାର ସଂକଳ୍ପ। ଏହି ଡିଜିଟାଲ ପ୍ଲାଟ୍‌ଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲିକ୍‌ରେ ଉପଲବ୍ଧ ହୋଇପାରିବ।

# ସାବେରୀ ନଦୀରେ ଫସିଥିବା ବ୍ୟକ୍ତି ସେନା ହେଲିକପ୍ଟର ଯୋଗେ ଉଦ୍ଧାର

**ମାଲକାନଗିରି,୧୯(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଓ ଛତିଶଗଡ଼ ସୀମାରେ ଥିବା ସାବେରୀ ନଦୀରେ ଫସିଥିବା ଇର୍ମା ସୋଡିଙ୍କୁ ସୋମବାର ସୈନ୍ୟବାହିନୀ ହେଲିକପ୍ଟର ଯୋଗେ ଉଦ୍ଧାର କରିଛନ୍ତି। ମାଲକାନଗିରି ଜିଲା କତାମାଟେରୁ ଗ୍ରାମର ଇର୍ମା ଛତିଶଗଡ଼ ସୁକ୍‌ମା ଜିଲାରେ ଥିବା କଦଳୀ ବଗିଚାରେ କାମ କରିବାକୁ ରବିବାର ଯାଇଥିଲେ। ସେ ବିଳମ୍ବିତ ରାତିରେ ଏକ ଦେଶୀ ଡଙ୍ଗାରେ ସାବେରୀ ନଦୀପାର ହୋଇ ଘରକୁ ଫେରୁଥିବା ବେଳେ ପ୍ରଖର ସ୍ରୋତ ଓ ଜଳସ୍ତର ବୃଦ୍ଧି ଯୋଗୁ ଡଙ୍ଗାଟି ଭାରସାମ୍ୟ ହରାଇ ମଝିରେ ଓଲଟି ପଡ଼ିଥିଲା। ଫଳରେ ଇର୍ମା ନଦୀ ମଝିରେ ଥିବା ଏକ ଗଛ ଡାଳକୁ ଧରି ଫସି ରହିଥିଲେ। ପରେ କୌଣସି ଉପାୟରେ ନିକଟରେ ଥିବା ଏକ ପଥର ଉପରେ ଜୀବନ ବିକଳରେ ରାତିସାରା ବସି ରହିଥିଲେ। କିନ୍ତୁ ପ୍ରଖର ସ୍ରୋତ ଥିବାରୁ କୂଳକୁ ଆସିପାରି ନ ଥିଲେ। ସକାଳୁ କେତେକ ଲୋକ ଇର୍ମା ନଦୀ ମଧ୍ୟରେ ଫସି ରହିଥିବା ଦେଖି ତୁରନ୍ତ ସ୍ଥାନୀୟ ସରପଞ୍ଚଙ୍କୁ ଏନେଇ ଖବର ଦେଇଥିଲେ। ସରପଞ୍ଚ ପଡିଆ ଦମକଳ କେନ୍ଦ୍ରକୁ ଖବର ଦେବାସହ ସ୍ଥାନୀୟ ବିଧାୟକ ଓ ପ୍ରଶାସନକୁ ଅବଗତ କରାଇଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଘଟଣାସ୍ଥଳରେ ପହଞ୍ଚି ଏ ନେଇ ଛତିଶଗଡ଼ ପ୍ରଶାସନ ସହ ଆଲୋଚନା କରିଥିଲେ। ନଦୀରେ ପ୍ରଖର ସ୍ରୋତ ଯୋଗୁ ଦମକଳ ବାହିନୀ ଇର୍ମାଙ୍କୁ ଉଦ୍ଧାର କରିପାରି ନ ଥିଲା। ପରେ ଛତିଶଗଡ଼ ସରକାର ସିଆରପିଏଫର ଏକ ହେଲିକପ୍ଟର ଯୋଗେ ଇର୍ମାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ବହୁ ଚେଷ୍ଟା ପରେ ତାଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରାଯାଇ ସୁକ୍‌ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।


ଇର୍ମା ସୋଡିଙ୍କୁ ସେନା ହେଲିକପ୍ଟର ଯୋଗେ ଉଦ୍ଧାର କରି ନିଆଯାଉଛି।




ନାସ୍ତିକତା ହେଲା ଭଗବାନଙ୍କ ସମ୍ବନ୍ଧେ ଯେଉଁ ଊର୍ଦ୍ଧ୍ୱତମ ଉପଲବ୍ଧି – ତା'ର ଛାୟା ବା ଅନ୍ଧକାର ଦିଗ । ଆମେ ଭଗବାନଙ୍କର ଯାହା କିଛି ସଂଜ୍ଞା ଦେଉ ନା କାହିଁକି, ପ୍ରତୀକ ହିସାବରେ ସର୍ବଦା ତାହା ସତ୍ୟ ହେଲେ ବି, ଯଦି ଆମେ ତାକୁ ପୂର୍ଣ୍ଣସଂଜ୍ଞା ହିସାବରେ ଗ୍ରହଣକରୁ –ତେବେ ତାହା ମିଥ୍ୟା ହୋଇଯିବ । ନାସ୍ତିକ ଓ ଅଜ୍ଞେୟବାଦୀ ଆମର ଏଇ ଭୁଲଟିକୁ ସ୍ମରଣ କରାଇ ଦିଅନ୍ତି । **–ଶ୍ରୀଅରବିନ୍ଦ**



# ନକଲି ବାଟ

ପ୍ରତିବର୍ଷ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଏମ୍‌ବିବିଏସ୍, ବିଡିଏସ୍ ଏବଂ ଆୟୁଷ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସର୍ବଭାରତୀୟ ସ୍ତରରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) କରାଯାଉଛି । ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ଏହା ୨୦୧୩ରୁ ଆରମ୍ଭ କରାଯାଇ ପ୍ରତିବର୍ଷ ଯୋଗ୍ୟ ପ୍ରାର୍ଥୀଙ୍କୁ ନାମ ଲେଖା ପାଇଁ ଚୟନ କରାଯାଉଛି । ଏହି ପ୍ରକ୍ରିୟାରେ କିଛି ବର୍ଷ ହେବ ଅନେକ ତ୍ରୁଟିକୁ ନେଇ ଅଭିଯୋଗ ଉଠୁଛି । ଚଳିତବର୍ଷ ଅଗଷ୍ଟ ଶେଷ ସପ୍ତାହରେ ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ସହଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନକଲି ନନ୍-ରେସିଡେଣ୍ଟ ଇଣ୍ଡିଆନ(ଏନଆର୍‌ଆଇ) ସାର୍ଟିଫିକେଟରେ ମୁଖ୍ୟତଃ ଘରୋଇ କଲେଜଗୁଡ଼ିକରେ ମେଡ଼ିକାଲ ପାଠ୍ୟକ୍ରମରେ ନାମ ଲେଖାଯାଇଥିବା ଘଟଣାକୁ ସାମ୍ନାକୁ ଆଣିଛି । ଡାକ୍ତରୀ ପାଠ୍ୟକ୍ରମରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମେତ ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ପାଖାପାଖି ୧୮,୦୦୦ ସିଟ୍‌ରେ ନାମଲେଖାଇବା ପାଇଁ ନକଲି ସାର୍ଟିଫିକେଟ ଦାଖଲ ହୋଇଥିବା କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୭୦୬ ମେଡିକାଲ କଲେଜ ମଧ୍ୟରୁ ୩୮୬ଟି ସରକାରୀ ଥିବା ବେଳେ ବେସରକାରୀ ସଂଖ୍ୟା ୩୨୦ । ଏଥିରେ ମୋଟ ୧, ୧୮, ୧୪୮ ସିଟ୍ ରହିଛି । ସେଥିରୁ ସରକାରୀ ହେଉଛି ୫୯,୭୮୨ ଓ ବେସରକାରୀ ସିଟ୍ ସଂଖ୍ୟା ୫୮,୩୬୬ । ଯଦି ନକଲି ସାର୍ଟିଫିକେଟ ଦେଇ ମେଡିକାଲ ସିଟ୍‌ରେ ହେରଫେର କଥାକୁ ଦେଖାଯାଏ, ତେବେ ସମୁଦାୟ ବେସରକାରୀ ସିଟ୍‌ର ପାଖାପାଖି ୩୦ ପ୍ରତିଶତ ଗଡ଼ବଡ଼ ହୋଇଛି । ଏହି ପରିପ୍ରେକ୍ଷୀରେ ମେଡିକାଲ ସିଟ୍‌ର ଆବଣ୍ଟନ ଢାଞ୍ଚାକୁ ଦେଖିଲେ ନିଟ୍ ମାଧ୍ୟମରେ ଆସିଥିବା ମେଧାବୀମାନେ ଦେଶର ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଥାଆନ୍ତି । ଘରୋଇ ମେଡିକାଲକୁ ମିଳିଥିବା ସିଟ୍ ମଧ୍ୟରୁ ଏନ୍‌ଆର୍‌ଆଇ କୋଟା ଥାଏ । ଏହି କୋଟା ସିଟ୍‌ରେ ପାଇବାକୁ ହେଲେ ବିଦେଶରେ ରହୁଥିବା ଏନ୍‌ଆର୍‌ଆଇଙ୍କ ସମ୍ପର୍କୀୟ ଏଠାରେ ସମ୍ପୃକ୍ତ ସିଟ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାଆନ୍ତି । ଏପରିକି ଏହି ସିଟ୍ ହାତେଇବା ଲାଗି ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ଯୋଗାଡ଼ କରିବା ଦେଖାଯାଉଛି । ଏଠାରେ ସ୍ପଷ୍ଟ କରାଯାଇପାରେ ଯେ ଏହି ସିଟ୍ ଯୋଗୁ ମେଧାବୀଙ୍କ ଆସନ ପାଇବାରେ ଫରକ୍ ପଡ଼େ ନାହିଁ । କିନ୍ତୁ ମେରିଟ୍ ଲିଷ୍ଟରେ ଅପେକ୍ଷାକୃତ ତଳେ ଥାଇ ଏନ୍‌ଆର୍‌ଆଇ କୋଟା ପାଇବାକୁ ଯୋଗ୍ୟ ଥିବା ବିଦ୍ୟାର୍ଥୀ ବଞ୍ଚିତ ହୋଇଥାଆନ୍ତି ।

ଏବେ ଧରାଯାଇଥିବା କେତେକ ଘଟଣାକୁ ଯାଞ୍ଚ କରାଯିବାରୁ ଜଣାପଡ଼ିଛି ଯେ, ଅନେକ ସାର୍ଟିଫିକେଟରେ ଆମେରିକାର ନକଲି ରୋଟାରୀ ସିଲ୍ ବ୍ୟବହାର କରାଯାଇଛି । ଏପରିକି ଜଣେ ଏନ୍‌ଆର୍‌ଆଇଙ୍କ ତଥ୍ୟକୁ ତାଙ୍କ ସମ୍ପର୍କ ବାହାରର ଥିବା ଅନେକ ପ୍ରାର୍ଥୀଙ୍କ କ୍ଷେତ୍ରରେ ଉପଯୋଗ କରାଯାଇଛି । ଏଜେଣ୍ଟମାନେ କଲେଜଗୁଡ଼ିକ ସହ ସମ୍ପର୍କ ସ୍ଥାପନ ପୂର୍ବକ ବିପୁଳ ଅର୍ଥ କାରବାରର ସୁଯୋଗ ସୃଷ୍ଟି କରି ଏଭଳି ଠକାମି ପଦ୍ଧତିର ସୂତ୍ରଧର ପାଲଟିଛନ୍ତି । ଏହାକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ପ୍ରତ୍ୟେକେ ଏନ୍‌ଆର୍‌ଆଇ ସାର୍ଟିଫିକେଟ ନାମଲେଖା ପାଇଁ ଯୋଗ୍ୟ କି ନୁହଁ, ତାହା ଯାଞ୍ଚ କରିବା ପାଇଁ ଭାରତୀୟ ଦୂତାବାସଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ସମାନ ଭାବେ ଏମ୍‌ଇଏ ବାହାରେ ଥିବା ତାହାର ମିଶନଗୁଡ଼ିକୁ ନୂତନ ନିର୍ଦ୍ଦେଶନାମା ଜାରି କରି ଦୃଢ଼ ପଦକ୍ଷେପ ନେବା ଲାଗି କୁହାଯାଇଛି ।

ସୂଚନାଯୋଗ୍ୟ ଯେ, ମେଡିକାଲ ଓ ଡେଣ୍ଟାଲ ପାଠ୍ୟକ୍ରମରେ ଏନ୍‌ଆର୍‌ଆଇ କୋଟାରେ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ପଞ୍ଜାବ ସରକାର ସେଠାକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ତାହାକୁ ଅଗ୍ରାହ୍ୟ କରିଦେବା ପରେ ସରକାର ସୁପ୍ରିମକୋର୍ଟରେ ପହଞ୍ଚିଥିଲେ । ୨୫ ସେପ୍ଟେମ୍ବର ୨୦୨୪ରେ ଶୀର୍ଷ କୋର୍ଟ ମଧ୍ୟ ତାହାକୁ ଖାରଜ କରି ଦର୍ଶାଇଥିଲେ ଯେ, ଏହା ହେଉଛି ଟଙ୍କା ରୋଜଗାରର ଏକ ପଦ୍ଧତି । ଯୋଗ୍ୟ ପ୍ରାର୍ଥୀଙ୍କୁ ପଛକୁ ରଖି ଏନ୍‌ଆର୍‌ଆଇ କୋଟାରେ ନାମ ଲେଖାଇବାକୁ ଅନୁମତି ଦିଆଯାଇପାରିବ ନାହିଁ । ଏବେ ଏହି କୋଟା ବନ୍ଦ କରାଯିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ । ସୁପ୍ରିମକୋର୍ଟଙ୍କ ଏହି କଥାକୁ ସ୍ପଷ୍ଟ କରିବାକୁ ହେଲେ ଏଠି କୁହାଯାଇପାରେ ଯେ, ବାସ୍ତବରେ ଅପେକ୍ଷାକୃତ ମେଧାବୀ ଏହାଦ୍ୱାରା ପ୍ରଭାବିତ ହେବେ ।

ଦେଖିବାକୁ ଗଲେ କେବଳ ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ବିଷୟ ନୁହେଁ, ଗତ କିଛି ବର୍ଷ ହେଲା ମେଡିକାଲ ପ୍ରବେଶିକା ପରୀକ୍ଷାରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଆସୁଛି । ନିକଟ ଅତୀତରେ ପ୍ରଶ୍ନପତ୍ର ଲିକ୍ ଠାରୁ ଆରମ୍ଭ କରି ନକଲି ପ୍ରାର୍ଥୀ ଅସଲି ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ଦେବା ବିଷୟ ସାମ୍ନାକୁ ଆସିଥିଲା । ଉଦାହରଣସ୍ୱରୂପ, ୨୦୨୪ରେ ରାଜସ୍ଥାନ, ଦିଲ୍ଲୀ, ବିହାର ଏବଂ ଓଡ଼ିଶାରୁ ନକଲି ପ୍ରାର୍ଥୀଙ୍କ ସମେତ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । ଏହାପାଇଁ ପ୍ରଚୁର ଅର୍ଥ କାରବାର ହୋଇଥିବା ବିଷୟ ଜଣାପଡ଼ିଥିଲା । ଏଭଳି ବେଆଇନ କାର୍ଯ୍ୟର ମୁଖ୍ୟ କାରଣ ହେଉଛି ମେଡିକାଲ ପଢ଼ିବା ପାଇଁ ସିଟ୍‌ଟିଏ ପାଇବାକୁ ଶିକ୍ଷାରେ ଶ୍ରେଷ୍ଠତ୍ୱ ପ୍ରତିପାଦନର ଏକମାତ୍ର ବାଟ ବୋଲି ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଧରିନେଇଛନ୍ତି । ଅଭିଭାବକମାନେ ଏମିତି ଆତୁରିଆ ଯେ, ଯେକୌଣସି ଉପାୟରେ ତାହା ହାସଲ କରିବା ସକାଶେ ଚେଷ୍ଟା କରୁଛନ୍ତି । ବଡ଼ବଡ଼ିଆଙ୍କ ପର୍ଯ୍ୟାପ୍ତ ଅର୍ଥ ଥିବାରୁ ସେମାନେ ମେଡିକାଲ ସିଟ୍‌ଟିଏ ସହଜରେ କିଣିପାରୁଛନ୍ତି । ଆର୍ଥିକ ଦୃଷ୍ଟିରୁ ମଧ୍ୟମ ଧରଣର ସବଳ ଥିବା ବ୍ୟକ୍ତି ସ୍ଥଳବିଶେଷରେ 'ଡାକ୍ତରୀ' ନିଶାରେ ଧାଉଁଛନ୍ତି । ତେବେ ମେଧା ନ ଥିବା ପିଲାଙ୍କ ମାତାପିତା ଯେନତେନ ପ୍ରକାରେଣ ସିଟ୍ ହାସଲ ପାଇଁ ଏନ୍‌ଆର୍‌ଆଇ ବାଟ ଧରି ଘରୋଇ ମେଡିକାଲ କଲେଜକୁ ପଶିଯିବାକୁ ଚେଷ୍ଟା କରୁଛନ୍ତି ।

ଶେଷରେ ଏତିକି କୁହାଯାଇପାରେ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭାବେ ସ୍ୱାଗତଯୋଗ୍ୟ । କୌଣସି ଏନ୍‌ଆର୍‌ଆଇ କୋଟା ରହିବା ଉଚିତ ନୁହେଁ । ବାସ୍ତବରେ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠରେ କୌଣସି କୋଟାର ଆବଶ୍ୟକତା ନାହିଁ । କେବଳ ଉଚ୍ଚକୋଟୀର ମେଧାବୀ ବିଦ୍ୟାର୍ଥୀ ଏହି ଦୁଇଟି ପେସାରେ ଭର୍ତ୍ତି ହେବା ଦରକାର ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | | | | |
| | 2 | | 6 | 8 | | | | |
| 3 | | | | | 7 | | 8 | |
| | | | | 5 | | | | |
| 8 | | | | | | | 7 | |
| 9 | 5 | 3 | | | | | 2 | |
| | 9 | 5 | | 1 | 3 | 4 | | |
| | | | | | | | | 1 |
| | | | 8 | 7 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 5 | 2 | 8 | 1 | 4 | 7 | 6 |
| 1 | 7 | 4 | 6 | 9 | 3 | 2 | 5 | 8 |
| 8 | 2 | 6 | 5 | 7 | 4 | 3 | 9 | 1 |
| 2 | 4 | 8 | 7 | 6 | 9 | 1 | 3 | 5 |
| 5 | 9 | 3 | 4 | 1 | 8 | 6 | 2 | 7 |
| 6 | 1 | 7 | 3 | 5 | 2 | 8 | 4 | 9 |
| 4 | 8 | 1 | 9 | 2 | 7 | 5 | 6 | 3 |
| 3 | 6 | 9 | 1 | 4 | 5 | 7 | 8 | 2 |
| 7 | 5 | 2 | 8 | 3 | 6 | 9 | 1 | 4 |

ଗତକାଲିର ଉତ୍ତର

# ଉପକୂଳରେ ସୁରକ୍ଷା ପ୍ରାଚୀର



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ତାମିଲନାଡୁର କୁଡାଲୋର ଜିଲାରେ ସରକାରଙ୍କ ଆନୁକୂଲ୍ୟରେ 'ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଉପକୂଳ ଅବକ୍ଷୟର ପ୍ରଭାବକୁ ରୋକିବା ନିମନ୍ତେ ଜୈବ-ଢାଲ ସୃଷ୍ଟି' ଶୀର୍ଷକ ଏକ ପ୍ରକଳ୍ପ (୨୦୨୫ରୁ ୨୦୨୮) କାର୍ଯ୍ୟକାରୀ ହେଉଛି, ଯେଉଁଥିରେ ୬୦ ହେକ୍ଟର ହେନ୍ତାଳବନ ସୃଷ୍ଟି ଏବଂ ୨୦ ହେକ୍ଟର ଅନ୍ୟ ସହନଶୀଳ ଜାତିର ବୃକ୍ଷରୋପଣ ଅନ୍ତର୍ଭୁକ୍ତ । ରାଜ୍ୟର ବନ ବିଭାଗ ସ୍ଥାନୀୟ ସମ୍ପ୍ରଦାୟମାନଙ୍କର ସମ୍ପୃକ୍ତିରେ ବିସ୍ତୃତ ଉପକୂଳ ଅଞ୍ଚଳରେ ହେନ୍ତାଳ ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟ ଅବ୍ୟାହତ ରଖିଛି । ବିଶ୍ୱବ୍ୟାଙ୍କ ତଥା ଅନ୍ୟ ଉତ୍ସରୁ ଲବ୍ଧ ପାଣ୍ଠିର ବିନିଯୋଗରେ ସରକାର 'ଗ୍ରାମ୍ୟ ହେନ୍ତାଳବନ ପରିଷଦ' ମାଧ୍ୟମରେ ଲୁଣା ଜଙ୍ଗଲ ପ୍ରସାରଣ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହି ଦୃଷ୍ଟାନ୍ତ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଉପକୂଳ ସୁରକ୍ଷା ନିମନ୍ତେ ଅତ୍ୟାବଶ୍ୟକ ଥିବା ପ୍ରାକୃତିକ ସବୁଜ ପ୍ରାଚୀର ସୃଷ୍ଟିର ଗୁରୁତ୍ୱକୁ ପ୍ରତିପାଦିତକରେ । ଏହା ସୁସ୍ପଷ୍ଟ ଯେ ଜଳବାୟୁ ସଙ୍କଟ ଆମ ସମୟର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପରିବେଶୀୟ ଆହ୍ୱାନ ମଧ୍ୟରେ ଶୀର୍ଷତମ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଏହାଦ୍ୱାରା ସୃଷ୍ଟ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଅତ୍ୟନ୍ତ ଦୁର୍ବଳ ଓ ସମ୍ବେଦନଶୀଳ । ସମୁଦ୍ର ପତ୍ତନର ବୃଦ୍ଧି, ଝଡ଼ବାତ୍ୟାର ବାରମ୍ବାରତା, ଉପକୂଳ ଅବକ୍ଷୟ ଏବଂ ଲୁଣାପାଣିର ପ୍ରବେଶ ଉପକୂଳରେ ଅବସ୍ଥିତ ପରିସଂସ୍ଥା, ମାନବ ସମ୍ପ୍ରଦାୟ ଏବଂ ଅର୍ଥନୀତି ନିମନ୍ତେ କ୍ରମଶଃ ବ୍ୟାପକ ବିପର୍ଯ୍ୟୟର କାରଣ ପାଲଟୁଛି । ଏପରି ସଙ୍କଟ ସହ ଖାପ ଖୁଆଇବା ନିମନ୍ତେ ବିଶ୍ୱ ସହନୀୟ ଏବଂ ପ୍ରକୃତି-ଆଧାରିତ ସମାଧାନର ସନ୍ଧାନରେ ଥିବାବେଳେ ଉପକୂଳରେ ଜୈବ-ଢାଲ ସୃଷ୍ଟିର ଉଦ୍ୟମ ଏକ ଶକ୍ତିଶାଳୀ ଏବଂ ପରିବେଶ ଅନୁକୂଳ ପ୍ରତିରକ୍ଷା ବ୍ୟବସ୍ଥା ଭାବରେ ଉଭାହୋଇଛି ।

ଜୈବ-ଢାଲ ହେଉଛି ଏକ ସୁରକ୍ଷା ପ୍ରାଚୀର ଯାହା ଘନ ଉଦ୍ଭିଦରାଜି, ଯେପରିକି ଉପକୂଳବର୍ତ୍ତୀ ହେନ୍ତାଳବନ, ଲୁଣିଆ ସନ୍ତସନ୍ତିଆ ଅଞ୍ଚଳ, ବାଲୁକା ସ୍ତୂପ, ଝାଉଁ ଓ କିଆବଣ ଏବଂ ଅନ୍ୟ ଜଙ୍ଗଲ ଦ୍ୱାରା ଗଠିତ । ଏହି ପ୍ରାକୃତିକ ପ୍ରଣାଳୀଗୁଡ଼ିକ ସମୁଦ୍ର ଏବଂ ମାନବ ବସତି ମଧ୍ୟରେ ବଫର ଅଞ୍ଚଳ ଭାବରେ କାର୍ଯ୍ୟ ସମ୍ପାଦନକରି ଉତ୍ତାଳ ତରଙ୍ଗ, ଘୂର୍ଣ୍ଣିଝଡ଼ ଏବଂ ସୁନାମିର ପ୍ରଭାବକୁ ହ୍ରାସ କରନ୍ତି । କଂକ୍ରିଟ ସମୁଦ୍ର ପ୍ରାଚୀର କିମ୍ବା ଅନ୍ୟାନ୍ୟ ଇଞ୍ଜିନିୟରିଂ ଭିତ୍ତିଭୂମି ତୁଳନାରେ ଜୈବ-ଢାଲଗୁଡ଼ିକ ବହୁବିଧ ଲାଭ ପ୍ରଦାନ କରନ୍ତି: ଏଗୁଡ଼ିକ କମ୍ ଖର୍ଚ୍ଚରେ ସ୍ଥାପିତ, ଆତ୍ମନିର୍ଭରଶୀଳ, ଜୈବବିବିଧତାରେ ସମୃଦ୍ଧ ଏବଂ ସମୟକ୍ରମେ ପରିବେଶଗତ ପରିବର୍ତ୍ତନ ସହ ଖାପ ଖୁଆଇବାରେ ସକ୍ଷମ । କେନ୍ଦ୍ରାପଡ଼ାର ସାତଭାୟା ଅଞ୍ଚଳ ହେନ୍ତାଳବନର ଅନୁପସ୍ଥିତିରେ ସମୁଦ୍ରର ଆଁ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଲୀନ ହୋଇସାରିଛି ଏବଂ ସରକାର ପ୍ରଭାବିତ ଲୋକମାନଙ୍କୁ ସ୍ଥାନାନ୍ତରିତକରି ନିକଟସ୍ଥ ବଗପାଟିଆ ପୁନର୍ବାସ କଲୋନିରେ ୨୦୧୮ରୁ ଅବସ୍ଥାପିତ କରିଛନ୍ତି । ଅନ୍ୟପକ୍ଷରେ, ନିକଟସ୍ଥ ପେଣ୍ଠ ଉପକୂଳରେ ଅବକ୍ଷୟ ପ୍ରଶମନ ଉଦ୍ଦେଶ୍ୟରେ ୩୯କୋଟି ଟଙ୍କା ବ୍ୟୟରେ



୨୦୧୬ରେ ନିର୍ମିତ ହୋଇଥିବା ଜିଓ-ସିନ୍ଥେଟିକ୍ ଟ୍ୟୁବ୍ ସୁରକ୍ଷା ପ୍ରତିବନ୍ଧକ ଏବେ କ୍ରମଶଃ ଅବକ୍ଷୟିତ ହେବାରେ ଲାଗିଛି । ଏହା ସୂଚିତ୍‌କରେ ଯେ ପ୍ରାକୃତିକ ଜୈବ-ଢାଲ ଅଧିକ ପ୍ରଭାବଶାଳୀ, ଯାହା ସମୁଦ୍ର ଢେଉର ଶକ୍ତିକୁ ଶୋଷଣକରି ଜଳ ପ୍ରବାହର ବେଗକୁ ନିମ୍ନଗାମୀକରେ । ହେନ୍ତାଳ ବୃକ୍ଷମାନେ ସେମାନଙ୍କର ଜଟିଳ ଚେର ପ୍ରଣାଳୀ ଦ୍ୱାରା ଉପରମାଟି ସ୍ତରକୁ ଧରି ରଖି ମୃତ୍ତିକା ଅବକ୍ଷୟକୁ ପ୍ରତିରୋଧ କରନ୍ତି । ଘୂର୍ଣ୍ଣିଝଡ଼ କିମ୍ବା ବାତ୍ୟା ଭଳି ଗମ୍ଭୀର ପାଣିପାଗ ବିପର୍ଯ୍ୟୟ ସମୟରେ, ଏହି ଉଦ୍ଭିଦ ଢାଲ ପ୍ରତିବନ୍ଧ ରୂପେ ଝଡ଼ର ପ୍ରବାହକୁ ଧୀରକରି ଲୁଣିପାଣିର ଆଭ୍ୟନ୍ତରୀଣ ମଧୁରଜଳ ଉତ୍ସ ଏବଂ କୃଷି ଜମିରେ ପ୍ରବେଶକୁ ରୋକିଥାନ୍ତି ।

ବୈଜ୍ଞାନିକ ଅଧ୍ୟୟନ ସୂଚାଏ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୁଣା ଜଙ୍ଗଲ ଦ୍ୱାରା ସୁରକ୍ଷିତ ସ୍ଥାନଗୁଡ଼ିକ ଅସୁରକ୍ଷିତ ଅଞ୍ଚଳ ତୁଳନାରେ ବହୁତ କମ୍ କ୍ଷତିଗ୍ରସ୍ତ ହୋଇଥାନ୍ତି । ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି, ଓଡ଼ିଶାର ଐତିହାସିକ ୧୯୯୯ ମସିହାର ମହାବାତ୍ୟା ପ୍ରଭାବରେ ଯେତେବେଳେ ଉପକୂଳସ୍ଥ ଜଗତ୍‌ସିଂହପୁର ଜିଲା ବିନାଶର ଚରମସୀମାରେ ଉପନୀତ ହୋଇ ବହୁମୂଲ୍ୟ ଜୀବନ ତଥା ପର୍ଯ୍ୟାପ୍ତ ଧନସମ୍ପତ୍ତି କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲା, ସେତେବେଳେ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲା ସମୃଦ୍ଧ ଭିତରକନିକା ହେନ୍ତାଳ ବନର ଉପସ୍ଥିତି କାରଣରୁ ବହୁଳ ଭାବେ ସୁରକ୍ଷିତ ରହିଥିଲା । ଅନୁରୂପ ଭାବେ, ୨୦୦୪ ମସିହାରେ ଭାରତ ମହାସାଗରରେ ସୃଷ୍ଟ ଭୟଙ୍କର ସୁନାମିର ପ୍ରତିଫଳରେ, ହେନ୍ତାଳବନ ଥିବା ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ତୁଳନାତ୍ମକ କମ୍ ମୃତାହତ ଏବଂ ସମ୍ପତ୍ତି କ୍ଷୟକ୍ଷତି ଘଟିଥିଲା । ଓଡ଼ିଶାରେ ୨୫୯.୦୬ ବର୍ଗ କି.ମି. ହେନ୍ତାଳ ବନ ରହିଥିଲା ବେଳେ ସର୍ବାଧିକ ରହିଛି କେନ୍ଦ୍ରାପଡ଼ା ଜିଲାରେ (୨୧୨.୬୯ ବର୍ଗ କି.ମି.), ଯାହା ଭାରତର ଦ୍ୱିତୀୟ ବୃହତ୍ତମ ହେନ୍ତାଳବନ ଭିତରକନିକାକୁ ଅନ୍ତର୍ଭୁକ୍ତକରେ । ରିପୋର୍ଟ ଅନୁଯାୟୀ ୨୦୧୧ରୁ ୨୦୨୧ ମଧ୍ୟରେ ଓଡ଼ିଶାର ଲୁଣା ଜଙ୍ଗଲ ୩୭ ବର୍ଗ କି.ମି. ବୃଦ୍ଧି ପାଇଥିଲେ ସୁଦ୍ଧା ଆଜିର ଜଳବାୟୁ ସଙ୍କଟ ପରିସ୍ଥିତିରେ ରାଜ୍ୟର ୪୮୦ କି.ମି. ଉପକୂଳରେ ଏପରି ଜଙ୍ଗଲର ଆୟତନ ଯଥେଷ୍ଟ ଅଧିକ ହେବା ପ୍ରୟୋଜନୀୟ ।

ଜୈବ-ଢାଲ ସୃଷ୍ଟିକରିବା କେବଳ ପ୍ରତିରକ୍ଷା ପ୍ରସଙ୍ଗରେ ନୁହେଁ; ଏହି ପରିସଂସ୍ଥାଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କ୍ଷୁଣ୍ଣ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ଲୁଣାଜଙ୍ଗଲ, ସମୁଦ୍ର ଘାସ ଏବଂ ଲୁଣିଆ ସନ୍ତସନ୍ତିଆ ସ୍ଥାନ ହେଉଛି ଉତ୍କୃଷ୍ଟ ଅଙ୍ଗାରକ ଭଣ୍ଡାର (କାର୍ବନ ସିଙ୍କ୍) । ସେମାନେ ବାୟୁମଣ୍ଡଳରୁ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ ଶୋଷଣକରି ସଂରକ୍ଷିତ କରନ୍ତି, ଯେଉଁ ପ୍ରକ୍ରିୟାକୁ 'ନୀଳ ଅଙ୍ଗାରକ' ସିକ୍ୱେଷ୍ଟ୍ରେସନ ରୂପେ ଆଖ୍ୟାୟିତ କରାଯାଏ । ଅତଏବ, ଏହି ପରିସଂସ୍ଥାଗୁଡ଼ିକର ପୁନରୁଦ୍ଧାର ଏବଂ ସଂରକ୍ଷଣ, ଉଭୟ ଜଳବାୟୁ ଅନୁକୂଳନ ତଥା ପ୍ରଶମନ ପ୍ରୟାସକୁ ସମର୍ଥନ କରେ । ଅଧିକନ୍ତୁ, ଜୈବ-ଢାଲଗୁଡ଼ିକ ବିଭିନ୍ନ ସାମୁଦ୍ରିକ ଏବଂ ସ୍ଥଳଚର ଜୀବଜାତିଙ୍କୁ ବାସସ୍ଥଳୀ ପ୍ରଦାନ ପୂର୍ବକ ଜୈବବିବିଧତାକୁ ପ୍ରୋତ୍ସାହିତ କରନ୍ତି । ହେନ୍ତାଳ ପରିସଂସ୍ଥା ମତ୍ସ୍ୟ ଉତ୍ପାଦନକୁ ସମର୍ଥନ, ସ୍ଥାନୀୟ ସମ୍ପ୍ରଦାୟର ଜୀବିକା ନିର୍ବାହରେ ଯୋଗଦାନ ଏବଂ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରେ । ସୁସ୍ଥ ଉପକୂଳୀୟ ପରିସଂସ୍ଥା ମଧ୍ୟ ପ୍ରକୃତି ପର୍ଯ୍ୟଟନକୁ ପ୍ରୋତ୍ସାହିତକରେ, ଯାହା ପରିବେଶୀୟ ହିତସାଧନ ସହ ଆର୍ଥିକ ଲାଭ ଉପଲବ୍ଧ କରାଏ ।

ଜୈବ-ସୁରକ୍ଷା ପ୍ରାଚୀରରୁ ଉପଲବ୍ଧ ହିତଗୁଡ଼ିକ ଉତ୍ତମ ରୂପେ ହୃଦୟଙ୍ଗମ ହେଉଥିଲେ ସୁଦ୍ଧା ଏହାର କାର୍ଯ୍ୟାନ୍ୱୟନ ଅନେକ ଆହ୍ୱାନର ସମ୍ମୁଖୀନ ହୁଏ । ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପ୍ରାୟତଃ ଘନ ଜନବସତିପୂର୍ଣ୍ଣ ଏବଂ ଅତ୍ୟଧିକ ବିକଶିତ ହୋଇଥିବା କାରଣରୁ ପ୍ରାକୃତିକ ପରିସଂସ୍ଥାଗୁଡ଼ିକର ଉନ୍ନତି ନିମନ୍ତେ ଖୁବ୍ କମ୍ ପରିସର ଉପଲବ୍ଧ ହୁଏ । ଭୂମି ବ୍ୟବହାରରେ ବିବାଦ, ପର୍ଯ୍ୟାପ୍ତ ପାଣ୍ଠିର ଅଭାବ, ସମ୍ପ୍ରଦାୟ ସଚେତନତାର ଦୁର୍ବଳ ସ୍ଥିତି ଏବଂ ସର୍ବୋପରି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉଛି ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ । ତଥାପି ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ମାଧ୍ୟମରେ ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ସମ୍ଭବପର । ଏଥିରେ ଅନ୍ତର୍ଭୁକ୍ତ ଥିବା ପଦକ୍ଷେପଗୁଡ଼ିକ ହେଉଛି ପରିସଂସ୍ଥା-ଆଧାରିତ ଅନୁକୂଳନ ରଣନୀତିକୁ ନୀତିଗତ ସମର୍ଥନ ପ୍ରଦାନ, ଉପକୂଳବର୍ତ୍ତୀ ଉଦ୍ଭିଦରାଜିର ପୁନରୁଦ୍ଧାର ଏବଂ ସୁରକ୍ଷାରେ ସମ୍ପ୍ରଦାୟର ଅଂଶଗ୍ରହଣ, ଜୈବ-ଢାଲର ସ୍ୱାସ୍ଥ୍ୟ ଏବଂ ପ୍ରଭାବର ବୈଜ୍ଞାନିକ ମୂଲ୍ୟାଙ୍କନ ଏବଂ ଦୀର୍ଘକାଳୀନ ପରିଚାଳନାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ । ଏଥିସହ ଜୈବ-ଢାଲଗୁଡ଼ିକୁ ସ୍ଥାନୀୟ ପରିସ୍ଥିତି ସହ ଉପଯୁକ୍ତ କରିବା ନିମନ୍ତେ ସତର୍କତାର ସହିତ ଯୋଜନା ପ୍ରଣୟନ କରାଯିବା ପ୍ରୟୋଜନୀୟ । ଉଦ୍ଭିଦ ଜାତି ସବୁର ଚୟନ, ଚାରାରୋପଣ କୌଶଳ ଅବଲମ୍ବନ ଏବଂ ଗୃହୀତ ରକ୍ଷଣାବେକ୍ଷଣ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସ୍ଥାନ ଅନୁଯାୟୀ କାର୍ଯ୍ୟକାରୀ ହେବା ବାଞ୍ଛନୀୟ ।

ସାମ୍ପ୍ରତିକ ସମୟରେ ଜଳବାୟୁ ପ୍ରଭାବ ସବୁ ତ୍ୱରାନ୍ୱିତ ହେଉଥିବା ପରିପ୍ରେକ୍ଷୀରେ ଜୈବ-ଢାଲଗୁଡ଼ିକ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସୁରକ୍ଷା ଦେବା ନିମନ୍ତେ ଏକ ପ୍ରତିଶ୍ରୁତିପୂର୍ଣ୍ଣ, ସ୍ଥାୟୀ ରଣନୀତିକୁ ପ୍ରତିନିଧିତ୍ୱ କରନ୍ତି । ସେମାନେ ପରିବେଶୀୟ ପୁନରୁଦ୍ଧାରକୁ ଜଳବାୟୁ ଅନୁକୂଳନ ସହ ସଂଯୁକ୍ତ କରନ୍ତି ଏବଂ ଏକ ତ୍ରିସ୍ତରୀୟ ବିଜୟ ପ୍ରଦାନ କରନ୍ତି: ସମ୍ପ୍ରଦାୟକୁ ସୁରକ୍ଷା ଦେବା, ଜୈବବିବିଧତାର ବୃଦ୍ଧି ଘଟାଇବା ଏବଂ ଅଙ୍ଗାରକକୁ ସଂରକ୍ଷିତ କରିବା । ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ସ୍ୱଳ୍ପ ମୂଲ୍ୟ-ଆଧାରିତ ଏବଂ ଦୀର୍ଘସ୍ଥାୟୀ ପ୍ରତିକାରର ଅନ୍ୱେଷଣରେ ଥିବାରୁ ଜାତୀୟ ଏବଂ ସ୍ଥାନୀୟ ଅନୁକୂଳନ ଯୋଜନାରେ ପ୍ରକୃତି-ଆଧାରିତ ସମାଧାନ, ଯେପରିକି ଜୈବ-ଢାଲ ସୃଷ୍ଟିରେ ନିବେଶକୁ ପ୍ରାଥମିକତା ପ୍ରଦାନ ଆବଶ୍ୟକ । ପ୍ରକୃତି ବିରୋଧରେ କାର୍ଯ୍ୟ ସମ୍ପାଦନ କରିବା ପରିବର୍ତ୍ତେ ପ୍ରକୃତି ସମର୍ଥନରେ କାର୍ଯ୍ୟ ସମ୍ପନ୍ନକରି ଆମେ ବିଶ୍ୱବ୍ୟାପୀ ଉପକୂଳବର୍ତ୍ତୀ ଅଞ୍ଚଳ ନିମନ୍ତେ ଏକ ଅଧିକ ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିପାରିବା ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ସାହିତ୍ୟ ବି ଦିଏ




ଧ୍ରୁବ ଚରଣ ଘିବେଲା

ବ୍ୟକ୍ତିଗତ ଭାବେ ସାହିତ୍ୟ କରିବାରେ କିଛି ଅସୁବିଧା ନ ଥାଏ । ଖାଲି ସମୟ ଦେବା ଦରକାର । ପଢ଼ିବା ପାଇଁ, ଲେଖିବା ପାଇଁ । ସମୟ ଦେଇ ସାହିତ୍ୟ ଚାଷ କରିବା, ସାହିତ୍ୟ ଚାଷରେ ରହିବା, ସାହିତ୍ୟ ଲେଖିବା, ସାହିତ୍ୟ ଚଷିବା ଏସବୁ ସମ ଅର୍ଥବୋଧକ କାମରେ ରହିବା । ସାହିତ୍ୟ ଚାଷ ନିଜେ କରୁ କରୁ ସମୟ ସୁଅରେ ପୁଣି ସାହିତ୍ୟ କାର୍ଯ୍ୟକ୍ରମ ସ୍ଥାନୀୟ ଭାବେ କରିବା ପାଇଁ କିଏ କିଏ ଉଦ୍ୟମ ଆରମ୍ଭ କରନ୍ତି । ଅନୁଷ୍ଠାନ ତିଆରି କରିବାର ପ୍ରୟାସ କରନ୍ତି । ସମଧର୍ମା ସତୀର୍ଥଙ୍କ ସହିତ ଆଳାପ ଆଲୋଚନା କରି ଅନୁଷ୍ଠାନ ଗଢ଼ିବାର ପ୍ରାରମ୍ଭିକ ପଦକ୍ଷେପ ନିଅନ୍ତି । ଏକାଠି ବସାଉଠା କରିବାର ପ୍ରକ୍ରିୟା ଆରମ୍ଭ କରନ୍ତି । ଖଟି ତିଆରି କରନ୍ତି । ଖଟିରେ ହାଜିରା ପକାନ୍ତି । ଚା ପିଅନ୍ତି । ଚା ପିଆ ଭିତରେ ସାହିତ୍ୟ କଥା ହୁଅନ୍ତି । ଅନୁଷ୍ଠାନର ପଞ୍ଜୀକରଣ ପୂର୍ବରୁ ବିଧିବଦ୍ଧ ଭାବେ ଅନୁଷ୍ଠାନ ଆଗ ଗଢ଼ନ୍ତି । ଅନୁଷ୍ଠାନର ନାଁ ରଖନ୍ତି । କର୍ମକର୍ତ୍ତା ଚୟନ କରନ୍ତି । ତା'ପରେ ପଞ୍ଜୀକରଣ କରାଇ ନିଅନ୍ତି । ସଭିଏ ଏକାଠି ହେବା ପାଇଁ ସାହିତ୍ୟ ଆସର ଆରମ୍ଭ କରନ୍ତି । କବିତା ପାଠ କରନ୍ତି । ସାହିତ୍ୟ ଉପରେ ଆଲୋଚନା କରନ୍ତି । ଏମିତି ସାହିତ୍ୟ କରୁ କରୁ ନାଁକରା ହୁଅନ୍ତି ।

ସେସବୁ କରିବା ପାଇଁ ସମୟ ନିହାତି ଦେବାକୁ ହୁଏ । ପକେଟରୁ ଅର୍ଥ କାଢ଼ିବାକୁ ପଡ଼େ । ବିନା ଅର୍ଥରେ କୌଣସି କାର୍ଯ୍ୟକ୍ରମ କରିବା ସମ୍ଭବ ନୁହେଁ । ସମ୍ପୃକ୍ତ ସମସ୍ତଙ୍କ ସହଯୋଗରେ ବିଭିନ୍ନ ସାହିତ୍ୟ କାର୍ଯ୍ୟକ୍ରମ ହାତକୁ ନିଅନ୍ତି ଓ ତା'ର ସଫଳ ରୂପାୟନ କରନ୍ତି ସାହିତ୍ୟ କାର୍ଯ୍ୟକ୍ରମ ଆୟୋଜନ କରି । ଆଜିର ଦିନରେ ଯାହା କର, ଟଙ୍କା ଆଗ ଦରକାର । ଅବଶ୍ୟ ''ଇଚ୍ଛା ଥିଲେ ଉପାୟ ଆସେ'' ନ୍ୟାୟରେ ସାଧୁ ଉଦ୍ୟମ ତଥା ଉଦ୍‌ଯୋଗରେ ରହିଲେ ଟଙ୍କା ସବୁବେଳେ ବାଧକ ହୁଏ ନାହିଁ । ଟଙ୍କା ଯୋଗାଡ଼ ହୋଇଯାଏ । ଅନୁଷ୍ଠାନର ସଦସ୍ୟଙ୍କ ଅନୁଷ୍ଠାନ ପ୍ରତି ସକାରାତ୍ମକ ସଦିଚ୍ଛା ଅନୁଷ୍ଠାନକୁ ଆଗେଇ ନେଇଥାଏ । ବିଭିନ୍ନ ସାହିତ୍ୟ ସମ୍ପର୍କିତ କାର୍ଯ୍ୟକ୍ରମର ସଫଳ ଆୟୋଜନ ଅନୁଷ୍ଠାନର ସ୍ଥିତିକୁ ସୂଚାଇବା ସହିତ ତା'ର ଗତିଶୀଳତା ପ୍ରଦାନ କରିଥାଏ । ଧୀରେ ଧୀରେ ସେ ଅନୁଷ୍ଠାନର ପରିଚୟ ପ୍ରତିଷ୍ଠା ପାଏ । ଅନୁଷ୍ଠାନର ପ୍ରଚାର ଓ ପ୍ରସାର ମଧ୍ୟ ହୁଏ କାର୍ଯ୍ୟକ୍ରମ ମାଧ୍ୟମରେ ।

ସବୁ ଲେଖକ ତ ନିଜ ଲେଖା ମାଧ୍ୟମରେ ପରିଚୟ ସୃଷ୍ଟି କରିଥାନ୍ତି । ଅନୁଷ୍ଠାନ ଜରିଆରେ ବି



ପରିଚୟ ପାଆନ୍ତି ଆନୁଷ୍ଠାନିକ ପଦ ପଦବୀ ମଣ୍ଡନ କରି । କେଉଁଠି ଅନୁଷ୍ଠାନ ତରଫରୁ ପ୍ରତିନିଧିତ୍ୱ କରିପାରନ୍ତି ଯୋଗ ଦେବା ପାଇଁ । ଲେଖକ ବିଭିନ୍ନ ସ୍ଥାନକୁ ଯାଇ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି । ଯୋଗ ଦେଉଛନ୍ତି । ଅନ୍ୟଠି ଅନ୍ୟ ମଞ୍ଚରେ କବିତା ପଢ଼ିବାର ସୁଯୋଗ ପାଆନ୍ତି । ଏସବୁ ସାହିତ୍ୟ କାମରୁ ଯେଉଁ ଯେଉଁମାନେ ଖୁସି ପାଆନ୍ତି, ସେଇ ସେଇମାନେ ସାହିତ୍ୟ କରିପାରନ୍ତି । ସାହିତ୍ୟ କରି ଖୁସି ଅନୁଭବ କରିବା ଓ ଖୁସି ସାଉଁଟିବା ଆଣେ ବଡ଼ ଉପଲବ୍ଧି । ଯିଏ ଯିଏ କିଛି ପାଇବା ଆଶାରେ ସାହିତ୍ୟ କରନ୍ତି /କରୁଛନ୍ତି, ସେମାନେ କେତେ ଖୁସି ଥାଆନ୍ତି ସାହିତ୍ୟ ଭିତରେ ରହି, ସେକଥା ସେମାନେ ନିଜେ ଜାଣନ୍ତି । ପୁରସ୍କାର ପଛରେ ଲେଖକ କେବେ ବି ନ ରହିବା କଥା । ଧରାକରା ପୁରସ୍କାର କେଉଁଠୁ ହାତେଇ ନେଇ ନିଜକୁ ନିଜେ ଠକିବା କଥା ।

ଥରେ ଜଣେ ଲେଖକ ଗୋଟେ ବଡ଼ ଅନୁଷ୍ଠାନର ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ କବିତା ପଢ଼ିବାର ସୁଯୋଗ ପାଇଲେ । ବଡ଼ ସାହିତ୍ୟ ମଞ୍ଚରେ କବିତା ପଢ଼ି ଖୁସି ଅନୁଭବ କଲେ ସେ ଲେଖକ ପୁଣି ଅନେକ କବିଙ୍କ ଗହଣରେ । ସେ କବିଙ୍କ ପାଇଁ ସେଇ ଖୁସି ଥିଲା ଅବ୍ୟକ୍ତ । କବିତା ପଢ଼ି ମଞ୍ଚ ତଳକୁ ଓହ୍ଲେଇ ଆସିଲା ପରେ ମଞ୍ଚ ତଳେ ବସିଥିବା ଜଣେ କର୍ମକର୍ତ୍ତା ତାଙ୍କ ହାତକୁ ବଢ଼ାଇ ଦେଇଥିଲେ ଗୋଟେ ଛୋଟ ଖାମ୍ । ଗୋଟେ ପ୍ରଶସ୍ତି ପତ୍ର । ତା' ସାଙ୍ଗକୁ ଏକ ବ୍ୟାଗ । ବ୍ୟାଗ ଭିତରେ ଥିଲା ଗୋଟେ କଲମ ଓ ଗୋଟେ ଛୋଟ ନୋଟ ଖାତା । ପରେ ସେ ଖାମ୍ ଖୋଲି ଦେଖିଥିଲେ ତା' ଭିତରେ ଥିଲା ଦି' ଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ । ସେ କବି ପ୍ରଥମ ଥର ପାଇଁ କବିତା ପଢ଼ି ପାରିତୋଷିକ ସହିତ ଖାତା, କଲମ, ପ୍ରଶସ୍ତି ପତ୍ର ଓ ବ୍ୟାଗ ପାଇ ବହୁତ ଖୁସି ହେଉଥିଲେ । ମନକୁ ମନ ସେ ଖୁସିରେ କହି ପକାଇଥିଲେ ''ସାହିତ୍ୟ ବି ଦିଏ'' । ତେବେ ସାହିତ୍ୟ ନିଏ ଯେମିତି, ଦିଏ ମଧ୍ୟ । ନିଜ ସତୀର୍ଥ ବନ୍ଧୁଙ୍କୁ ସେ କବି କହିଥିଲେ ସାହିତ୍ୟ କାର୍ଯ୍ୟକ୍ରମ ପାଇଁ ଦେବାକୁ ବେଳେ ବେଳେ କୁଣ୍ଠୁ କୁଣ୍ଠୁ ହୁଅ । ହେଲେ ସାହିତ୍ୟ, ସାଗର ଭଳି ଅବିକଳ ନ ଫେରାଇଲେ ଭିନ୍ନ ଆକାରରେ ଫେରାଇପାରେ । କେଉଁଠି ପାରିତୋଷିକ ବି ମିଳିପାରେ । କିଛି ନ ହେଲେ କବିତା ଲେଖୁଥିବାରୁ କବିର ପରିଚୟ ତ ମିଳେ । କବିତା ପାଠ କାର୍ଯ୍ୟକ୍ରମରେ ପଠିତ କବିତା ଶୁଣି କିଏ ତାକୁ ତାରିଫ କଲେ, ତାହା କବି ପାଇଁ ପୁରସ୍କାର ସ୍ୱରୂପ ମନେ କରାଯାଇପାରେ । ସାହିତ୍ୟରୁ ସିଧାସଳଖ ଟଙ୍କା ଖୋଜି ବସିଲେ ହେବ ନାହିଁ । ଆଗ ଖୁସି ଖୋଜିବା, ଖୁସି ସାଉଁଟିବା । କେଉଁଠି କବିତା ପଢ଼ି ପାରିତୋଷିକ ପାଇଲେ ଆହ୍ଲାଦିତ ହେବା । ଆସନ୍ତୁ, ସତ ସାହିତ୍ୟ କରିବା । ନିରୁତା ଖୁସି ସୁଖ ପାଇବା । ଆଉ ସେଇ ଖୁସିରେ ତଲ୍ଲୀନ ରହିବା ଚିରକାଳ ।

**ବଉଦରାଜ, ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

## ଏଇ ଭାରତରେ

ହିମାଚଳପ୍ରଦେଶର ରିଭା ସୁଦ୍ ଜୈବିକ ପଦ୍ଧତିରେ ଡ୍ରାଗନଫ୍ରୁଟ୍ସ ଚାଷ କରୁଛନ୍ତି । ଏହାକୁ ନେଇ ସେ ୧ କୋଟି ଟଙ୍କାର ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଛନ୍ତି । ସେ ଡ୍ରାଗନଫ୍ରୁଟ୍ସକୁ ସ୍ଥାନୀୟ ଅଞ୍ଚଳରେ କେ.ଜି. ପ୍ରତି ୨୦୦ ଟଙ୍କାରେ ବିକ୍ରି କରିବା ସହ ସେଥିରୁ ଜୁସ୍ ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ରିଭା ଫାର୍ମର୍ସ ପ୍ରଡ୍ୟୁସର୍ ଅର୍ଗାନାଇଜେଶନ(ଏଫ୍‌ପିଓ) 'ହିମ୍ ଟୁ ହମ୍' ପ୍ରତିଷ୍ଠା କରିଛନ୍ତି । ଏହି ସଂସ୍ଥା ସହ ସେ ହିମାଚଳପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଚାଷୀଙ୍କୁ ସାମିଲ କରିଛନ୍ତି । ସେମାନେ ମଧ୍ୟ ଡ୍ରାଗନଫ୍ରୁଟ୍ସ ଚାଷ, ପ୍ରୋସେସିଂ ଓ ବ୍ୟବସାୟରେ ରିଭାଙ୍କୁ ସାହାଯ୍ୟ କରୁଛନ୍ତି । ରିଭା ଥାଇଲାଣ୍ଡ ଓ ତାଇୱାନରୁ ପ୍ରଥମେ ୨୦୦୦ ଡ୍ରାଗନଫ୍ରୁଟ୍ସ ଚାରା ଆଣି ୫ ଏକରରେ ଲଗାଇଥିଲେ । ପରେ ଚାଷକୁ ୭୦ ଏକରକୁ ବଢ଼ାଇଛନ୍ତି ଓ ଏବେ ଫାର୍ମରେ ୩୦,୦୦୦ ଗଛ ଅଛି । ସେ ମଧ୍ୟ ଅଶ୍ୱଗନ୍ଧା ଓ ସଜନା ଚାଷ କରି ସେଥିରୁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨ ସେପ୍ଟେମ୍ବର ୧୯୭୬**

- ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜନସେବୀ ରାଧାମୋହନ ମହାପାତ୍ରଙ୍କ ୭୮ ବର୍ଷ ବୟସରେ ପରଲୋକ ।
- ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳ ଏକ ପ୍ରଗତିଶୀଳ ଓ ବୈପ୍ଲବିକ ପଦକ୍ଷେପ ଗ୍ରହଣ କରି ରାଜ୍ୟର ସରକାରୀ ଡାକ୍ତରମାନଙ୍କ ଘରୋଇ ଚିକିତ୍ସା ବ୍ୟବସାୟ ବନ୍ଦ କରିଦେଇଛନ୍ତି ।

## ଚିରନ୍ତନୀ

କ୍ଲିଷ୍ଟ ଧରାର ଶୀତ ସାଧନା
ଦୁର୍ଦ୍ଦିନ କ୍ଷତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅବିର
ସୁନା କରିଦେବ ସବୁ ବେଦନା ।
–(ଫଗୁଣ ଜ୍ୟୋତ୍ସ୍ନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ କଥାରେ ରାଜନୀତି

ମହାଶୟ,
ସମୟ ଥିଲା, ରାଜନୀତିକୁ ଲୋକେ ଶ୍ରେଷ୍ଠ ନୀତି ବୋଲି କହୁଥିଲେ । ଏବେ କଥା କଥାରେ ରାଜନେତାମାନେ କହୁଛନ୍ତି ସବୁ କଥାକୁ ରାଜନୀତି କରନାହିଁ । ଏହାର ଅର୍ଥ ବୁଝିହୁଏ ନାହିଁ । ରାଜନୀତିର ଉତ୍ତରଣ ହୋଇଛି କି ଅବନତି ଘଟିଛି । ବଳଙ୍ଗା ଝିଅର ଆତ୍ମାହୁତି ଅତ୍ୟନ୍ତ ଦୁଃଖଦ ହେଲେ ବି ରହସ୍ୟମୟ ହୋଇ ରହିଗଲା । କିଏ ତାକୁ ନିଆଁ ଲଗାଇଲା, ପୋଲିସ ଅଭିଯୁକ୍ତଙ୍କୁ ଧରିପାରିଲାନି । ପୀଡ଼ିତା ମଧ୍ୟ ବାରମ୍ବାର ବୟାନ ବଦଳାଇଲା । ସରକାର ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସ ପର୍ଯ୍ୟନ୍ତ ଏୟାର ଲିଫ୍ଟ କରି ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ । ଦିଲ୍ଲୀ ଏମ୍ସରେ ଡାକ୍ତରମାନେ ମଧ୍ୟ ନିଜର ସାଧ୍ୟମତେ ଚିକିତ୍ସା କରିଥିଲେ, ଅଥଚ ପୀଡ଼ିତା ବଞ୍ଚିପାରିଲା ନାହିଁ । ବିରୋଧୀ ଦଳ ନେତାମାନେ ବିଭିନ୍ନ ପ୍ରକାରର ବୟାନବାଜି କଲେ । ସର୍ବଶେଷରେ ପୀଡ଼ିତାଙ୍କ ବାପା କହିଲେ, ପୋଲିସ ,ସରକାର ଏବଂ ଡାକ୍ତରମାନେ ସେମାନଙ୍କର କାର୍ଯ୍ୟରେ କୌଣସି ହେଳା ପ୍ରଦର୍ଶନ କରିନାହାନ୍ତି । ଏ ଘଟଣାକୁ ନେଇ କେହି ରାଜନୀତିକରଣ ନ କରନ୍ତୁ । ମୋ ଝିଅକୁ ଫେରି ପାଇବା ମୋ ଭାଗ୍ୟରେ ନ ଥିଲା ।

**–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସ୍ଥାୟୀ ଝୁଲା ପୋଲରେ ଯାଇ ଗଢୁଛନ୍ତି ଭବିଷ୍ୟତ

ପାରଳାଖେମୁଣ୍ଡି,୧।୯(ଗିରିଧାରୀ ପରିଛା)



ନାଳ ଉପରେ ନିର୍ମିତ ଅସ୍ଥାୟୀ ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ପିଲାମାନେ ବିଦ୍ୟାଳୟକୁ ଯାଉଛନ୍ତି।

■ବର୍ଷା ୪ମାସ ଗ୍ରାମବାସୀ ବିତାଉଛନ୍ତି ଜଳବନ୍ଦୀ ଜୀବନ
■ମିଛ ପ୍ରତିଶ୍ରୁତି ଦେଇ ଭୁଲିଯାଇଛନ୍ତି ସମସ୍ତେ
■ପ୍ରତିବର୍ଷ ତିଆରି ହେଉଛି କାଠ ପୋଲ

ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଲାଣି। ମାତ୍ର ଢୁମ୍ବା ଗ୍ରାମବାସୀଙ୍କ ପାଇଁ ଅଞ୍ଚଳରେ ଥିବା ନାଳ ଉପରେ ଏକ ପୋଲ ଏଯାଏ ନିର୍ମାଣ ହୋଇପାରିନି। ଫଳରେ ଗ୍ରାମରୁ ଅନ୍ୟତ୍ର ଯିବାକୁ ହେଲେ ସମସ୍ତେ ନାଳ ଉପରେ କରାଯାଇଥିବା ଝୁଲା ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଗଜପତି ଜିଲାର ରାୟଗଡ ବ୍ଲକ ଜଲାଙ୍ଗ ପଞ୍ଚାୟତର ଢୁମ୍ବା ଗ୍ରାମବାସୀଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳୁଛି। ନାଳ ଉପରେ ପୋଲଟିଏ ନିର୍ମାଣ କରିବାକୁ ଅଞ୍ଚଳବାସୀ ବହୁବାର ସ୍ଥାନୀୟ ପ୍ରଶାସନ, ଜିଲା ପ୍ରଶାସନ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଜଣାଇଛନ୍ତି। ନିର୍ବାଚନ ସମୟରେ ପୋଲ ନିର୍ମାଣ ଲାଗି ପ୍ରତିଶ୍ରୁତି ମଧ୍ୟ ପାଇଛନ୍ତି। ମାତ୍ର ପରେ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଇଛନ୍ତି। ନାଳ ପାଇଁ ଲୋକେ ପ୍ରତିବର୍ଷ ବର୍ଷା ଦିନେ ପୋଲ ଭାସିଯାଉଥିବାରୁ ନାଳ ପାର ହୋଇ କେଉଁଆଡେ ଯାଇ ନ ପାରି ୪ ମାସ ଜଳବନ୍ଦୀ ହୋଇ ରହୁଛନ୍ତି। ବର୍ଷା ଋତୁ ପରେ ଗ୍ରାମବାସୀ ଜଙ୍ଗଲରୁ କାଠ ସଂଗ୍ରହ କରି ପୁଣି ନାଳ ଉପରେ ଅସ୍ଥାୟୀ ପୋଲ ନିର୍ମାଣ କରୁଛନ୍ତି । ବର୍ଷା ଦିନେ ରୋଗୀ, ଗର୍ଭବତୀ ମହିଳା ଚିକିତ୍ସା ପାଇଁ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି। ରୋଗୀଙ୍କୁ ଗ୍ରାମରୁ ବହୁ କଷ୍ଟରେ ୪ କି.ମି. ଦୋଳାରେ ଭାର କରି ବୋହି ନେଲେ ସେଠାରୁ ଡାକ୍ତରଖାନା ନିଆଯାଉଛି। ଗାଁକୁ ରାସ୍ତା ନ ଥିରୁ ଆମ୍ବୁଲାନ୍ସ କିମ୍ବା ଜରୁରୀ ସମୟରେ ଦମକଳ ଗାଡି ଆସିପାରୁନି। ଗାଁରେ ଥିବା ଗୋଟିଏ ସ୍କୁଲକୁ ପ୍ରଶାସନ ବନ୍ଦ କରି ଦେଇଥିବାରୁ ନାଳ ଆରପଟେ ଥିବା ବିଦ୍ୟାଳୟକୁ ପିଲାମାନେ ନାଳ ଉପରେ ନିର୍ମିତ ଅସ୍ଥାୟୀ ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ଚାଲିଚାଲି ଯାଇ ବିଦ୍ୟାଳୟ ଯାଉଛନ୍ତି। ବିଭିନ୍ନ ସମୟରେ ପିଲାମାନେ ଏହି ପୋଲ ଉପରେ ଯିବା ବେଳେ ଖସି ପଡିବା ଭଳି ଘଟଣା ମଧ୍ୟ ଘଟିଛି। ନାଳ ଉପରେ ପୋଲଟିଏ ନିର୍ମାଣ କରିବାକୁ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଥିପ୍ରତି ସରକାରଙ୍କ କେବେ ଦୃଷ୍ଟି ପଡୁଛି ତାହାକୁ ଅପେକ୍ଷା କରିଛନ୍ତି ଢୁମ୍ବାବାସୀ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଜୁରୀପଡ଼ା,୧।୯
(ବିଦୁର ବେହେରା):

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ କଲାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଣୀ ମହାନ୍ତିଙ୍କୁ ସ୍କୁଲ କମିଟି ପକ୍ଷରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ସ୍କୁଲ କମିଟି ପକ୍ଷରୁ ଆୟୋଜିତ ଏକ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟନିଷ୍ଠା, ଛାତ୍ରବତ୍ସଳ ଓ ପରୋପକାରୀ ଗୁଣର ପ୍ରଶଂସା କରାଯାଇଥିଲା। ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ନରୋତ୍ତମ କହଁର ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ।

## ଜୋନାଲ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଦିଗପହଣ୍ଡି,୧।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଦିଗପହଣ୍ଡି ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୨ ଦିନିଆ ପଦ୍ମନାଭପୁର ଜୋନାଲ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟ ଅତିଥି, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସମ୍ମାନିତ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱବା ପାଇକ, ୨ ନଂ ୱାର୍ଡ କାଉନସିଲର ସୁଶାନ୍ତ କୁମାର ପାତ୍ର, ପଦ୍ମନାଭପୁରସ୍ଥିତ ରାଧା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ବେହେରା, ବଡଖେମୁଣ୍ଡି ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଦାସ, ଦିଗପହଣ୍ଡି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନିଲ କୁମାର ଦାସ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ମଞ୍ଚାସିନ ଥିଲେ। ପଦ୍ମନାଭପୁର ଜୋନର ଆଙ୍କୋରଡା, ପଦ୍ମନାଭପୁର ଏବଂ ଦିଗପହଣ୍ଡି କ୍ଲଷ୍ଟର ଅଧିନ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୭ ବର୍ଷରୁ କମ୍ ବୟସର ୨୫୦ ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡି ଓ ଖୋ – ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀ ସଭାକାର୍ଯ୍ୟରେ ସଂଯୋଜନା କରିଥିବା ବେଳେ ହାଇସ୍କୁଲ କ୍ରୀଡା ଶିକ୍ଷକ ତଥା କ୍ରୀଡ଼ା ପ୍ରତିଯୋଗିତାର ଜୋନାଲ ସମ୍ପାଦକ ଏମ୍ . ଗୌରାଙ୍ଗ ଖେଳ ପରିଚାଳନା କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

ହିଞ୍ଜିଳିକାଟୁ,୧।୯(ଦ୍ୱିତୀକୃଷ୍ଣ ପଣ୍ଡା):



ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ରବିବାର ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ସଂଯୋଜନାରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପୋରାଧକ୍ଷ ସୁବାସ ଚନ୍ଦ୍ର ପୋଲେଇ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୧୫ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସ୍ୱଚ୍ଛ ସାଥି, ସୁପରଭାଇଜର, ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ପରେ ନିର୍ମାଣଧୀନ ମାର୍କେଟ କମ୍ପ୍ଲେକ୍ସ ଦକ୍ଷିଣ ବ୍ଲକ ଗୃହ ଓ ଗୃହ ଆବଣ୍ଟନ କରାଯାଇଥିଲା। ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ୮ଟି ଭେଣ୍ଡିଂଜୋନ, ଗୋଷ୍ଠୀ ଶୌଚାଳୟ, ୱାର୍ଡ ନଂ. ୧, ୪, ୯ ଓ ୧୨ରେ ଅଙ୍ଗନୱାଡ଼ି କେନ୍ଦ୍ର, ନୂଆଁଗଡଠାରେ ପ୍ରଶାସନିକ କୋଠା, ପରିସ୍ରାଗାର, ବଇଞ୍ଚବଣିଆ ଶ୍ରୀକ୍ଷେତ୍ର ମାର୍ଗ ସ୍ଥିତ କଲ୍ୟାଣ ମଣ୍ଡପ, ଦୋକାନ ଗୃହର ଲୋକାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ପୌରାଞ୍ଚଳ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡୁଡା ପିଡି ସୁନୀଲ କୁମାର କେରକେଟା, ହିଞ୍ଜିଳି ବିଧାୟକଙ୍କ ଜିଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଉପାଧକ୍ଷା ସୁଚିତ୍ରା ପଣ୍ଡା, ପୌର ପ୍ରତିନିଧି ପ୍ୟାରୀମୋହନ ପାଢୀ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଶ୍ରୀକାନ୍ତ ସାହୁ, ବିଡିଓ ସାଗରିକା ଷଡ଼ଙ୍ଗୀ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା, ନିଳମଣି ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ପୂର୍ବରୁ ଆୟୋଜିତ ବକ୍ତୃତା, ସଙ୍ଗୀତ, ରଚନା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସହରର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ପୌର ଯନ୍ତ୍ରୀ ମୁକେଶ ପ୍ରଧାନ, କନିଷ୍ଠଯନ୍ତ୍ରୀ ମାନସ ରଞ୍ଜନ ଦାଶ, ସୁବ୍ରତ କୁମାର ମହାପାତ୍ର ପରିଚାଳନା କରିଥିଲେ। ପୌର କର୍ମଚାରୀମାନେ ସହଯୋଗ କରିଥିଲେ।

# ସାପ କାମୁଡ଼ା, ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ,୧।୯(ରାକେଶ କୁମାର ରାଉତ)



କନ୍ଧମାଳ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ସାପ କାମୁଡା ଏବଂ ବଜ୍ରପାତ ପ୍ରତି ସାବଧାନତା ସଚେତନତା ଏକ ଦିବସୀୟ ଦକ୍ଷତା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକ ଯୋଗଦେଇ କହିଥିଲେ ସରକାରଙ୍କର ଲୋକଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାରେ କଳାକାରମାନଙ୍କର ଭୂମିକା ମହତ୍ୱପୂର୍ଣ୍ଣ। ଲୋକକଳା ଓ ଆଞ୍ଚଳିକ ଭାଷାରେ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନୋରଞ୍ଜନ କରିବା ସହିତ ସଚେତନ କରିବାରେ ସହାୟତା ହୋଇଥାଏ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଏବଂ ଜିଲା ଜରୁରୀକାଳୀନ ଅଧିକାରୀ ବିରଞ୍ଚି ଧାରୁଆ ମଧ୍ୟ ସାପ କାମୁଡା ଏବଂ ବଜ୍ରପାତରୁ ନିଜକୁ କିପରି ରକ୍ଷାକରିବା ଓ ଏଥିପାଇଁ ସରକାରଙ୍କର କ'ଣ ଯୋଜନା ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ ପରିଚାଳନା କରିବା ସହିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଭାବେ ସାପ କାମୁଡା ଏବଂ ବଜ୍ରପାତ ପ୍ରତି ଲୋକମାନଙ୍କ ମଧ୍ୟରେ ସାବଧାନତା ଓ ସଚେତନତା ସୃଷ୍ଟି କରାଯାଇ ପାରିବ ସେହି ସମ୍ପର୍କରେ କଳାକାରମାନଙ୍କୁ ତାଲିମ ଦେଇଥିଲେ । କଳାକାରମାନେ ନିଜ ପ୍ରସ୍ତୁତ ସ୍କ୍ରିପ୍ଟ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ବିଜେନ୍ଦ୍ର ପ୍ରଧାନ, ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି, ସାଂସ୍କୃତିକ ଦଳମାନଙ୍କର ମୁଖ୍ୟ, କଳାକାର ଏବଂ ଜିଲ୍ଲା ସଂସ୍କୃତି ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଧନ୍ଦାମୂଳକ ଶିକ୍ଷା ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,୧।୯(ବିଦ୍ୟାଧର ସାହୁ)

ଗଞ୍ଜାମ କଲେଜ ଧନ୍ଦା ମୂଳକ ଶିକ୍ଷା (ଭୋକେଶନାଲ)ରେ ଟପ୍ପର ଛାତ୍ରୀ ସୁଇଟି ନାୟକଙ୍କୁ ସ୍ୱାୟତ୍ତ ଶାସନ ଦିବସରେ ଏନଏସି ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ ପୁରସ୍କୃତ କରିଥିଲେ। ୱାର୍ଡ ନଂ. ୧୦ କାଉନସିଲର ସୁଜାତା ମାହାନ୍ତିଙ୍କ ସମେତ ଅନ୍ୟାନ୍ୟ କାଉନସିଲର ଉପସ୍ଥିତ ଥିଲେ। ସୁଇଟି ଗତ ପରୀକ୍ଷାରେ ସର୍ବୋଚ୍ଚ ୪୬୯ ମାର୍କ ରଖି କ୍ଲାସ ଟପ୍ପର ହୋଇଥିଲେ ମଧ୍ୟ କଲେଜ ପ୍ରତିଷ୍ଠା ଉତ୍ସବରେ ପୁରସ୍କୃତ ହେବାରୁ ବଞ୍ଚିତ ହୋଇଥିଲେ। ଦ୍ୱିତୀୟ ଓ ତୃତୀୟ ହୋଇଥିବା ବିଦ୍ୟାର୍ଥୀ ପୁରସ୍କାର ପାଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ସେତେବେଳେ ବିଭିନ୍ନ ଛାତ୍ର ସଂଗଠନ ଓ ବୁଦ୍ଧିଜୀବୀ ଦୃଢ ନିନ୍ଦା କରିଥିଲେ। ପୁରସ୍କାର ପାଇବା ପରେ ସୁଇଟି ଖୁସିବ୍ୟକ୍ତ କରିବା ସହ ବାପା ବାବୁ ନାୟକ ଓ ବଡ଼ ଭଉଣୀ ରେଶମା ନାୟକଙ୍କ ପ୍ରେରଣା ଯୋଗୁଁ ସଫଳତା ପାଇଥିବା କହିଛନ୍ତି।

# ଏନ୍‌ଏସି ମାନ୍ୟତାରୁ ବାଦ୍ ପଡ଼ିଲା ମୋହନା

## ଦୀର୍ଘବର୍ଷର ଦାବିକୁ ଗୁରୁତ୍ୱ ଦେଲେନି ସରକାର

ମୋହନା,୧।୯(ମନ୍ମଥ ମିଶ୍ର)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୋହନାକୁ ଏନଏସି ରୂପେ ଘୋଷଣା କରାଯିବ ବୋଲି ଅଞ୍ଚଳବାସୀ ଆଶାବାଦୀ ଥିଲେ। ମାତ୍ର ୭ଟି ନୂତନ ମୁନିସିପାଲିଟି ଓ ୧୬ଟି ଅଞ୍ଚଳକୁ ନୂତନ ଏନଏସି ରୂପେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏଥିରେ ମୋହନା ନାହିଁ। ଫଳରେ ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ମୋହନାକୁ ଏନଏସି ମାନ୍ୟତା ନେଇ ମୋହନାବାସୀ ବହୁବାର ଦାବି କରି ଆସିଛନ୍ତି। ନୂତନ ଏନଏସି ଘୋଷଣା ପୂର୍ବରୁ ସରକାର ଏହି ଦାବିକୁ ବିଚାର କରିବେ ବୋଲି ଅଞ୍ଚଳବାସୀଙ୍କ ଆଶା ଥିଲା। ମାତ୍ର ସରକାର ମୋହନାକୁ ଉପେକ୍ଷା କରିଛନ୍ତି ବୋଲି ମୋହନା ଉନ୍ନୟନ ପରିଷଦର ପୂର୍ବତନ ସଭାପତି ମଧୁସୂଦନ ପାଢ଼ୀ ଓ ସମ୍ପାଦକ ସୀମାଞ୍ଚଳ କାର୍ଜି କହିଛନ୍ତି। ସ୍ଥାନୀୟ ଜନ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁ ମୋହନା ସବୁ କ୍ଷେତ୍ରରେ ପଛରେ ପଡ଼ିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗଜପତି ଜିଲା ମୋହନା ବ୍ଲକ ୩୯ଟି ପଞ୍ଚାୟତକୁ ନେଇ ଗଠିତ। ଏହା ରାଜ୍ୟର ଦ୍ୱିତୀୟ ବୃହତମ ବ୍ଲକ ରୂପେ ପରିଚିତ। ମୋହନା ଦେଇ ୩୨୬ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ଏହା ଦକ୍ଷିଣ ଓଡିଶାକୁ ଯାତାୟାତର ମୁଖ୍ୟ ମାର୍ଗ। ଏହିରାସ୍ତା ଦେଇ ଲୋକେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା ଓ କନ୍ଧମାଳରୁ ମୋହନା ଦେଇ ଭୁବନେଶ୍ୱର ଓ କଟକ ଯାତାୟତ କରନ୍ତି। ମୋହନାକୁ ଏନଏସି ମାନ୍ୟତା ପାଇଁ ଗତ କିଛି ବର୍ଷ ହେଲା ମୋହନା ଉନ୍ନୟନ ପରିଷଦ, ଯୁବକ ସଂଘ, ମହିଳା ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ ଓ ବଣିକ ସଂଘ ଦାବି କରି ଆସୁଛନ୍ତି। ଏଥିପାଇଁ ବହୁବାର ଆନ୍ଦୋଳନ କରାଯାଇଛି। ମୋହନା ବନ୍ଦ ଡାକରା ଦିଆଯାଇଛି। ଏହା ସତ୍ତ୍ୱେ ମୋହନାକୁ ଏନଏସି ମାନ୍ୟତା ମିଳିପାରିନାହିଁ। ଏନଏସି ହୋଇଥିଲେ ମୋହନାରେ ପଡି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଥାନ୍ତା ବୋଲି ମୋହନା ଉନ୍ନୟନ ପରିଷଦ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ବନ୍ୟପ୍ରାଣୀ ସୁରକ୍ଷା ପାଇଁ ହେବ ସଚେତନତା କାର୍ଯ୍ୟକ୍ରମ

## ବିଭାଗର ସହଯୋଗ ଲୋଡିଲେ ଭିଏସ୍‌ଏସ୍ କର୍ମକର୍ତ୍ତା



ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନେ ଡିଏଫଓଙ୍କୁ ଦାବିପତ୍ର ଦେଉଛନ୍ତି।

ଭଞ୍ଜନଗର,୧।୯(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜର କେତେକ ଅଞ୍ଚଳରେ ବନ୍ୟପ୍ରାଣୀ ବିପଦରେ ପଡୁଛନ୍ତି। ବନ୍ୟପ୍ରାଣୀମାନେ ବିଶେଷ କରି ହାତୀ ଜଙ୍ଗଲରୁ ବାହାରି ଲୋକଙ୍କ ବ୍ୟାପକ କ୍ଷତି କରୁଛନ୍ତି। କେତେକ ଅଞ୍ଚଳରେ ଜଙ୍ଗଲ କ୍ଷୟ ହେଉଛି। ତାହାର ସୁରକ୍ଷା ଏବଂ ସଚେତନତା ଲକ୍ଷ୍ୟ ନେଇ କେତେକ ବନ ସୁରକ୍ଷା ସମିତି (ଭିଏସଏସ) କର୍ମକର୍ତ୍ତା ଆଗକୁ ବାହାରିଛନ୍ତି। ସୋମବାର ୧୫ଟି ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ଭେଟି ସହଯୋଗ ଲୋଡିଛନ୍ତି। ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ସେପ୍ଟେମ୍ବର ମାସରେ ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଆମକୁ ଗାଡି, ପ୍ରଚାରପତ୍ର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ, ପିକେ ଗୌଡ, କୃଷ୍ଣଚନ୍ଦ୍ର ନାୟକ, ସୂର୍ଯ୍ୟ ନାରାୟଣ ଗୌଡ, କେଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରାଇଭର ଦିବସ ପାଳିତ

କବିସୂର୍ଯ୍ୟନଗର, ୧।୯
(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରଠାରେ ଓଡିଶା ଡ୍ରାଇଭର ମହାସଂଘ ସ୍ଥାନୀୟ ଶାଖା ପକ୍ଷରୁ ଡ୍ରାଇଭର ଦିବସ ପାଳିତ ହୋଇଛି। ସଭାପତି ରାଜାରାଓ ରେଡ୍ଡୀଙ୍କ ନେତୃତ୍ୱରେ ସମସ୍ତ ଡ୍ରାଇଭରମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ସେମାନେ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚି ଆୟୋଜିତ ସଭାରେ ଯୋଗ ଦେଇଥିଲେ। ସଂଘ ସଭାପତି ରେଡ୍ଡୀଙ୍କ ସମେତ ଉପସଭାପତି ପ୍ରକାଶ ପଣ୍ଡା, ସମ୍ପାଦକ ସୁଶାନ୍ତ ସାହୁ, ସହ ସମ୍ପାଦକ ଟିଟୁ ଜେନା, କୋଷାଦକ୍ଷ କୁମୁଦ ଜେନା, ଉପଦେଷ୍ଟା ଅନାଥ ମଳିକ, ଶାନ୍ତନୁ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସୋରଡ଼ାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୋରଡା,୧।୯(ରଜନୀ ମହାପାତ୍ର)–ସୋରଡା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିଖିଳ ଉତ୍କଳ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗଦେବା ସହ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରି ସହରବାସୀଙ୍କୁ ସମ୍ବୋଧିତ କରିଥିଲେ। ଏଠାକାର ବିକାଶ ପାଇଁ ସମସ୍ତ ପ୍ରଚେଷ୍ଟା କରାଯିବ ଏବଂ ଲୋକଙ୍କୁ କିପରି ପ୍ରଶାସନିକ କାର୍ଯ୍ୟ ସୁବିଧାରେ ମିଳିପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ସୋରଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଭାଗ୍ୟଲତା ଡାକୁଆଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟା ଓ ସଦସ୍ୟ ବିଧାୟକଙ୍କ ସହ ମିଶି ସୋରଡାରେ ଥିବା ସ୍ୱାଧୀନତା ସଂଗ୍ରାମୀ ଶଶି ଭୂଷଣ ରଥ, ମହାତ୍ମା ଗାନ୍ଧୀ ଓ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସୋରଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ସୌନ୍ଦର୍ଯ୍ୟ କରଣ ପ୍ରକଳ୍ପ ଓ ସୀତାରାମ ରଙ୍ଗମଞ୍ଚର ନବୀକରଣ ପ୍ରକଳ୍ପକୁ ଉଦଘାନ କରିଥିଲେ। ସୀତାରାମ ରଙ୍ଗମଞ୍ଚରେ ସ୍ୱାୟତ୍ତ ଶାସନ ଦିବସର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଶିକ୍ଷକ ଗଗନ ପଟ୍ଟନାୟକ, ଚିକିତ୍ସକ ହରପ୍ରସାଦ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ସାମନ୍ତରାୟ, ମା କନ୍ଧୁଣି ଦେବୀ ସେବା ସଂଘ, ଲକ୍ଷ୍ମୀ ପୂଜା କମିଟି, ଲାୟନ୍ସ କ୍ଲବ୍‌କୁ ପ୍ରମୁଖ ସେବା ପାଇଁ ସ୍ୱତନ୍ତ୍ର ସମ୍ମାନ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ସହରରେ ତ୍ୱରାନିତ କରାଯାଉଥିବା ଉନ୍ନୟନ ପ୍ରକଳ୍ପ ଉପରେ ବକ୍ତବ୍ୟ ରଖିଥିଲେ। ଆସିକା ଏମ୍‌ପି ପ୍ରତିନିଧି ସିମାଞ୍ଚଳ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ସାହୁ, ବରିଷ୍ଠ ଆଇନଜୀବି ଅରୁଣ କୁମାର ଦାସ, ସମାଜସେବୀ ପ୍ରମୋଦ ପଟ୍ଟନାୟକ ସମେତ ସମସ୍ତ ସଦସ୍ୟା ସଦସ୍ୟ ମଞ୍ଚାସିନ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୋତିନ୍ଦ୍ର କୁମାର ତ୍ରିପାଠୀ କାର୍ଯକ୍ରମ ପରିଚାଳନା କରିଥିଲେ। ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


**PRANANATH COLLEGE (AUTONOMOUS), KHORDHA**

NAAC Accredited 'A' Level

**New e-Admission in P.G.**

SAMS Phase-II

Prananath College (Autonomous), Khordha announces opening of new P.G. courses in

**Political Science - 32 seats**
**Physics - 16 seats**
**Odia - 32 seats**

Candidates with CPET - 2025 score may apply online in SAMS : **pg.samsodisha.gov.in / www.samsodisha.gov.in**

**Last date - 03.09.2025**

Sd./- PRINCIPAL

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, NAYAGARH**

No.A-558

e-Procurement Notice

BID IDENTIFICATION NO. - SEMIDN - 07/2025-26

Letter No. - 2251 Dated - 26.08.2025

| | | |
|---|---|---|
| Name of work | : | Improvement to Check Dams under Imp. to Check Dam grant during the year 2025-26 |
| No. Works | : | 10 (Ten) |
| Estimated Cost | : | Varies from Rs. 4.08 lakh to Rs. 6.72 lakh Approximately |
| Class of Contractor | : | Class "D" & "C" |
| Tender paper Cost | : | **Rs. 2000.00 & 4000.00 (Non-refundable)** |
| Period of completion | : | 01 (One) Calendar month |
| Availability of Bid documents | : | From 10.00 A.M. of **03.09.2025** to 17.00 hrs of **09.09.2025** in website (www.tendersodisha.gov.in) |
| Time of receipt of bid through online | : | From 10.00 A.M. of **03.09.2025** to 17.00 hrs of **09.09.2025** through online |
| Date of opening of bid documents | : | At 11.00 hrs of **10.09.2025** in the O/o S.E., M.I. Division, Nayagarh |
| Date of Transparent Lottery (if cases arise) | : | **At 11.00 hrs onwards of Dt. 17.09.2025** |
| Digital signature certificate | : | The bidder must posses compatible digital signature certificate (DSC) of Class - II or Class - III |

The detail tender call notice can also be seen in the DOWR website : http/dowrorissa.gov.in.
Name and address of the OIT : Office of Superintending Engineer, M.I. Division, Nayagarh, Tel No. (06753)291009, e-mail - eemidivisionnayagarh@gmail.com
Further details can be seen from the e-Procurement market place, http//www.tendersodisha.gov.in

OIPR-32260/11/0022/2526

Sd./- Superintending Engineer
M.I. Division, Nayagarh

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

No.O-674

e-mail : serwsbd2003@yahoo.com

No. : 3114 Date : 25.08.2025

NATIONAL COMPETITIVE BIDDING THROUGH GePNIC e_Procurement Notice

1. Name of the work : Construction of Road Works - 13 Nos.
2. Class of contractor : "B" Class, "A" Class & Special of (Odisha PWD) or relevant class of other licensing authority.
3. Estimated Cost : Varies from Rs.75.66 Lakhs to Rs. 831.02 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 12/2025-26 | 03.09.2025 at 11.00 A.M. | 23.09.2025 up to 5.00 P.M. | 22.09.2025 up to 2.00 P.M. | 24.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
RW Circle, Sunabeda

OIPR-25182/11/0072/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

No.O-672

e-mail : serwsbd2003@yahoo.com

No. : 3112 Date : 25.08.2025

NATIONAL COMPETITIVE BIDDING THROUGH GePNIC e_Procurement Notice

1. Name of the work : Construction of Weir (Bridge) Works - 02 Nos.
2. Class of contractor : "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.100.16 Lakhs to Rs.122.34 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 14/2025-26 | 03.09.2025 at 11.00 A.M. | 17.09.2025 up to 5.00 P.M. | 16.09.2025 up to 2.00 P.M. | 18.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
RW Circle, Sunabeda

OIPR-25182/11/0074/2526

**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**

e-tender Notice -
BIT/10/2025-26/Trans/Civil1
Reference Number: BIT/10/2025-26/Trans/Civil1
Dated :- 31-08-2025
Tender ID: 2025_DHTE_104469_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and installation of Laboratory Equipment of Transport Engineering Lab for Civil Department BIT Sindri, Dhanbad, Jharkhand. |
| 3 | Document download start date | 02-09-2025 |
| 4 | Document download end date | 02-09-2025 |
| 5 | Bid submission end date | 23-09-2025 |
| 6 | Bid opening date | 24-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders. gov. in

Sd/-
Director, B.I.T., Sindri

PR.NO.361011 Higher Education,Technical Education and Skill Development Department(25-26):D

## ସଂକ୍ଷେପରେ

ରଙ୍ଗେଇଲୁଣ୍ଡା ଏୟାରପୋର୍ଟ କାର୍ଯ୍ୟକ୍ଷମରେ ବିଳମ୍ବ

### ଆର୍‌ଡିସି ସମୀକ୍ଷା ବୈଠକ କରିବେ ଆଜି

ଛତ୍ରପୁର,୧୧୯(ସନ୍ତୋଷ ପାଢ଼ୀ): ବ୍ରହ୍ମପୁର ଉପକଣ୍ଠରେ ରଙ୍ଗେଇଲୁଣ୍ଡା ଏୟାରପୋର୍ଟ ଗେଟ୍‌ରେ ୨ ବର୍ଷ ହେଲା ତାଲା ପଡ଼ିଛି। ଏଠାରେ ଗ୍ରୀନଫିଲଡ ଏୟାରପୋର୍ଟ ନିର୍ମାଣ ପାଇଁ ଏୟାରଷ୍ଟ୍ରିପ ସମ୍ପ୍ରସାରଣ ଓ ବିଭିନ୍ନ କୋଠା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ପଡିରହିଛି। ଏହାର ସମୀକ୍ଷା ପାଇଁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି ) ମଙ୍ଗଳବାର ଏକ ବୈଠକ ଡାକିଛନ୍ତି। କାର୍ଯ୍ୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏୟାରଷ୍ଟ୍ରିପ ସମ୍ପ୍ରସାରଣ ଓ ବିଭିନ୍ନ କୋଠା ନିର୍ମାଣ କାର୍ଯ୍ୟର ଅଗ୍ରଗତି ରିପୋର୍ଟ ଏବଂ କ'ଣ ସବୁ ସମସ୍ୟା ରହିଛି ସେ ସମ୍ପର୍କିତ କାଗଜପତ୍ର ସହ ବୈଠକକୁ ଆସିବାକୁ ଚିଠି କରି ନିର୍ଦ୍ଦେଶ ଦେଇଛନ୍ତି।

### ଗଜପତି ଜିଲାର ନକ୍ସା ସମ୍ବଳିତ ପୁସ୍ତକ ଉନ୍ମୋଚନ

ପାରଳାଖେମୁଣ୍ଡି,୧୧୯(ଗିରିଧାରୀ ପରିଚ୍ଛା) ଉତ୍କଳ ହିତୈଷୀଣି ସଭା ଗୃହରେ ଗଜପତି ନାଗରିକ ମଞ୍ଚ ଆନୁକୂଲ୍ୟରେ ଗଜପତି ଜିଲା ବିକାଶର ଏକ ସମ୍ପୂର୍ଣ୍ଣ ନକ୍ସା ପୁସ୍ତକ ଉନ୍ମୋଚିତ ହୋଇଛି। ନାଗରିକ ମଞ୍ଚର ମୁଖ୍ୟ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଏବଂ ବରିଷ୍ଠ ଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତ ସଂଯୋଜନା କରିଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ନାମିତ ଏହି ଜିଲା ଆଜି ସବୁ କ୍ଷେତ୍ରରେ ଅବହେଳିତ ହୋଇ ରହିଛଇ। ଜିଲାରେ ଅଣ ଓଡିଆଙ୍କ ପାଦୁର୍ଭାବ ହେତୁ ଜିଲାର ବିକାଶରେ ବାଧକ ସାଜୁଛି ବୋଲି ମଞ୍ଚର ଅଧ୍ୟକ୍ଷ ମହାପାତ୍ର ଅଭିଯୋଗ କରିଥିଲେ। ଜିଲାର ବିକାଶ ପାଇଁ ୮୦ ଦାବି ସମ୍ବଳିତ ଏକ ବ୍ଲୁପ୍ରିଣ୍ଟଭିତ୍ତିକ ପୁସ୍ତକ ବିକଶିତ ଓଡିଶା ୨୦୩୬ ଗଜପତି ଜିଲା ବିକାଶର ନକ୍ସା ନାମରେ ପୁସ୍ତକ ଏବେ ଉନ୍ମୋଚିତ ହୋଇଛି। ଜିଲାର ଅବହେଳିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଜଳସେଚନ, ପର୍ଯ୍ୟଟନ, ଶିଳ୍ପ, ରେଳପଥକୁ ଏହି ନକ୍ସା ସମ୍ବଳିତ ପୁସ୍ତକରେ ଗୁରୁତ୍ୱାରୋପ କରାଯାଇଛି। ଭୁବନେଶ୍ୱରସ୍ଥିତ ପାରଳା ଗଜପତି ବିକାଶ ମଞ୍ଚ ସଦସ୍ୟ ବିଦ୍ମରାଜ ସାହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିଭିନ୍ନ ଦାବି ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର

ପାରଳାଖେମୁଣ୍ଡି,୧୧୯(ଗିରିଧାରୀ ପରିଚ୍ଛା) ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସୋମବାର ୫ ଦଫା ଦାବିନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୁତନ ଭାବେ ଅନୁଦାନ ପାଇଥିବା ସ୍କୁଲ ଓ କଲେଜଗୁଡିକୁ ସରକାରୀ କରି ଅନୁଦାନ ପାଇଥିବା ସ୍କୁଲଗୁଡିକର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପେନସନ ପ୍ରଦାନ କରିବା, ସରକାରୀ ଅନୁଦାନ ପାଇ ନ ଥିବା ୧୯୪ ସ୍କୁଲକୁ ଅନୁଦାନ ଦେବା, ୨୦୦୪ରୁ ୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗ୍ରେଡେସନରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ୬ଟି ଇନ୍‌କ୍ରିମେଣ୍ଟ ଦେବା, ଅବସର ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ସଭାପତି ପି. ମେନକା ରାଓଙ୍କ ନେତୃତ୍ୱରେ ସମ୍ପାଦକ ଚିତରଞ୍ଜନ ପଣ୍ଡା, ଶିକ୍ଷକ ଶୁଶାନ୍ତ ଚୌଧୁରୀ, ମନୋଜ ବେହେରାଙ୍କ ସହ ୭ଟି ବ୍ଲକର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଜବରଦଖଲରେ ମୁଖ୍ୟରାସ୍ତା, ବଢୁଛି ଟ୍ରାଫିକ୍ ସମସ୍ୟା

ଚିକିଟି,୧୧୯(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବଜାରର ମୁଖ୍ୟ ରାସ୍ତା ଅଣଓସାରିଆ ଯୋଗୁ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି। ୧୨ଟି ୱାର୍ଡକୁ ନେଇ ଚିକିଟି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନଏସି) ୧୯୭୩ରେ ଗଠିତ ହୋଇଥିଲା। ଇତି ମଧ୍ୟରେ ଏନଏସିରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହାନ ସଂଖ୍ୟା ମଧ୍ୟ ବଢିଛି। ଚିକିଟି ବଜାର ହେଉଛି ବାଣିଜ୍ୟର ପେଣ୍ଠସ୍ଥଳୀ। ଏହି ବଜାର ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ନିର୍ଭର କରନ୍ତି। ଅଧିକାଂଶ ସମୟରେ ରାସ୍ତା ଉପରେ ବେଆଇନ ପାର୍କିଂ ଯୋଗୁ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଟ୍ରାଫିକ ନିୟନ୍ତ୍ରଣରେ ପୋଲିସ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଯୋଜନାବଦ୍ଧ ଭାବେ ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ଏହାର ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡୁଛି।



ମୁଖ୍ୟରାସ୍ତାରେ ହୋଇଥିବା ଟ୍ରାଫିକ୍ ଜାମ୍ ।

ସହରଗୁଡିକରେ ପ୍ରତି ୱାର୍ଡରେ ରାସ୍ତା ପାଇଁ ଅତି କମରେ ୪୦ ଫୁଟ ଓସାର ରହିବା ଓ ଡ୍ରେନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱକୁ ୩ ଫୁଟ ଜାଗା ଛାଡିବାର ନିୟମ ରହିଛି। ପ୍ରତି ୱାର୍ଡର ମୁଖ୍ୟ ଓ ରାସ୍ତା ନିର୍ମାଣ ବେଳେ ଏଥିପ୍ରତି ଏନଏସି ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ସଂକୀର୍ଣ୍ଣ ରାସ୍ତା ନିର୍ମାଣ ହେଉଛି। ଉକ୍ତ ରାସ୍ତାରେ ୨ଟି ଗାଡି ଯାତାୟାତ କରିବା ସହଜ ହେଉନାହିଁ। ଅନ୍ୟପକ୍ଷରେ ପ୍ରତ୍ୟେକ ଗଳିକନ୍ଦିରେ ଉଠାଦୋକାନୀ ଓ ବ୍ୟବସାୟୀମାନେ ଜାଗା ଦଖଲ କରି ବ୍ୟବସାୟ କରୁଥିବାରୁ ରାସ୍ତା ଅଧିକ ସଂକୁଚିତ ହୋଇଯାଉଛି। ଏଠାରେ ଶତାଧିକ ବ୍ୟବସାୟ ପ୍ରତିଷ୍ଠାନ ସହ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ତହସିଲ, ବ୍ଲକ କାର୍ଯ୍ୟାଳୟ ରହିଛି। ଛାତ୍ରୀଛାତ୍ର ସ୍କୁଲ କଲେଜ ଓ କର୍ମଚାରୀମାନେ ଅଫିସ ଯାତାୟାତ ବେଳେ ମୁଖ୍ୟ ରାସ୍ତାରେ ଭୀଷଣ ଭିଡ ହେଉଛି। ଏନଏସି କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ମୁଖ୍ୟ ରାସ୍ତାରୁ ଜବରଦଖଲ ହଟାଇ ଏହାକୁ ଅଧିକ ଚଉଡା କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଚିକିଟି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନଙ୍କୁ ପଚାରିବାରୁ ସେ କହିଲେ, ମୁଁ ଏଠାରେ ଅଳ୍ପ କିଛି ଦିନ ହେଲା ଯୋଗ ଦେଇଛି। ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସହଯୋଗରେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ୪ ଦଶନ୍ଧି ଧରି ବ୍ଲକ ଗଠନ ଦାବି କରି ଆସୁଛନ୍ତି ଅଞ୍ଚଳବାସୀ

## ସରକାରଙ୍କ ବ୍ଲକ ପୁନର୍ଗଠନ ନିଷ୍ପତ୍ତି ପରେ ଆଶାବାଦୀ ବ୍ରାହ୍ମଣୀଗାଁବାସୀ

ଦାରିଙ୍ଗବାଡି, ୧୧୯ ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁର ୮ ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ କରାଯିବା ଦାବି ପୁଣି ତେଜିଛି। ଦୀର୍ଘ ୪ ଦଶନ୍ଧି ଧରି ବ୍ଲକ ଗଠନ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହ ଆନ୍ଦୋଳନ କରି ନିରାଶ ହୋଇଛନ୍ତି ଆମେ ଅଞ୍ଚଳବାସୀ ନିରାଶ ହୋଇଛୁ ବୋଲି ଲମ୍ବୋଦର ସିଂଙ୍କ ସହ ଅନ୍ୟମାନେ ପ୍ରକାଶ କରିଛନ୍ତି। ୮ଟି ପଞ୍ଚାୟତ କାଟିଙ୍ଗିଆ, କୁମ୍ଭାରୀଗାଁ, ଝିଞ୍ଜିରୀଗୁଡା, ବ୍ରାହ୍ମଣୀଗାଁ, ଗଦାପୁର, ହାତୀମୁଣ୍ଡା, ସରାମୁଳି ଓ ତାଜୁଙ୍ଗିଆ ପଞ୍ଚାୟତ ଦାରିଙ୍ଗବାଡି ବ୍ଲକ ହେଡକ୍ୱାଟରଠାରୁ ୪୦ରୁ ୮୦ କି.ମି. ପର୍ଯ୍ୟନ୍ତ ଦୂର ହେଉଛି। ଉକ୍ତ ଅଞ୍ଚଳଗୁଡିକରୁ ଜିଲା ହେଡକ୍ୱାଟର ୧୫୦ରୁ ୨ ଶହ କି.ମି. ଦୂର ହେଉଛି। ଲୋକେ ଯେକୌଣସି କାର୍ଯ୍ୟରେ ବ୍ଲକ ହେଡ ଅବା ଜିଲା ସରଦ ମହକୁମାକୁ ଅଞ୍ଚଳବାସୀ ଗଲେ ଗୋଟିଏ ଦିନରେ ଗାଁକୁ ଫେରିବା କଷ୍ଟକର ହେଉଛି। ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ଭାଜପା ସରକାର ଗଠନ କରିଛି। ସରକାରଙ୍କ ବିଭିନ୍ନ ନିଷ୍ପତ୍ତି ଲୋକଙ୍କୁ ସୁହାଉଛି ବୋଲି କୁହାଯାଉଛି। ସରକାର ରାଜ୍ୟରେ ନୂତନ ବ୍ଲକ ଗଠନ କରିବାକୁ ଜାନୁୟାରୀ ମାସରେ ନିଷ୍ପତ୍ତି ନେଇଥିଲେ। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ଦୁର୍ଗମ ବ୍ରାହ୍ମଣୀଗାଁ ବ୍ଲକ ଗଠନ ପ୍ରତି ସରକାର ଗୁରୁତ୍ୱ ଦେବେ ବୋଲି ଅଞ୍ଚଳବାସୀ ଆଶାବାଦୀ ଥିଲେ। ମାତ୍ର ସରକାର ନୂତନ ବ୍ଲକ ଗଠନ ଦିଗରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନ ଥିବା ହେତୁ ବ୍ରାହ୍ମଣୀଗାଁ ଅଞ୍ଚଳବାସୀ ଆଶା ଆଶଙ୍କାରେ ରହିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଆଞ୍ଚଳିକ ବ୍ଲକ ଗଠନ ଅଭିଯାନ କମିଟିର ସଭାପତି ବିକ୍ରମ ବାସ୍ତରାୟ ଦାବି କରିଛନ୍ତି। ଏନେଇ ସେ କହିଛନ୍ତି, ବ୍ଲକ ଗଠନ ଦାବି ନେଇ ଚଳିତ ମାସରେ ପୁନର୍ବାର ବୈଠକ କରାଯିବ। ଜିଲା ଭାଜପା କମିଟି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବ୍ରାହ୍ମଣୀଗାଁ କୁ ବ୍ଲକ କରିବା ଲାଗି ଦାବି ଜଣାଉବୁ ବୋଲି ସେ ପ୍ରକାଶ କରିଛନ୍ତି।

# ସାର ଅଭାବ, କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ବିଜେଡିର ଦାବିପତ୍ର




ଛତ୍ରପୁର,୧୧୯(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାରେ ସାର ଅଭାବ ଏବଂ କୃଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଜିଲାର ବହୁ ପୂର୍ବତନ ବିଧାୟକ ଏବଂ ନେତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲାପାଳ ସୁନୀଲ କେର୍କେଟାଙ୍କୁ ପ୍ରଦାନ କରିଥିଲେ । ଚାଷୀଙ୍କ ପ୍ରତି ଅନ୍ୟାୟକୁ ବିଜେଡି କେବେ ବି ସହ୍ୟ କରିପାରିବ ନାହିଁ ବୋଲି ନେତାମାନେ କହିଥିଲେ। ଚଳିତ ଖରିଫ ଋତୁରେ ଚାଷୀ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ଓ ଅନ୍ୟାନ୍ୟ ସାର ପାଇପାରୁନାହାନ୍ତି। ଚାଷୀ ପଞ୍ଜିକରଣ ଜଟିଳ ପ୍ରକ୍ରିୟା ଏବଂ ପଞ୍ଜୀକରଣ ନିମନ୍ତେ କମ ଅବଧି ମିଳିଥିବାରୁ ଅନେକ ଯୋଗ୍ୟ ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଗତବର୍ଷ ଖରିଫ ଧାନ ଅମଳ ସମୟର ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିପାରିନାହିଁ। ଅନ୍ୟପଟେ ନିଅଣ୍ଟିଆ ବର୍ଷା ବେଳେ ଜଳ ସେଚନର ସୁବିଧା କରାଯାଉ ନ ଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏ ସମସ୍ତ ସମସ୍ୟାର ସମାଧାନ ଲାଗି ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାଷ ଚନ୍ଦ୍ର ବେହେରା, ଲତିକା ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ଶ୍ରୀକାନ୍ତ ସାହୁ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା ଓ କୈଳାଶ ରଣା, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତାଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଶ୍ରୀରୁପ ଦେବ ପ୍ରମୁଖଙ୍କ ସମେତ ବହୁ ନେତା,କର୍ମୀ ଉପସ୍ଥିତ ଥିଲେ।

## ପଥର କ୍ୱାରିରେ ବ୍ଲାଷ୍ଟିଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଗ୍ରାମବାସୀ

ଛତ୍ରପୁର,୧୧୯ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ) ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ଝରପୋଖରୀ ଗ୍ରାମକୁ ଲାଗି ରହିଥିବା ପଥର କ୍ୱାରିରେ ପଥର ବ୍ଲାଷ୍ଟିଂ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଗ୍ରାମବାସୀ। ଉକ୍ତ ପଥର କ୍ୱାରିରେ କରାଯାଉଥିବା ପଥର ବ୍ଲାଷ୍ଟିଂ ଯୋଗୁ ଶବ୍ଦ ପ୍ରଦୂଷଣ ବଢିବାରେ ଲାଗିଛି। ଗ୍ରାମର ଘରଗୁଡିକ ଉପରେ ପଥର ଛିଟିକି ପଡି କ୍ଷତି ଘଟୁଛି। ଗ୍ରାମର ଛାତ୍ରୀଛାତ୍ରମାନେ ପାଠ ପଢିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିସହ ଗ୍ରାମରେ ପିଇବା ପାଣି ଦୂଷିତ ହେଉଛି। ଏହି ପଥର କ୍ୱାରିକୁ ଯାଉଥିବା ବଡବଡ ପଥର ବୋଝେଇ ଭାରିଯାନଗୁଡିକ ପାଇଁ କେନାଲ ଓ ଗ୍ରାମ ପାର୍ଶ୍ୱରାସ୍ତା ଭାଙ୍ଗିଯିବା ସହ ରାସ୍ତା ଖରାପ ହୋଇଗଲାଣି । ଏନେଇ ସୋମବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ସୁନୀଲ କେର୍କଟାଙ୍କୁ ପ୍ରଦାନ କରିଛନ୍ତି। ଏହାର ସମାଧାନ ଦାବି କରି ଗ୍ରାମବାସୀ ଉକ୍ତ ପଥର କ୍ୱାରି ଉପରେ ଅଙ୍କୁଶ ଲଗାଇବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚିକଲଖଣ୍ଡି ପଞ୍ଚାୟତର ୱାର୍ଡ ମେମ୍ବର ସତ୍ୟ ପ୍ରଧାନ, ଯୁବନେତା ଅଭିରାମ ପ୍ରଧାନ, ମହେଶ୍ୱର ଦାସ, ରମେଶ ଦାସ, ମହେଶ୍ୱର ପ୍ରଧାନ, ଜୟ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ଶଙ୍କର ଦାସ, ସୁଶାନ୍ତ ଦାସ, ଲୋକନାଥ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୭୫ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ପାରଳାଖେମୁଣ୍ଡି,୧୧୯(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁମିତା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ କେ. ନାଗାରାଜୁ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେରକେଟା ଯୋଗଦେଇଥିଲେ। ଶିବିରକୁ ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଳକଇଠା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ମୋଟ ୭୫ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ସମସ୍ୟା ଓ ୧୭ଟି ଗ୍ରାମଭିତ୍ତିକ ସମସ୍ୟା ରହିଥିଲା। ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୭୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍, ଗଞ୍ଜାମର ପାୟଲଙ୍କୁ ରୌପ୍ୟ

ଗଞ୍ଜାମ,୧୧୯(ବିଦ୍ୟାଧର ସାହୁ)

ତାମିଲନାଡୁର ଚେନ୍ନାଇ ସ୍ଥିତ ନେହ୍ରୁର ଇନଡୋର ଷ୍ଟାଡିୟମରେ ୱାକୋ ଇଣ୍ଡିଆ କିକବକ୍ସିଂ ଫେଡେରେଶନ ଦ୍ୱାରା ଆୟୋଜିତ ଚିଲ୍‌ଡ୍ରେନ୍ ଏବଂ କ୍ୟାଡେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅଗଷ୍ଟ ୨୭ରୁ ଆରମ୍ଭ ହୋଇଥିବା ୱାକୋ ଭାରତ ଜାତୀୟ କିକବକ୍ସିଂ ଚାମ୍ପିଅନଶିପ୍‌ରେ ଓଡ଼ିଶାର ପାୟଲ ନାହକ ରୌପ୍ୟ ପଦକ ହାସଲ କରିଛନ୍ତି। ଯାହା ଗଞ୍ଜାମ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛି। ଏହି ଚାମ୍ପିଅନଶିପ୍‌ରେ ଗଞ୍ଜାମର ପାୟଲ ୩୩ କିଲୋ ବର୍ଗରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଏକ ବିରାଟ ସଫଳତା ହାସଲ କରିଛନ୍ତି। ପାୟଲ ହେଉଛନ୍ତି ଗଞ୍ଜାମ ସହର ଅନ୍ତର୍ଗତ ପୁଇଁତୋଳା ଗ୍ରାମର ପ୍ରଶାନ୍ତ ନାହାକ ଓ ମମତା ନାହାକଙ୍କ ଝିଅ ଏବଂ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ସେ ଦୀର୍ଘ ଦିନ ହେଲା ଗଞ୍ଜାମ ଇନଡୋର ଷ୍ଟାଡିୟମର କୋଚ୍ ପ୍ରମୋଦ ଆପଟେଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିଲେ। ପୂର୍ବରୁ ଅନୁଗୁଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ ଜିତି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ତାଙ୍କର ଏହି ସଫଳତା ତାଙ୍କର କଠିନ ପରିଶ୍ରମ ଓ ଦକ୍ଷତାର ପ୍ରମାଣ ବୋଲି କୋଚ କହିଛନ୍ତି। ସେହିପରି ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କ ପୁଅ ଦ୍ୱିତୀୟ ଶ୍ରେଣୀ ଛାତ୍ର ରାଜ୍ୟ ସ୍ତରୀୟ କିକ ବକ୍ସିଂ ପ୍ରତିଯୋଗିତାରେ ରୌପ୍ୟ ହାସଲ କାରୀ କଳ୍ପଜିତ ପାତ୍ର ମଧ୍ୟ ଏହି ଜାତୀୟ କିକବକ୍ସିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଖେଳିବାକୁ ଯାଇଥିଲେ। କିନ୍ତୁ ହଠାତ ଅସୁସ୍ଥ ହୋଇ ପଡିବା କାରଣରୁ କ୍ୱାଟରରୁ ବିଦାୟ ନେଇଥିଲେ। କିନ୍ତୁ କଳ୍ପଜିତଙ୍କ ସାହସ ଓ ଇଚ୍ଛା ଶକ୍ତି ଏବଂ ଖେଳୁଆଡ଼ ମନୋଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି କୋଚ ସୂଚନା ଦେଇଛନ୍ତି।

## ୨ ୱାରେଣ୍ଟି ଗିରଫ

ମୋହନା,୧୧୯(ମନ୍ମଥ ମିଶ୍ର): ଅଡବା ଥାନା ପୋଲିସ ୱାରେଣ୍ଟି ବଳରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଡନିଗାଁର ଅମିୟ ନାୟକ ଓ ରାଇଗଣ୍ଡା ଗାଁର ଜୟାବ ମାଝୀ। ପୋଲିସକୁ ଆକ୍ରମଣ ଘଟଣାରେ ଜୟାବଙ୍କୁ ଗିରଫ କରାଯାଇଥିବା ବେଳେ ଅମିୟଙ୍କୁ ଏକ ଗଣ୍ଡଗୋଳ ମାମଲାରେ ଗିରଫ କରାଯାଇଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା

ବୁଗୁଡା,୧୧୯(କାଳିଚରଣ ଦାଶ):

ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବି.କରଡ଼ାବାଡ଼ି ଏବଂ ସଙ୍କୁରୁ ସବ୍-ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ପିଏମଶ୍ରୀ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ବିଦ୍ୟାଳୟ କ୍ରୀଡା ସଂଗଠନ ସଭାପତି ତଥା ବିଇଓ ଚିନ୍ମୟ ମହାପାତ୍ରଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା। ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ନାୟକ, ବି.କରଡ଼ାବାଡ଼ି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ, ସଙ୍କୁରୁ ହାଇସ୍କୁଲ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ, ତାକରଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମହାରଣା ଯୋଗ ଦେଇ କ୍ରୀଡା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ କବାଡି, ଖୋଖୋ, ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଜାଭଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ବୁଗୁଡା ବ୍ଲକ ସ୍କୁଲ ସ୍ପୋର୍ଟସ ଏସୋସିଏସନ ସେକ୍ରେଟାରୀ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାଗୁଡିକୁ କ୍ରୀଡା ଶିକ୍ଷକ ସିଦ୍ଧାନ୍ତ କୁମାର ରାଉତ, ଲକ୍ଷ୍ମଣ ବେହେରା, ହରିହର ବିଶ୍ୱାଳ, ଆଦିତ୍ୟ ପ୍ରଧାନ, ବିଜୟ କୁମାର ବିଷୋୟୀ ଓ ଦୁତିକୃଷ୍ଣ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସିଆରସିସି ଦେବଦତ୍ତ ମହାନ୍ତି, ଅନନ୍ତ ସାହୁ ଓ ଶଶୀକାନ୍ତ ପାତ୍ରଙ୍କ ସମେତ ବି.କରଡ଼ାବାଡ଼ି ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଡିସେମ୍ବରରେ କୁର୍ମି କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ମହାସଭା

ଭଞ୍ଜନଗର,୧୧୯(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ଜିଲୁଣ୍ଡି ଅଞ୍ଚଳ ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ ସଂସ୍ଥାର ସମ୍ମିଳନୀ ରବିବାର ବାଉଁଶଲୁଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ସରୋଜ କୁମାର ରାଉଳ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତିର କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ କହିଥିଲେ, ଭୁବନେଶ୍ୱରରେ କୁଳ ଘର ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ। ଏନେଇ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ଭଞ୍ଜନଗର ଅଞ୍ଚଳରେ ମଧ୍ୟ ପ୍ରତ୍ୟେକ ଗ୍ରାମରେ କୁଳ ଘର କିଭଳି ନିର୍ମାଣ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ। ଛତ୍ରପତି ଶିବାଜୀ,ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଭଳି ମହାନ ବ୍ୟକ୍ତି ଆମ କୁଳ ପାଇଁ ଗର୍ବ ଓ ଗୌରବ। ଦେଶ ସ୍ୱାଧୀନ ହେବାରେ



ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

କୁର୍ମି କ୍ଷତ୍ରିୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ବିଧାୟକ କହିଥିଲେ। ଏହି ଅବସରରେ ବିଧାୟକଙ୍କୁ କୁଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ବୈଦ୍ୟନାଥ ପ୍ରଧାନ ବିବରଣୀ ପାଠ କରିଥିଲେ । ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ, ଦିବାକର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ, ନେତାଜୀ ବିଷୋୟୀ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସଭାରେ ଅଞ୍ଚଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହାପରେ ବନ ବିଭାଗ ଡାକ ବଙ୍ଗଳାରେ ନିଖିଳ ଉତ୍କଳ କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ଏକ ବୈଠକ ହୋଇଥିଲା। ଏଥିରେ ପ୍ରଦେଶ ସଂସ୍ଥାର ସଭାପତି ସୂର୍ଯ୍ୟ ନାରାୟଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବିଧାୟକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ପ୍ରଦେଶ ସଂସ୍ଥାର ମହାସଭା ସମ୍ମିଳନୀ ପାଇଁ ସବୁ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ବିଶନାଥ ରାଉତ, ଗଙ୍ଗାଧର ନାୟକ, ପଠାଣି ଭଞ୍ଜ, କଂଗ୍ରେସ ପ୍ରଧାନ, ବଂଶୀଧର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଚକାପାଦ,୧୧୯(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ପରିସରରେ ସୋମବାର ଜିଲାପାଳ ବେଦଭୂଷଣ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଉପଜିଲାପାଳ ପ୍ରଣତି ଦାଶ, ଆରକ୍ଷୀ ଅଧିକାରୀ ହରିଶ ଚନ୍ଦ୍ର ବିଂଶି, ସିଡ଼ିଓଇଓ ଜିଲା ପରିଷଦ ଶମ୍ଭୁ ନାଥ ନନ୍ଦୀ, ବାଳିଗୁଡା ପିଏ ଆଇଟିଡ଼ିଏ କୃପାସିନ୍ଧୁ ବେହେରା, ସିଡ଼ିଏମଓ ଫୁଲବାଣୀ ଡା. ସନ୍ତୋଷ କୁମାର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, ଜିଲା ପରିଷଦ ସଭ୍ୟା ରଚନା ନାୟକ, ବ୍ଲକ ଉପାଧ୍ୟକ୍ଷ ସୋମନାଥ ବେହେରା, ଓ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଶିବିରରେ ୯୩ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ପ୍ରଫୁଲ୍ଲ କୁମାର ଦାସ ଓ ପ୍ରଦୀମୁନ ଦିଗାଲ ବ୍ଲକ ପରିସର ମଧ୍ୟରେ ଗୋଟିଏ ଜିଓ ଟାୱାର ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବି ଜଣାଇଥିଲେ। ସେହିପରି ପସରା ଗ୍ରାମରେ ମଧ୍ୟ ଜିଓ ଟାୱାର ନିର୍ମାଣ ପାଇଁ ବସୁଦେବ କହଁର ଅଭିଯୋଗ କରିଥିଲେ। ବପଲମେଣ୍ଡି(ବି )ସରପଞ୍ଚ ସୁନିତା କହ୍ନର ଗୋଟିଏ ବ୍ରିଜ ଓ ମାଳନ ସୁଗା ଠାରୁ ସୁନାପାଙ୍ଗ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ



ଅଭିଯୋଗ କରିଥିଲେ। ଶଙ୍କରାଖୋଲ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିଷ୍ଣୁ ଚରଣ ଦିଗାଲ ଓ ଗ୍ରାମବାସୀମାନେ ତୁଳସୀ ସାହି ଓ ବର ସାହିରେ ଦୁଇ ଶହ ପରିବାର ରହୁଥିବାରୁ ଏହି ଦୁଇଟି ୱାର୍ଡକୁ ମିଶାଇ ଗୋଟିଏ ରାଜସ୍ୱ ଗ୍ରାମ କରିବା ପାଇଁ ଅଭିଯୋଗ କରିଥିଲେ। ଚାହାଳୀ ଗ୍ରାମ ପଞ୍ଚାୟତର ୱାର୍ଡ ମେମ୍ବର ଓ ଗ୍ରାମବାସୀ ପାଞ୍ଚ ଜଣ ମେଟ ଯଥା ସୁରେଶ ମଲ୍ଲିକ, ପ୍ରମୋଦ ମଲ୍ଲିକ, ବାପୁଜୀ ନାୟକ, ପ୍ରତାପ ପ୍ରଧାନ ଓ ମନୋରଞ୍ଜନ ମଲ୍ଲିକ ବିଭିନ୍ନ ପ୍ରକଳ୍ପ ଗୁଡିକରେ କାମ ନକରି ବୃଦ୍ଧା ବୃଦ୍ଧ ହିତାଧିକାରୀ ମାନଙ୍କ ନାମରେ ଅର୍ଥ ଛାଡି ଆତ୍ମସାତ କରୁଥିବା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଯଥାଶୀଘ୍ର ଜିଲାପାଳଙ୍କୁ ଜଣାଇବା ପାଇଁ ବିଡ଼ିଓ ହୃଦୟ ରଞ୍ଜନ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେହେରା ଗାଁ ର ପ୍ରିୟତମା ଦିଗାଲ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ୪୦.ହଜାର ଟଙ୍କା ପାଇଥିଲେ। ତେବେ ତାଙ୍କ ସଞ୍ଚୟ ଖାତାରୁ ଜୁନ୍ ୨୧ରେ ୩୦ ହଜାର ଟଙ୍କା ଗାଏବ ହୋଇଥିବା ନେଇ ଏସପି ହରିଶ ଚନ୍ଦ୍ର ବିଂଶିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରିବା ପାଇଁ ଟିକାବାଲି ଥାନାଧିକାରୀ ପ୍ରଜ୍ଞା ରୀତାମ୍ବର କରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବ୍ଲକ କର୍ମଚାରି ସହଯୋଗ କରିଥିବାରୁ ବିଡ଼ିଓ ହୃଦୟ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ତୁଠରେ ପଡ଼ିଥିବା ମୂର୍ତ୍ତି ବିସର୍ଜନ କଲା ସବୁଜବାହିନୀ

ବ୍ରହ୍ମପୁର,୧।୯(ସ୍ମୃତି ରଞ୍ଜନ ମହାଲିକ)

ପାର୍ବଣ ପାଇଁ ବିଏମସି ପକ୍ଷରୁ ୪ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି। କିନ୍ତୁ ସହରବାସୀ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ନ କରି ପୋଖରୀ ତୁଠରେ ରଖୁଥିବା ଦେଖିବାକୁ ମିଳିଛି। ଯାହାକି ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଥିଲା। ଏ ନେଇ ସବୁଜ ବାହିନୀ ପକ୍ଷରୁ ସୋମବାର ସହରର ବିଭିନ୍ନ ପୋଖରୀ ତୁଠରେ ପଡି ରହିଥିବା ଗଜାନନଙ୍କ ମୂର୍ତ୍ତିକୁ ଏକ ଗାଡି ଯୋଗେ ନେଇ ବିଏମସି ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି। ବିଶେଷକରି ହରିଡାଖଣ୍ଡି, ଧୋବା ବନ୍ଧ, ଜଗବନ୍ଧୁ ସାହି, ଆଇନା ବନ୍ଧ, ପାଣିଗ୍ରାହୀ ପେଣ୍ଠ ଓ ବିଜିପୁର ପୋଖରୀ ତୁଠରୁ ମୂର୍ତ୍ତି ସଂଗ୍ରହ କରାଯାଇଥିଲା। ମୂର୍ତ୍ତି ବିସର୍ଜନ କ୍ଷେତ୍ରରେ ସଂଘର ସଭାପତି ଶିବରାମ ପାଣିଗ୍ରାହୀଙ୍କ ସମେତ ଏ. ପ୍ରକାଶ, ଏମ. ଦିଲୀପ କୁମାର, ଶଙ୍କର ସାହୁ ଓ କାଳିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଫସଲ ଖୋଜୁଛି କୃଷି ବିଭାଗ

### ୯ ଲକ୍ଷ ପ୍ଲଟର ଡିଜିଟାଲ ଫସଲ ସର୍ବେକ୍ଷଣ ସରିଲା

ବ୍ରହ୍ମପୁର,୧।୯(ଅଶୋ କୁମାର ସାହୁ)

ଏବେ ଜିଲାରେ କେଉଁଠି କି ପ୍ରକାର ଫସଲ ହେଉଛି କୃଷି ବିଭାଗ ଖୋଜିବାରେ ଲାଗିଛି। ସେଥିପାଇଁ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯକ୍ରମ ଆରମ୍ଭ କରିଛି। ଏହା ଜରିଆରେ ପ୍ରକୃତ ତଥ୍ୟ ହାସଲ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଗତ ୧୫ ଦିନ ହେଲା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାହେବଳେ ଆହୁରି ମାସେ ଅର୍ଥାତ ଆସନ୍ତା ୩୦ ତାରିଖ ଏହି କାର୍ଯ୍ୟକ୍ରମ ସରିବ । ଏହି ସର୍ବେକ୍ଷଣର ପ୍ରକୃତ ତଥ୍ୟ ଅନୁସାରେ ସରକାର ଚାଷ ଓ ଚାଷୀର ଉନ୍ନତି ପାଇଁ ଯୋଜନା ପ୍ରଣୟନ କରିବେ ବୋଲି କୁହାଯାଇଛି। ଗଞ୍ଜାମ ଏକ କୃଷି ପ୍ରଧାନ ଜିଲା। ଜିଲାରେ ପ୍ରାୟ ୫ ଲକ୍ଷ ଚାଷୀ ଅଛନ୍ତି। ଏଥିରେ ପ୍ରକୃତ ଓ ଭାଗ ଚାଷୀ ରହିଛନ୍ତି। ୪ ଲକ୍ଷ ୩୪ ହଜାର ହେକ୍ଟର ଚାଷୋପଯୋଗୀ ଜମି ରହିଛି। ସେଥିରୁ ଚଳିତବର୍ଷ ୩ ଲକ୍ଷ ୮୯ ହଜାର ୮୨୦ ହେକ୍ଟର ଜମିରେ ଚାଷ ହେବ ବୋଲି କୃଷି ବିଭାଗ ଆକଳନ କରିଛି। ସେଥିରୁ



ଲାଠି ନିକଟରେ ସର୍ଭେ ହୋଇଥିବା ଧାନ ଫସଲ।

ଧାନ ଚାଷ ୧ ଲକ୍ଷ ୮୬ ହଜାର ୬୩୦ ହେକ୍ଟରରେ ହେଉଥିବାବେଳେ ୨ ଲକ୍ଷ ୩ ହଜାର ୧୯୦ ହେକ୍ଟର ଜମି ଅଣଧାନ ଚାଷ ପାଇଁ ପ୍ରଯୁଜ୍ୟ। ଅନ୍ୟପକ୍ଷରେ ଏଥିରେ ଜଳସେଚିତ ଓ ଅଣଜଳସେଚିତ ଜମି ବି ରହିଛି। ଅଣଧାନ ଫସଲ ହିସାବରେ କପା, ଆଖୁ, ପନିପରିବା, ଚିନାବାଦାମ, ବିଭିନ୍ନ ପ୍ରକାର ଫୁଲ ଓ ଫଳ ଆଦି ଚାଷ କରାଯାଉଛି। କେତେକ ଚାଷ ଜମି ଅନାବାଦୀ ବି ରହିଛି। ପୂର୍ବରୁ ବି ଫସଲ ସର୍ବେକ୍ଷଣ କରାଯାଉଥିଲା। କିନ୍ତୁ ତାହାର ସଠିକ ରିପୋର୍ଟ ଆସୁନଥିଲା। ଏବେ କିନ୍ତୁ ସାଟେଲାଇଟ ଦ୍ୱାରା ଡିଜିଟାଲ ସର୍ଭେ ହେବା ପରେ କେଉଁଠି କେଉଁ ପ୍ରକାର ଫସଲ ହେଉଛି ତାହାର ସଠିକ ଆକଳନ କରାଯାଇପାରୁଛି। ତାଲିମପ୍ରାପ୍ତ ସର୍ବେକ୍ଷଣକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେମାନଙ୍କୁ ପ୍ଲଟ ପିଛା ୧୦ ଟଙ୍କା ଲେଖାଏଁ ଦିଆଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏହି ପରିପ୍ରେକ୍ଷୀରେ ଜିଲାରେ ୨୬ ଲକ୍ଷ ୬୨ ହଜାର ପ୍ଲଟର ଡିଜିଟାଲ ଫସଲ ସର୍ବେକ୍ଷଣ କରାଯିବ। ସେଥି ମଧ୍ୟରୁ ୯ ଲକ୍ଷ ପ୍ଲଟ ଚିହ୍ନଟ ହୋଇଛି। ତେବେ କେଉଁଠି କେଉଁ ଫସଲ ହୋଇଛି, କେଉଁଠି ଜଳସେଚନ ସୁବିଧା ଅଛି ନା ନାହିଁ, କେଉଁ ଜମି ଅଣଜଳସେଚିତ ତାହା ଜଣାପଡିବ। ଏହା ଦ୍ୱାରା କ'ଣ ସଫଳତା ମିଳିବ ବୋଲି ପଚାରିବାରୁ ବିଭାଗର ଉତ୍ତର ଥିଲା ଯେ, ଚାଷୀଙ୍କୁ ସରକାରୀ ସ୍ତରରେ ସେମାନଙ୍କ ଚାଷ କାର୍ଯ୍ୟ ପାଇଁ ସାର ଯୋଗାଇ ଦିଆଯାଉଛି, ସରକାରୀ ସ୍ତରରେ କୃଷି ବିଭାଗ ତରଫରୁ ସମସ୍ତ ପ୍ରକାର ସହାୟତା ବି ମିଳୁଛି, ମଣ୍ଡିକୁ ନେଇ ଧାନ ବିକିବା ବ୍ୟବସ୍ଥା ରହିଛି। ଏସବୁ ସହିତ ଏହାର ସମ୍ପର୍କ ରହୁଛି। ତେଣୁ ଫସଲ ଚିହ୍ନଟ ଜଣାପଡିଲେ ତାକୁ ନେଇ ସାର, ବିହନ କେତେ ଯୋଗାଣ ହେବ, ଫସଲ ବୀମା ସହିତ କେଉଁ ଚାଷୀ ଜଡିତ ହେବେ ସେସମ୍ପର୍କିତ ସମସ୍ତ ତଥ୍ୟ ଜଣାପଡିବ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ଅଜୟ କୁମାର କରଙ୍କୁ ପଚାରିବାରୁ ସେ କହିଲେ ଯେ, ଡିଜିଟାଲ ସର୍ବେକ୍ଷଣ ସରିଲେ ସେହି ଅନୁସାରେ ସରକାରଙ୍କୁ ରିପୋର୍ଟ ଦିଆଯିବ। ରିପୋର୍ଟ ଅନୁଯାୟୀ ସରକାରୀ ସ୍ତରରେ ଯୋଜନା ପ୍ରସ୍ତୁତ କରାଯିବ। ଏହା ଦ୍ୱାରା କୃଷିର ବିକାଶ ହେବା ସହିତ ଚାଷୀମାନେ ବି ଉପକୃତ ହେବା ଆଶା ରହିଛି।

## ଥାନାରେ ବିଷାକ୍ତ ଜିନିଷ ଖାଇ ନାବାଳିକା ଗୁରୁତର

ଗୋପାଳପୁର,୧।୯(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ପରିସରରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକା ପର୍ସରେ ଆଣିଥିବା କିଛି ବିଷାକ୍ତ ଜିନିଷ ଖାଇ ଗୁରୁତର ହୋଇପଡିଛନ୍ତି। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡିଛି।

ଖବରରୁ ପ୍ରକାଶ, ନିମଖଣ୍ଡି ଥାନା ଅଞ୍ଚଳର ଜଣେ ଯୁବକ ତାଙ୍କର ନାବାଳିକା ବାନ୍ଧବୀ(୧୭)ଙ୍କ ସହିତ ସୋମବାର ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ। ସେଠାରେ କିଛି ସମୟ ବିତାଇବା ପରେ ଏକ ଲଜ୍‌ରେ ସେମାନେ ରହିଥିଲେ। ସେଠାରେ ୨ ଘଣ୍ଟା ରହିବା ପରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା ଜାଣିବା ପରେ ଲଜ୍ କର୍ତ୍ତୃପକ୍ଷ ଉଭୟଙ୍କୁ ଲଜ୍‌ରୁ ଚାଲିଯିବାକୁ କହିଥିଲେ। ପରେ ଉଭୟେ ଗୋପାଳପୁର ଥାନାକୁ ଯାଇଥିଲେ। ସେଠାରେ ପୋଲିସ ନାବାଳିକାଙ୍କ ବାପା ଓ ମା'ଙ୍କୁ ଫୋନ କରି ଡାକିଥିଲା। ପରିବାର ଲୋକେ ଆସିବା ପରେ ନାବାଳିକା ଜଣକ ପର୍ସରେ ଆଣିଥିବା କିଛି ବିଷାକ୍ତ ଜିନିଷ ଖାଇ ଦେଇଥିଲେ। ଫଳରେ ସେ ବାନ୍ତି କରି ଗୁରୁତର ହୋଇପଡିଥିଲେ। ନାବାଳିକାଙ୍କୁ ସଙ୍ଗେସଙ୍ଗେ ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚାରଉଚରା କରାଯାଉଛି। ଖବର ଲେଖା ହେବା ସୁଦ୍ଧା (ରାତି ୯ଟା) ଥାନାରେ ମାମଲା ରୁଜୁ ହୋଇନାହିଁ। ଘଟଣା ସମ୍ପର୍କରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କୁ ପଚାରିବାରୁ ସେ କହିଲେ, ଏହି ଘଟଣାରେ କୌଣସି ମାମଲା ରୁଜୁ ହୋଇନାହିଁ। ନାବାଳିକାଙ୍କ ଅବସ୍ଥା ଠିକ ରହିଛି। ଏହାର ତଦନ୍ତ ଚାଲଥିବା ଏସ୍‌ପି କହିଥିଲେ।

## ଏମ୍‌କେସିଜିରେ ପୁଣି ରାଗିଂ

ବ୍ରହ୍ମପୁର,୧।୯ (ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି । ୟୁନିୟନ ବୈଠକ କରିବା ନାଁରେ କେତେଜଣ ବରିଷ୍ଠ ଛାତ୍ର ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ହଷ୍ଟେଲରୁ ଡାକି ନେଇ ରାଗିଂ କରିଛନ୍ତି। ରାଗିଂର ଶିକାର ହୋଇଥିବା ଛାତ୍ର ଜଣଙ୍କ ଦିଲ୍ଲୀ ଆଣ୍ଟି ରାଗିଂ ସେଲ୍ ନିକଟରେ ଅଭିଯୋଗ କରିଛନ୍ତି। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଏମ୍‌କେସିଜି କର୍ତ୍ତୃପକ୍ଷ ହଷ୍ଟେଲକୁ ଯାଇ ଛାତ୍ରଙ୍କୁ ପଚରାଉଚରା କରିଛନ୍ତି। ଘଟଣାକୁ ନେଇ ମଙ୍ଗଳବାର ଏମ୍‌କେସିଜିର ଆଣ୍ଟି ରାଗିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି । ଏମକେସିଜିରେ ଏମବିବିଏସ ଦ୍ୱିତୀୟ ବର୍ଷରେ ପଢୁଥିବା ଛାତ୍ରମାନେ କ୍ୟାବିନ ବ୍ଲକରେ ରହୁଥିବା ବେଳେ ବରିଷ୍ଠ ଛାତ୍ରମାନେ ଜିଏସ-୧ ହଷ୍ଟେଲରେ ରହୁଛନ୍ତି । କିଛି ଦିନ ତଳେ ୬ରୁ ୭ ଜଣ ବରିଷ୍ଠ ଛାତ୍ର କ୍ୟାବିନ ବ୍ଲକକୁ ଯାଇ ବୈଠକ ପାଇଁ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଡାକି ନେଇଥିଲେ। ହଷ୍ଟେଲରେ ଘଣ୍ଟା ଘଣ୍ଟା ଧରି ବୈଠକ କରିବା ସହ ନାଚ ଗୀତ କରିଥିଲେ । ଏହାର କିଛି ଦିନ ପରେ ପୁଣି ହଷ୍ଟେଲକୁ ଡାକି ବୈଠକ ନାଁରେ ସମୟ ନଷ୍ଟ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ର ଏ ନେଇ ପ୍ରତିବାଦ କରିବାରୁ ବରିଷ୍ଠ ଛାତ୍ରମାନେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଆଣ୍ଠେଇବାକୁ ବାଧ୍ୟ କରିଥିଲେ ବୋଲି ସଂପୃକ୍ତ ଛାତ୍ର ଅଭିଯୋଗ କରିଛନ୍ତି ।

## ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅବିନାଶ ଚାମ୍ପିୟନ

ଆସିକା,୧।୯(ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମଠାରେ ଜାତୀୟ କ୍ରୀଡା ଦିବସ ଅବସରରେ ଆୟୋଜିତ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଆସିକାର ଅବିନାଶ ମୁନି ସିଙ୍ଗଲ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ଏଥିସହ ସେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ପୁରୁଷ ସିଙ୍ଗଲ, ଡବଲ ଓ ୪୦ ପ୍ଲସ ମାଷ୍ଟର ବର୍ଗଙ୍କୁ ନେଇ ପ୍ରାୟ ୬୦ଟି ଟିମ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପୁରୁଷ ଡବଲ ପ୍ରତିଯୋଗିତାରେ ଅବିନାଶ ମୁନି ଓ ପ୍ରତୀକ ବେହେରା ଚାମ୍ପିୟନ ହୋଇଥିବା ବେଳେ ସାଇନାଥ ମହାନନ୍ଦ ଓ ଗୁପ୍ତେଶ୍ୱର ପାତ୍ର ରନର ଅପ ହୋଇଥିଲେ। ସେହିଭଳି ପୁରୁଷ ସିଙ୍ଗଲ ପ୍ରତିଯୋଗିତାରେ ଅବିନାଶ ଚାମ୍ପିୟନ ହୋଇଥିଲା ବେଳେ ରୁଦ୍ର ସାମନ୍ତ ରନର ଅପ ହୋଇଥିଲେ । ମାଷ୍ଟର ୪୦ ପ୍ଲସ ଡବଲ ପ୍ରତିଯୋଗିତାରେ କେଶବ ବେହେରା ଓ ଶିବ ପ୍ରସାଦ ପାଢୀ ଚାମ୍ପିୟନ ହୋଇଥିଲା ବେଳେ ସାଗର କୁମାର ସାବତ ଓ ରବିନ୍ଦ୍ର ସେଠୀ ରନର ଅପ ହୋଇଥିଲେ । ବାଳକ ବର୍ଗରେ ଆଶିସ ଆଚାରୀ ପ୍ରଥମ ସ୍ଥାନ ଓ ପ୍ରେମ ସାଇ ମୁନି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ରବିବାର ରାତିରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ସଙ୍ଗୀତ ପାଢୀ, ଆସିକା ବ୍ୟାଡ଼ମିଣ୍ଟନ ଆସୋସିଏସନର ଉଦ୍ୟୋକ୍ତା ସନ୍ତୋଷ କୁମାର ପଣ୍ଡିତ, ଚିଦାନନ୍ଦ ଆଚାରୀ, ସୁଜିତ ପୃଷ୍ଟି, ସାଗର ସାବତ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ମାନପତ୍ର ସହ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ ।




ଜଣେ କୃତୀ ବ୍ୟକ୍ତିତ୍ୱଙ୍କୁ ଅତିଥିମାନେ ସମ୍ମାନୀତ କରୁଛନ୍ତି ।

## ସାତକୁଟୁଣୀରେ ଚାରାରୋପଣ ନେଇ ସଚେତନତା




ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ନେଇ ପଦଯାତ୍ରା।

ବ୍ରହ୍ମପୁର,୧।୯(ସୁବାସ ଚନ୍ଦ୍ର ପାଢ଼ୀ)

ଜନସାଧାରଣଙ୍କ ଭାଗଦାରୀ ଜରିଆରେ ସମସ୍ତଙ୍କୁ ଆବାସ ଯୋଗାଇ ଆତ୍ମନିର୍ଭର କରିବା ଏବଂ ପରିବେଶକୁ ସନ୍ତୁଳନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର ଏବଂ ରଙ୍ଗେଇଲୁଣ୍ଡା ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସାତକୁଟୁଣି ପଞ୍ଚାୟତଠାରେ ଏକ ଦୁଇ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାତକୁଟୁଣୀ ସରପଞ୍ଚ କୁନି ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରେ ଏକ ବିଶାଳ ପଦଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟଠାରୁ ବାହାରିଥିଲା। ବହୁ ମହିଳା ଏଥିରେ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଯୁବ ଏବଂ ସମାଜ ବିକାଶ ସଂଗଠନର ସଂଯୋଜକ ସୁଦୀପ ଚକ୍ରବର୍ତ୍ତୀ, ବ୍ଲକ ସଂଯୋଜକ ମାମାଲି ପଣ୍ଡା ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିଭିନ୍ନ ଦିଗ ତଥା ଏହି ଯୋଜନା ଭାରତକୁ ଆତ୍ମନିର୍ଭର ରକିବା ନେଇ ବୁଦ୍ଧିଜୀବୀ ବିଜୟ କୁମାର ସାହୁ କହିଥିଲେ। ପରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ହୋଇଥିଲା। ବୃକ୍ଷରୋପଣର ମହତ୍ତ୍ୱ ସଂକ୍ରାନ୍ତରେ ଆଲୋଚନା ସହ ଗଛ ଲଗାଇବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ସମଗ୍ର ଭାରତ ବର୍ଷରେ ୫କୋଟିରୁ ଅଧିକ ଗଛ ଲଗାଯାଇଛି। ଏହା କେବଳ ଗଛ ଲଗାଇବା ନୁହେଁ ମା'ଙ୍କ ପ୍ରତି ଥିବା ଆମର ସ୍ନେହ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। କିଶୋରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦ୍ରୀୟ ସଂଚାର କାର୍ଯ୍ୟାଳୟ ବ୍ରହ୍ମପୁରର ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାର ଏଥିରେ ଅଧକ୍ଷତା କରିଥିବାବେଳେ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରମୋଦ ସାବତ, ଆଲୋକ ବିଷୋଇ ପ୍ରମୁଖ ସହଯୋଗ କରିଥିଲେ।

## ଆଦିବାସୀ ଅଞ୍ଚଳରେ ଜନନୀ ଯନ୍ତ୍ରଣା
## ଟର୍ଚ୍ଚ ଲାଇଟ୍‌ରେ ଗର୍ଭବତୀଙ୍କୁ ଦୋଳାରେ ନେଲେ



ଗର୍ଭବତୀଙ୍କୁ ଦୋଳାରେ ବୋହି ନିଆଯାଉଛି ।

ପୋଲସରା,୧।୯(ସୁବ୍ରତ ବେହେରା):

ଆଦିବାସୀ ଅଧ୍ୟୁଷିତ ପାହାଡିଆ ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଗାଁ ଲୋକେ ଜଣେ ଗର୍ଭବତୀଙ୍କୁ ଦୋଳାରେ ୩ କି.ମି. ବୋହିଛନ୍ତି। ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଚାଞ୍ଚରା ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଚାଞ୍ଚରା ଗ୍ରାମର ରଞ୍ଜିତ ଶବରଙ୍କ ସ୍ତ୍ରୀ ରୀନା ଶବର ଗର୍ଭବତୀ ଥିଲେ। ଚାଞ୍ଚରା ଗାଁଠାରୁ ୩ କି.ମି ପଲବା ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନ ଥିବାରୁ ଯାନବାହାନ ଚଳାଚଳ ହେଉନି। ରିନାଙ୍କୁ ପ୍ରସବ ଯନ୍ତ୍ରଣା ଆସିବା ପରେ ପରିବାର ଲୋକେ ଗ୍ରାମର କେତେଜଣଙ୍କ ସହ ତାଙ୍କୁ ଦୋଳାରେ ବୋହି ଟର୍ଚ୍ଚ ଓ ମୋବାଇଲ ଲାଇଟ୍‌ରେ ୩ କି.ମି. ଚାଲି ପାହାଡ଼ ତଳକୁ ଆଣିବା ପରେ ସେଠାରୁ ଅଟୋ ରିକ୍ସାରେ ପାଣ୍ଡିରିପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିଛି ସମୟପରେ ତାଙ୍କର ଏକ ପୁତ୍ର ସନ୍ତାନଟିଏ ଜନ୍ମଗ୍ରହଣ କରିଥିଲା। ଏହି ଆଦିବାସୀ ଗ୍ରାମକୁ ଯିବା ଆସିବା କରିବା ପାଇଁ ପକ୍କା ରାସ୍ତାଟିଏ ନଥିବା ଯୋଗୁଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାଜ୍ଯ ସରକାର ବିଭିନ୍ନ ଯୋଜନା କରି ଜନସାଧାରଣଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପୋଲସରା ଠାରୁ ୨୭ କିଲୋ ମିଟର ଦୂରରେ ଥିବା ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗ୍ରାମକୁ ପକ୍କା ରାସ୍ତା ଟିଏ ହୋଇପାରିଲା ନାହିଁ। ଗ୍ରାମବାସୀ ବହୁବାର ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ସରପଞ୍ଚ, ବିଧାୟକଙ୍କୁ ଅଭିଯୋଗ କରି ନିରାଶ ହୋଇ ପଡିଲେଣି। ସମସ୍ୟାକୁ ନେଇ ଆଉ ୧ ମାସ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେବ ବୋଲି ପୋଲସରା ବିଡ଼ିଓ ଶଶି ଭୂଷଣ ମହାପାତ୍ର କହଛନ୍ତି।

## ୯ ଅଭିଯୋଗକାରୀଙ୍କୁ ୮୩ ହଜାର ଆର୍ଥିକ ସହାୟତା

ବ୍ରହ୍ମପୁର,୧।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଡ ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ଓ ଆଇଏସ ପ୍ରବେସନ ମ୍ରିଣାଲିକା ରାଠୋର ଯୋଗ ଦେଇଥିଲେ। ଶିବିରରେ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଜମି, ଶ୍ରମିକ କାର୍ଡ, ରାସନ କାର୍ଡ ଓ ରାସ୍ତା ସଂପର୍କିତ ୧୭୫ ଅଭିଯୋଗ ରହିଥିଲା। ଏଥିରେ ୧୫୦ ବ୍ୟକ୍ତିଗତ, ୧୩ ଗ୍ରାମଭିତ୍ତିକ ସମସ୍ୟା ଥିଲା। ୩ ସମସ୍ୟା ସମାଧାନ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ୯ ଜଣଙ୍କୁ ୮୩ ହଜାର ୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡିଓ ଉପସ୍ଥିତ ଥିଲେ।

## ସ୍ୱାୟତ୍ତ ଶାସନ ଦିବସରେ ସଫେଇ କର୍ମଚାରୀଙ୍କୁ ଅଣଦେଖା

ବ୍ରହ୍ମପୁର,୧।୯(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ପରିମଳ କାର୍ଯ୍ୟରେ ପ୍ରମୁଖ ଭୂମିକା ନେଉଥିବା ସଫେଇ କର୍ମଚାରୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପୌର କର୍ମଚାରୀଙ୍କ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ। କିନ୍ତୁ ସଫେଇ କର୍ମଚାରୀଙ୍କୁ ଜାତିଆଣ ଆକ୍ଷେପ କରାଯାଇଥିବା ଏନଏସି ଅଧକ୍ଷଙ୍କ ପାଖରେ ସେମାନେ ଅଭିଯୋଗ କରିଥିଲେ। ପରେ ସେମାନଙ୍କ ଖାଇବା ହୋଇନଥିବା ଓ ସେମାନଙ୍କ ପାଇଁ ପରବର୍ତ୍ତୀ ସମୟରେ ଅଲଗା ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଥିଲା। ଶେଷରେ ପୋଷାକ ବିତରଣ କରାଯାଇଥିଲା। ମଧ୍ୟାହ୍ନଭୋଜନ ବ୍ୟବସ୍ଥାରୁ ସେମାନଙ୍କୁ ବାଦ ଦିଆଯିବା ଘଟଣାକୁ ନିନ୍ଦା କରାଯାଇଛି। ସଫେଇ କର୍ମଚାରୀ ସଙ୍ଘ ତରଫରୁ ଏହାକୁ ବିରୋଧ କରାଯାଇ ନ୍ୟାୟିକ ତଦନ୍ତ ଦାବି କରାଯାଇଛି। ଗତ ଦୁଇବର୍ଷ ଧରି ବଡାଖାନା ନ କରିବାର ମଧ୍ୟ ତଦନ୍ତ କରିବାକୁ ସୋମବାର ଉପ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି ରଖାଯାଇଛି । ସପ୍ତାହେ ଭିତରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ କରିବାକୁ ଆଉଟସୋର୍ସିଂ କର୍ମଚାରୀ ସଂଘର ଆବାହକ ପ୍ରତାପ ପ୍ରଧାନ ଚେତାବନୀ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପୌର କର୍ମଚାରୀ ସଙ୍ଘ ସଭାପତି ଟୁନା ରଥ, ରାହୁଲ ନାୟକ, ଲିବୁ ନାୟକ, ମିଥୁନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଏନଏସି ଅଧକ୍ଷଙ୍କୁ ଯୋଗାଯୋଗ ବେଳେ ଏଭଳି ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ ବୋଲି କହିଛନ୍ତି।

## ନଭେମ୍ବର ୧୧ରେ ଏନ୍‌ଜିଟିରେ ଶୁଣାଣି

### ତାମ୍ପରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ ପ୍ରସଙ୍ଗ

ଛତ୍ରପୁର,୧।୯( ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁର ନିକଟସ୍ଥ ହୁମୁରୀ ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ରିସୋର୍ଟ ନିର୍ମାଣ କରାଯାଉଥିଲା। ଏନେଇ ଏନ୍‌ଜିଟିରେ ଅଭିଯୋଗ ପରେ କୋଲକାତାସ୍ଥିତ ଏନ୍‌ଜିଟି ଇଷ୍ଟର୍ନ ଜୋନ ବେଞ୍ଚ ଏହାକୁ ଗ୍ରହଣ କରି ନିର୍ମାଣ କାର୍ଯ୍ୟ ଉପରେ ରୋକେ ଲଗାଇବା ପାଇଁ ତାଗିଦ କରିଥିଲେ। ପରେ ଏସବୁର ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ତେବେ ସେଠାରେ ହୋଇଥିବା ସବୁ ନିର୍ମାଣ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏ ଯାଏ ଭଙ୍ଗାଯାଇ ନାହିଁ। ଏ ସମ୍ପର୍କିତ ମାମଲା ଏବେ ମଧ୍ୟ ଏନ୍‌ଜିଟି ଇଷ୍ଟର୍ନ ଜୋନ ବେଞ୍ଚରେ ବିଚାରାଧୀନ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ପୁଣି ନଭେମ୍ବର ୧୧ ତାରିଖକୁ ବେଞ୍ଚ ଧାର୍ଯ୍ୟ କରିଛନ୍ତି । ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ରିସୋର୍ଟ ନିର୍ମାଣ ହେଉଥିବା ନେଇ ଏନ୍‌ଜିଟି ନିକଟରେ କଟକସ୍ଥିତ ୱାଇଲ୍ଡ ଲାଇଫ ସୋସାଇଟି ୩।୮।୨୦୨୩ରେ ଏକ ପିଟିଶନ ଦାଖଲ କରିଥିଲା। ୨୦୨୩ରୁ ଏହି ମାମଲାର ଶୁଣାଣି କୋଲକାତାସ୍ଥିତ ଏନ୍‌ଜିଟି ଇଷ୍ଟର୍ନ ଜୋନ ବେଞ୍ଚରେ ଚାଲିଛି। ବ୍ରହ୍ମପୁରସ୍ଥିତ ଡିଭିଜନାଲ ଫରେଷ୍ଟ ଅଫିସ ପକ୍ଷରୁ ଦଖଲ ହୋଇଥିବା ସତ୍ୟପାଠରେ କିଛି ତ୍ରୁଟି ରହିଛି, ଏହାକୁ ବାଦ ଦେଇ ପୁନଃ ସତ୍ୟପାଠ ଏକ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ବେଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୧ରୁ ୬ ପର୍ଯ୍ୟନ୍ତ ପକ୍ଷଭୁକ୍ତଙ୍କ ଓକିଲ ଜଣେ ହୋଇଥିବାରୁ ତାଲିକାରେ ନାମ ଲେଖାଇବାକୁ ଅନୁରୋଧ କରାଯାଇଥିଲା। ବେଞ୍ଚ ପାଖରେ ଶୁଣାଣି ପାଇଁ ତାରିଖ ନ ଥିବାରୁ ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୧କୁ ରହିଛି। ବାରମ୍ବାର ସତ୍ୟପାଠ ପରିବର୍ତ୍ତନ ଓ ବିଭିନ୍ନ କାରଣ ପକ୍ଷଭୁକ୍ତମାନଙ୍କ ପକ୍ଷରୁ ଦର୍ଶାଯାଇ ସମୟ ମଗାଯାଉ ଥିବାରୁ ଏହାର ଶୁଣାଣିରେ ବିଳମ୍ବ ହେଉଛି। ସୂଚନାଯୋଗ୍ୟ ଗତ ଏପ୍ରିଲ ୩ରେ ବେଞ୍ଚରେ ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ସମ୍ପର୍କିତ ସତ୍ୟପାଠ ଦାଖଲ କରାଯାଇପାରି ନ ଥିଲା। ଏହା ଦାଖଲ ପାଇଁ ୪ ସପ୍ତାହ ସମୟ ଦେବାକୁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଏହାକୁ ମଞ୍ଜୁରୀ ଦେଇ ଏନ୍‌ଜିଟି ବେଞ୍ଚ ପରବର୍ତ୍ତୀ ଶୁଣାଣି ମେ ୨୩କୁ ଧାର୍ଯ୍ୟ କରିଥିଲେ। ତେବେ ଶୁଣାଣି ପୂର୍ବଦିନ ମେ ୨୨ରେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯିବାରୁ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୬ ତାରିଖକୁ ଘୁଞ୍ଚିଥିଲା। ତାମ୍ପରା ହ୍ରଦକୁ ସଙ୍କୁଚିତ ସମ୍ପର୍କିତ ପିଟିଶନ ଦାଖଲ ପରେ ଉକ୍ତ ମାସ ୮ରେ ଏନ୍‌ଜିଟିରେ ପରିବେଶ (ରକ୍ଷା) ଆକ୍ଟ ୧୯୮୬ ଅନୁଯାୟୀ ୮୮/୨୩ରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା। ଅଗଷ୍ଟ ୧୧ରେ ଏହି ପିଟିଶନର ଶୁଣାଣି କରି ଏନ୍‌ଜିଟି ନୋଟିସ କରିବା ସହ ଆସନ୍ତା ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ସରକାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଓ ଡିଏଫଓଙ୍କ ସମେତ ୧୩ ଜଣଙ୍କୁ ଏହି ମାମଲାରେ ଏନ୍‌ଜିଟି ପକ୍ଷରୁ ପକ୍ଷଭୁକ୍ତ କରାଯାଇଛି। ନୋଟିସ ପରେ ୨୦୨୩ରୁ ତାମ୍ପରା ହ୍ରଦରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ତାମ୍ପରା ହ୍ରଦକୁ ୨୦୨୧ରେ ରାମସାର ସାଇଟ୍‌ରେ ମାନ୍ୟତା ମିଳିଥିଲା।

## ଶାସ୍ତ୍ରୀ ପାଠାଗାର ପକ୍ଷରୁ ଗଣେଶଙ୍କୁ ମେଲାଣି

ବ୍ରହ୍ମପୁର,୩୧।୮(ଅଶୋକ କୁମାର ସାହୁ)

ସ୍ଥାନୀୟ ପଣ୍ଡା କଲୋନୀ ସ୍ଥିତ ଅଗ୍ରଣୀ ଅନୁଷ୍ଠାନ ଶାସ୍ତ୍ରୀ ପାଠାଗାରରେ ପାଳିତ ଗଣେଶ ପୂଜା ଉଦଯାପିତ ହୋଇଛି । ଶେଷ ଦିନରେ ବାଜାବାଜଣା ସହକାରେ ପ୍ରଭୁ ବିଘ୍ନରାଜଙ୍କୁ ମେଲାଣି ଦିଆଯାଇଛି। ଏଥିରେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିନ ଗଞ୍ଜାମ କଳାପରିଷଦ ଓ ନୁପୁର ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ଦିନ ବିଶ୍ୱଭାରତୀ କଳା ପରିଷଦ ଭଜନ ଓ ଆଧୁନିକ ସଂଗୀତ ପରିବେଷଣ କରିଥିଲା। ପାଠାଗାର ସଭପତି ଇଂ ଅପୂର୍ବ ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉପସଭାପତି କେ. ଜଗନ୍ନାଥ ପାତ୍ର, ପଞ୍ଚାନନ ତାରିଣୀ, ସାଧାରଣ ସମ୍ପାଦକ ଗଣେଶ ପଣ୍ଡା, କୋଷାଧକ୍ଷ ପ୍ରମୋଦ ସାବତ, କର୍ପୋରେଟର ମଳୟ ବିଶୋଇ, କମଳ ଲୋଚନ ପ୍ରଧାନ,



ପୂଜା ମଣ୍ଡପରେ ପାଠାଗାରର ସଦସ୍ୟମାନେ।

ପ୍ରଜ୍ଞା ରଞ୍ଜନ ଦାସ, ଉପଦେଷ୍ଟା ଅଭିମନ୍ୟୁ ପ୍ରଧାନ, ପ୍ରମୋଦ ସାହୁ, ସୁବାଷ ପଣ୍ଡା, ବନମାଳୀ ସେଠି, ରାଜ କୁମାର ନାୟକ, ଅନିଲ ପାଣିଗ୍ରାହୀ, ରଂଜିତ ପାଣିଗ୍ରାହୀ, ଜି. ମୋହନ ରାଓ, ଲିଙ୍ଗରାଜ ମହାନ୍ତି, ପ୍ରମଥ ନାଥ ମହାପାତ୍ର, ସୁକାନ୍ତ ଗୌଡ଼, ପିୟୁଷ ଭସାଣି ଦାସ, ଅଜିତ ପାତ୍ର, ମାନସ ରଞ୍ଜନ ଦାସ, ରାଜା ଭିକି, ମିଟୁ, ଗୁଲସନ ଅନନ୍ତ, ଗୌତମ, ଗୋବିନ୍ଦ ଆକାନୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ କୁମାର ଜେନା, ଗୁରୁ ନୀଳାଞ୍ଚଳ ବେହେରା, ଗୁରୁ ସୁଜ୍ଞାନୀ ଆଚାର୍ଯ୍ୟ, ଗୁରୁ ଗଣେଶ ପଟ୍ଟନାୟକ ଓ ସତ୍ୟ ମହାରଣାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।


## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣାରେ ୫ ପାକ୍ ସୈନ୍ୟ ମୃତ

ଇସଲାମାବାଦ, ୧୯ (ପି.ଟି.)

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ଗିଲ୍‌ଗିଟ-ବଲ୍‌ଟିସ୍ତାନ ଅଞ୍ଚଳରେ ସୋମବାର ଏକ ହେଲିକପ୍ଟର ଦୁର୍ଘଟଣା ଘଟି ପାକିସ୍ତାନ ସେନାର ୫ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ପାକ୍ ସୈନ୍ୟ ଅଧିକାରୀ ଥିବା ଜଣାପଡ଼ିଛି। ନିୟମିତ ପ୍ରଶିକ୍ଷଣ ସମୟରେ ପାକିସ୍ତାନ ସେନାର ଏମ୍ଆଇ-୧୭ ନାମକ ଉକ୍ତ ହେଲିକପ୍ଟରରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଫଳରେ ଏହା କ୍ରାଶ୍ ଲାଣ୍ଡିଂ ହୋଇଯାଇଥିଲା ବୋଲି ପାକିସ୍ତାନ ସେନା ପକ୍ଷରୁ ସୂଚନା ଦିଆଯାଇଛି।

### ଭାରତ ଶୂନ ଟାରିଫ୍ ପ୍ରସ୍ତାବ ଦେବାରେ ବିଳମ୍ବ କରିଥିଲା: ଟ୍ରମ୍ପ


ଡୋନାଲ୍ଡ ଟ୍ରମ୍ପ

ୱାଶିଂଟନ, ୧୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଟାର୍ଗେଟ କରି ଅନେକ ନିରାଧାର ଦାବି ଓ ମନ୍ତବ୍ୟ ଦେଇଆସୁଥିବାବେଳେ ନିଜ ଟାରିଫ୍ ନିଷ୍ପତ୍ତିର ଯଥାର୍ଥତା ଦର୍ଶାଇବାକୁ ଯାଇ ନୂଆଦିଲ୍ଲୀ ଏହାର ଟାରିଫ୍ ଶୂନକୁ ହ୍ରାସ କରିବା ପାଇଁ ପ୍ରସ୍ତାବ ଦେଇଥିଲା ବୋଲି ସୋମବାର କହିଛନ୍ତି। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ଟ୍ରମ୍ପ ସୋସିଆଲ ମିଡିଆ ପୋଷ୍ଟରେ ଏଭଳି ଦାବି କରିଛନ୍ତି। ସେ କହିଛନ୍ତି, ଭାରତର ଅତ୍ୟଧିକ ଟାରିଫ୍ ଯୋଗୁ ଆମେରିକା ସେଠାରେ ସାମଗ୍ରୀ ବିକିପାରୁ ନାହିଁ। ଭାରତ ସହ ବାଣିଜ୍ୟ ସମ୍ପୂର୍ଣ୍ଣ 'ଏକପାଖିଆ ବିପର୍ଯ୍ୟୟ' ବୋଲି ସେ ଅଭିଯୋଗ କରିଛନ୍ତି।

## ଦିଲ୍ଲୀରେ ଆଜି



ଦିଲ୍ଲୀ ବିଧାନସଭାର ପ୍ରଥମ ବାଚସ୍ପତି ଚରାତିଲାଲ୍ ଗୋୟଲଙ୍କ ୯୮ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା ପ୍ରମୁଖ ଯୋଗ ଦେଇଛନ୍ତି। (ଫଟୋ-ଚମନ ଗୌତମ)

# ପହଲଗାମ୍ ଆକ୍ରମଣକୁ ଏସ୍‌ସିଓର ନିନ୍ଦା

ତିଆଞ୍ଜିନ୍, ୧୯ (ପି.ଟି.)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସୋମବାର ଦୃଢ଼ ନିନ୍ଦା କରିଛି। ଆତଙ୍କବାଦ ବିରୋଧରେ ଲଢ଼େଇରେ ଦୋମୁହାଁ ନୀତି ଗ୍ରହଣୀୟ ନୁହେଁ ବୋଲି ଭାରତର ଆଭିମୁଖ୍ୟକୁ ସମିଟ୍‌ରେ ସହମତି ମିଳିଛି। ଚାଇନାର ବନ୍ଦର ସହର ତିଆଞ୍ଜିନ୍‌ରେ ୨ ଦିନିଆ ଏସ୍‌ସିଓ ସମ୍ମିଳନୀ ଶେଷରେ ପ୍ରକାଶିତ ମିଳିତ ଘୋଷଣାନାମାରେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଦୃଢ଼ ସଂକଳ୍ପ ନିଆଯାଇଛି। ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ଅନେକ ବିଶ୍ୱନେତା ଯୋଗଦେଇଥିଲେ।

ଗାଜାରେ ଇସ୍ରାଏଲର ଆକ୍ରମଣ ଜାରି ରହିଥିବାବେଳେ ଏଥିରେ ଅନେକ ଲୋକ ମୃତାହତ ହେବା ସହ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଏଭଳି ଆକ୍ରମଣକୁ ଏସ୍‌ସିଓ ସଦସ୍ୟମାନେ ନିନ୍ଦା କରିଛନ୍ତି। ଘୋଷଣାନାମାରେ ଆଞ୍ଚଳିକ ସୁରକ୍ଷା ବଢ଼ାଇବା ଦିଗରେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରାଯିବା ସହ ଆତଙ୍କବାଦ ବିରୋଧରେ ଲଢ଼େଇକୁ ବଡ଼ ଚ୍ୟାଲେଞ୍ଜ ଭାବେ ନିଆଯାଇଛି। ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଖୁଜଦାର ଆତଙ୍କବାଦୀ ଆକ୍ରମଣ ଏବଂ ଜାଫରଏକ୍ସପ୍ରେସ୍ଆକ୍ରମଣଘଟଣାକୁମଧ୍ୟ ଏସ୍‌ସିଓ ସଦସ୍ୟମାନେ ନିନ୍ଦା କରିଛନ୍ତି। ସେମାନେ ମୃତାହତଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ଏଭଳି ଆକ୍ରମଣର ଅପରାଧୀ, ଆୟୋଜକ ଓ ପ୍ରାୟୋଜକମାନଙ୍କୁ ଆଇନର କାଠଗଡ଼ାକୁ ନିଶ୍ଚୟ ଆଣିବାକୁ ହେବ ବୋଲି ଘୋଷଣାନାମାରେ କୁହାଯାଇଛି। ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧରେ ଲଢ଼େଇ ପାଇଁ ଏସ୍‌ସିଓ ଦୃଢ଼ ପ୍ରତିଶ୍ରୁତି ଦେଇଛି। ଆତଙ୍କବାଦ ଓ ଉଗ୍ରବାଦ ବିରୋଧୀ ଲଢ଼େଇରେ ସାମିଲ ଥିବା ସାର୍ବଭୌମ ରାଷ୍ଟ୍ର ଓ ଏହାର ସରକାରଙ୍କ ପ୍ରମୁଖ ଭୂମିକାକୁ ସ୍ୱୀକୃତି ଦିଆଯାଇଛି। ୟୁଏନ୍ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ସିଦ୍ଧାନ୍ତ ଅନୁଯାୟୀ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପ ଏବଂ ବୈଶ୍ୱିକ ଆତଙ୍କବାଦୀ ନିରୋଧୀ ରଣନୀତିକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ଜାତିସଂଘର ବୋଲି ଏସ୍‌ସିଓ କହିଛି।

## ଭାରତ-ରୁଷିଆ ସମ୍ପର୍କ ଆଞ୍ଚଳିକ, ବୈଶ୍ୱିକ ସ୍ଥିରତାର ସ୍ତମ୍ଭ: ମୋଦି

ତିଆଞ୍ଜିନ୍, ୧୯ (ପି.ଟି.)

ଅତ୍ୟନ୍ତ କଠିନ ସ୍ଥିତିଠାରୁ ଆରମ୍ଭ କରି ସବୁ ସମୟରେ ଭାରତ ଓ ରୁଷିଆ କାନ୍ଧକୁ କାନ୍ଧ ମିଳାଇ ଛିଡାହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କହିଛନ୍ତି। ଚାଇନାର ତିଆଞ୍ଜିନ୍‌ରେ ଅନୁଷ୍ଠିତ ଏସ୍‌ସିଓ ସମିଟ୍ ଅବସରରେ ମୋଦି ଓ ପୁଟିନ୍ ପରସ୍ପରକୁ ଭେଟିଥିଲେ। ଅର୍ଥନୈତିକ ଏବଂ ଶକ୍ତି ସେକ୍ଟରରେ ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ୨ ନେତା ଗୁରୁତ୍ୱାରୋପ କରିଛନ୍ତି। ଆନୁଷ୍ଠାନିକ ଆଲୋଚନା ପୂର୍ବରୁ ମୋଦି ପୁଟିନ୍‌ଙ୍କ ସହ ତାଙ୍କ କାର୍‌ରେ ବୈଠକ ସ୍ଥଳକୁ ଯିବାବେଳେ ୪୦ ମିନିଟ୍ ଧରି ଅଣଆନୁଷ୍ଠାନିକ ଆଲୋଚନା କରିଥିଲେ। ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ଦିଗରେ ନିକଟରେ ନିଆଯାଇଥିବା ସମସ୍ତ ଉଦ୍ୟମକୁ ଭାରତ ସ୍ୱାଗତ କରୁଥିବା ମୋଦି କହିବା ସହ ଯଥାଶୀଘ୍ର ସମ୍ଭବ ଯୁଦ୍ଧ ବନ୍ଦ ପାଇଁ ମାର୍ଗ ବାହାର କରିବା ମାନବୀୟତାର ଆହ୍ୱାନ ବୋଲି କହିଥିଲେ। ଗତ ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ୍ କଥାବାର୍ତ୍ତା ସମ୍ପର୍କରେ ପୁଟିନ୍‌ଙ୍କୁ ଅବଗତ କରାଯାଇଥିଲା। ପୁଟିନ୍ କହିଛନ୍ତି, ବହୁ ଦଶନ୍ଧି ଧରି ଭାରତ ଓ ରୁଷିଆ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ଓ ବିଶ୍ୱାସ ଆଧାରିତ ସମ୍ପର୍କ ରହିଆସିଛି। ଭବିଷ୍ୟତରେ ସମ୍ପର୍କର ବିକାଶ ଦିଗରେ ଏହା ମୂଳ ଆଧାର। ଏହି ସମ୍ପର୍କ ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ଏବଂ ଆମ ଲୋକମାନଙ୍କର ଏଥିପ୍ରତି ସଂଖ୍ୟାଗରିଷ୍ଠ ସମର୍ଥନ ରହିଥିବା ପୁଟିନ୍ କହିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

## ମଙ୍ଗଳବାର ସୁଦ୍ଧା ମୁମ୍ବାଇର ସବୁ ରାସ୍ତା ଖାଲି କର

### ମରାଠା ସଂରକ୍ଷଣ ଆନ୍ଦୋଳନକାରୀଙ୍କୁ ବମ୍ବେ ହାଇକୋର୍ଟଙ୍କ ଭର୍ତ୍ସନା

ମୁମ୍ବାଇ, ୧୯

ମନୋଜ ଜରାଙ୍ଗେଙ୍କ ନେତୃତ୍ୱରେ ମରାଠା ସଂରକ୍ଷଣ ଆନ୍ଦୋଳନକୁ ନେଇ ସୋମବାର ବମ୍ବେ ହାଇକୋର୍ଟ ଆନ୍ଦୋଳନକାରୀଙ୍କୁ ଭର୍ତ୍ସନା କରିବା ସହ ମଙ୍ଗଳବାର ଅପରାହ୍ନ ସୁଦ୍ଧା ମୁମ୍ବାଇର ଆଜାଦ ମଇଦାନ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନକୁ ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଯୋଗୁ ସାଧାରଣ ଲୋକଙ୍କ ଜୀବନଯାତ୍ରା ବ୍ୟାହତ ହେଉଥିବାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି, ଜରାଙ୍ଗେଙ୍କର ଆନ୍ଦୋଳନ କରିବାର ଅଧିକାର ରହିଛି। କିନ୍ତୁ ଆନ୍ଦୋଳନ ଦ୍ୱାରା ଲୋକେ ସମସ୍ୟାରେ ପଡ଼ିବାକୁ ଗ୍ରହଣ କରାଯାଇ ପାରିବନି। ଏହି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହେଉନାହିଁ। ଜରାଙ୍ଗେଙ୍କ ପକ୍ଷରୁ ଆନ୍ଦୋଳନର ସର୍ତ୍ତକୁ ଭଙ୍ଗ କରାଯାଇଥିବା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯିବ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସୋମବାର କହିଛନ୍ତି। ମରାଠା ସଂରକ୍ଷଣକୁ ନେଇ ଆଜାଦ ମଇଦାନରେ ୪ ଦିନ ହେବ ଅନଶନରେ ବସିଥିବା ଜରାଙ୍ଗେ ସୋମବାରଠାରୁ ଜଳ ତ୍ୟାଗ କରିଛନ୍ତି। ଜରାଙ୍ଗେଙ୍କ ସମର୍ଥକମାନେ ମୁମ୍ବାଇର ବିଭିନ୍ନ ସ୍ଥାନକୁ ଅବରୋଧ କରିଛନ୍ତି, ଯାହାଫଳରେ ସହରରେ ବ୍ୟାପକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

## ୬୦% ଭାରତୀୟ କର୍ମଚାରୀଙ୍କୁ ଛଟେଇ କରିବ ଏମ୍‌ପିଏଲ୍

ନୂଆଦିଲ୍ଲୀ, ୧୯

ଭାରତ ସରକାର ପେଡ୍ ଗେମ୍‌ଗୁଡ଼ିକୁ ନିଷିଦ୍ଧ କରିବା ପରେ ଅନ୍‌ଲାଇନ ଗେମିଂ ଆପ୍ ମୋବାଇଲ୍ ପ୍ରିମିୟର ଲିଗ୍ (ଏମ୍‌ପିଏଲ୍) ୬୦% ସ୍ଥାନୀୟ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ପେଡ୍ ଗେମିଂ ଆପ୍ ଯୋଗୁ ଲୋକେ ବିପୁଳ ଟଙ୍କା ହରାଉଥିବାରୁ ସେଗୁଡ଼ିକୁ ବ୍ୟାନ୍ କରିବା ପାଇଁ କେନ୍ଦ୍ର ସରକାର ନୂଆ ଆଇନ ଆଣିଛନ୍ତି। ଫଳରେ ପେଡ୍ ଫାଣ୍ଟାସି କ୍ରିକେଟ, ରୁମି ଭଳି ବହୁ ଗେମିଂ ଆପ୍ ବନ୍ଦ ହେବାକୁ ଯାଉଛି। ଏମ୍‌ପିଏଲ୍ ଭାରତରେ ଏହାର ୫୦୦ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୩୦୦ଙ୍କୁ ଛଟେଇ କରିବ ବୋଲି ରବିବାର ସୂଚନା ଦେଇଛି।

# ସମୟସୀମା ପରେ ଆପତ୍ତି ଗ୍ରହଣ କରାଯିବ: ଇସି

### ବିହାର ଏସ୍ଆଇଆର୍

ନୂଆଦିଲ୍ଲୀ, ୧୯ (ପି.ଟି.)

ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଅବସରରେ ପ୍ରସ୍ତୁତ ଚିଠା ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଓ ସଂଶୋଧନ ପାଇଁ ଆବେଦନ ସେପ୍ଟେମ୍ବର ୧ ଶେଷ ତାରିଖ ପରେ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ (ଇସି) ସୋମବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଭୋଟର ତାଲିକା ଚୂଡ଼ାନ୍ତ ହେବା ବେଳେ ସେଗୁଡ଼ିକୁ ବିଚାରକୁ ନିଆଯିବ। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନାମାଙ୍କନ ଫର୍ମର ଶେଷ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ବୋଲି ଇସିଙ୍କ ପ୍ରସ୍ତାବକୁ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଗ୍ରହଣ କରିଛନ୍ତି। ବିହାର ଏସ୍ଆଇଆର୍ ବିଶ୍ୱାସର ପ୍ରସଙ୍ଗ ହୋଇଥିବାବେଳେ ଭୋଟର ଏବଂ ରାଜନୈତିକ ଦଳଗୁଡ଼ିକ ଚିଠା ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଦାଖଲ କରିବାରେ ସହାୟତା ପାଇଁ ପାରାଲିଗାଲ ସ୍ୱେଚ୍ଛାସେବୀ ନିୟୋଜିତ କରିବାକୁ ଅଦାଲତ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି କହିଥିଲେ, ସମୟସୀମା ବଢ଼ାଇବା ଦ୍ୱାରା ସମଗ୍ର ପ୍ରକ୍ରିୟା ଏବଂ ଭୋଟର ତାଲିକା ଚୂଡ଼ାନ୍ତ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବ। ଚିଠା ତାଲିକାରେ ଥିବା ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ ଯୋଗ୍ୟତା ଦସ୍ତାବିଜ ଦାଖଲ କରିଛନ୍ତି। ୩୬ଟି ଅଭିଯୋଗ ଦାଖଲ ହୋଇଥିବା ନେଇ ଆର୍‌ଜେଡିର ଅଭିଯୋଗକୁ ସେ ଖଣ୍ଡନ କରିଥିଲେ।

# ଭୋଟ ଚୋରିକୁ ନେଇ ହାଇଡ୍ରୋଜେନ୍ ବୋମା ଆସୁଛି: ରାହୁଲ

### ବିହାରରେ ଶେଷହେଲା ଭୋଟର ଅଧିକାର ଯାତ୍ରା

ପାଟନା, ୧୯ (ପି.ଟି.)

ବିହାରରେ କଂଗ୍ରେସର ଭୋଟର ଅଧିକାର ଯାତ୍ରାର ସମାପ୍ତି ହୋଇଛି। ପାଟନାର ଗାନ୍ଧୀ ମଇଦାନଠାରେ ଏହି ଯାତ୍ରାର ଉଦ୍‌ଯାପନୀ ସଭାରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାଜପାର ଲୋକମାନେ ସାବଧାନ ହେବାର ସମୟ ଆସିଯାଇଛି। ଖୁବ୍‌ଶୀଘ୍ର ଭୋଟ ଚୋରିକୁ ନେଇ ହାଇଡ୍ରୋଜେନ୍ ବୋମା ଆସିବାକୁ ଯାଉଛି। ଏହାଦ୍ୱାରା ଭୋଟ ଚୋରିର ସତ୍ୟତାକୁ ନେଇ ସାରା ଦେଶ ଅବଗତ ହୋଇପାରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ତାଙ୍କ ମୁହଁ ଦେଖାଇପାରିବେ ନାହିଁ। ବିହାରରେ ଭୋଟର ଅଧିକାର ଯାତ୍ରା ସଫଳ ହୋଇଛି ଏବଂ ଏହାଦ୍ୱାରା ପୂରା ଦେଶକୁ ଭୋଟ ଚୋରି ବିରୋଧରେ ବାର୍ତ୍ତା ବ୍ୟାପିଥିବା ସେ କହିଛନ୍ତି। ବିହାରବାସୀ 'ଭୋଟ ଚୋର ସିଂହାସନ ଛାଡ଼' ସ୍ଲୋଗାନକୁ ତୀବ୍ର କରିଛନ୍ତି। ତେବେ ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ରାହୁଲ ଲୋକ ସଭାର ବିରୋଧୀ ଦଳ ନେତା ପଦବୀକୁ ଅସମ୍ମାନିତ କରୁଛନ୍ତି ବୋଲି ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ କହିଛନ୍ତି। ନିର୍ବାଚନ ଫଳାଫଳ ଉପରେ ପ୍ରଶ୍ନବାଚୀ ଉଠାଇ ସେ ଭୋଟରଙ୍କୁ ଅପମାନିତ କରୁଥିବା ଭାଜପା କହିଛି।



## ଫୁରସତ୍

# ସହପାଠୀଙ୍କ ଜେଜେ ମା'ଙ୍କୁ ପ୍ରେମ

ଟୋକିଓ

ଜାପାନର ୨୩ ବର୍ଷୀୟ ଯୁବକ କୋଫୁ ନିଜ ସହପାଠୀଙ୍କ ଜେଜେ ମା' ଆଇକୋ (୮୩)ଙ୍କୁ ୬ ମାସ ହେବ ଡେଟିଂ କରୁଛନ୍ତି। ଏହି ସମ୍ପର୍କକୁ ଉଭୟଙ୍କ ପରିବାରର ସମର୍ଥନ ମିଳିଛି। ନିକଟରେ ଉଭୟେ ଏକ ସାକ୍ଷାତ୍‌କାରରେ ନିଜ ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିଛନ୍ତି।

ସାଉଥ୍ ଚାଇନା ମର୍ନିଂ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ଆଇକୋ ଜଣେ ଉଦ୍ୟାନବିତ୍ ଥିଲେ ଏବଂ ତାଙ୍କର ଏକ ବଡ଼ ଉଦ୍ଭିଦ ଉଦ୍ୟାନ ଥିଲା। ସେ ୨ ଥର ବିବାହ କରିଛନ୍ତି। ତାଙ୍କର ପୁଅ, ବୋହୂ ଏବଂ ୫ ଜଣ ନାତୁଣୀ ଏବଂ ନାତି ରହିଛନ୍ତି। ଆଇକୋ ଏକ ସୁସ୍ଥ ଜୀବନଶୈଳୀକୁ ଅନୁସରଣ କରନ୍ତି ଏବଂ ସର୍ବଦା ଯୁବ ସୁଲଭ ଦେଖାଯିବା ପାଇଁ ଆଧୁନିକ ପୋଷାକ ପରିଧାନ କରନ୍ତି। କୋଫୁ ସମ୍ପ୍ରତି ଏକ ୟୁନିଭର୍ସିଟିରେ ଅଧ୍ୟୟନ କରୁଛନ୍ତି। ସେହିପରି ସେ ଏକ କ୍ରିଏଟିଭ୍ ଡିଜାଇନ୍ କମ୍ପାନୀରେ ଇଣ୍ଟର୍ନ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସାକ୍ଷାତ୍‌କାରରେ କୋଫୁ କହିଛନ୍ତି, ସେ ଏବଂ ଆଇକୋଙ୍କ ନାତୁଣୀ ହେଉଛନ୍ତି ସହପାଠୀ। ଉଭୟ ୟୁନିଭର୍ସିଟିରେ ଏକା ଶ୍ରେଣୀରେ ପଢୁଛନ୍ତି। ସେ ନିଜ ସହପାଠୀଙ୍କ ଘରକୁ ଯାଇଥିବାବେଳେ ପ୍ରଥମ ଦେଖାରେ ଆଇକୋଙ୍କ ପ୍ରେମରେ ପଡ଼ିଯାଇଥିଲେ। ଆଇକୋ କହିଛନ୍ତି, କୋଫୁ ଖୁବ୍ ସୁନ୍ଦର ଏବଂ ଭଦ୍ର। କୋଫୁଙ୍କ ପରି ଉତ୍ସାହୀ ଯୁବକଙ୍କୁ ଭେଟି ସେ ମଧ୍ୟ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ତେବେ ବୟସ ପାର୍ଥକ୍ୟ ଯୋଗୁ ଏହି ଯୋଡ଼ି ପ୍ରଥମେ ନିଜ ପ୍ରେମକୁ ପ୍ରକାଶ କରିବାରେ ସଙ୍କୋଚ କରୁଥିଲେ। କିଛି ମାସ ତଳେ ଆଇକୋଙ୍କ ନାତୁଣୀ ନିଜ ଜେଜେ ମା' ଓ ସହପାଠୀ କୋଫୁଙ୍କ ସହ ଡିଜ୍‌ନିଲାଣ୍ଡ ଭ୍ରମଣ ପାଇଁ ଠିକ୍ କରିଥିଲେ। ସେଠାରେ ଏକା ଥିବା ସମୟରେ କୋଫୁ ଆଇକୋଙ୍କୁ ପ୍ରେମ ନିବେଦନ କରିଥିଲେ। ଆଇକୋ କୋଫୁଙ୍କ ପ୍ରେମ ନିବେଦନକୁ ଗ୍ରହଣ କରିଥିଲେ। ପ୍ରଥମେ କିଛିଦିନ ପାଇଁ ଉଭୟେ ଗୁପ୍ତ ଭାବରେ ପରସ୍ପରକୁ ଡେଟିଂ କରୁଥିଲେ। ପରେ ଏହି ସମ୍ପର୍କକୁ ନେଇ ଉଭୟଙ୍କ ପରିବାରର ସହମତି ମିଳିଥିଲା। ଏବେ ଏହି ଯୋଡ଼ି ଏକାଠି ରହୁଥିବା ନେଇ ରିପୋର୍ଟରେ କୁହାଯାଇଛି। ତେବେ ବିବାହ କେବେ କରିବେ ସେ ସମ୍ପର୍କରେ ଏହି ଦମ୍ପତି କୌଣସି ସୂଚନା ଦେଇନାହାନ୍ତି। କୋଫୁ କହିଛନ୍ତି, ପ୍ରତ୍ୟେକ ଦିନ ତାଙ୍କର ସବୁଠାରୁ ଖୁସିର ମୁହୂର୍ତ୍ତ ହେଉଛି ସେ ସକାଳୁ ଉଠି ପ୍ରେମିକା ଆଇକୋଙ୍କ ମୁହଁ ଦେଖିଥାନ୍ତି। ସେହିପରି କୋଫୁ କାମକୁ ଗଲେ ସେ ନିଃସଙ୍ଗ ଅନୁଭବ କରନ୍ତି ବୋଲି ଆଇକୋ କହିଛନ୍ତି। ତେବେ ସନ୍ଧ୍ୟାରେ କୋଫୁ ଆସିବେ ଭାବି ତୁରନ୍ତ ତାଙ୍କର ନିଃସଙ୍ଗତା ଦୂର ହୋଇଯାଇଥାଏ ବୋଲି ସେ କହିଛନ୍ତି।


କୋଫୁଙ୍କ ସହ ଆଇକୋ।

## ସୁମୋନାଙ୍କୁ ଅସଦାଚରଣ


ସୁମୋନା ଚକ୍ରବର୍ତ୍ତୀ

ମୁମ୍ବାଇ

ହାସ୍ୟ ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀଙ୍କ କାର୍‌କୁ ମୁମ୍ବାଇରେ ଆକ୍ରମଣ ହୋଇଛି। ଏନେଇ ସେ ରବିବାର ରାତିରେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ କରୁଥିବା କେତେଜଣ ଲୋକଙ୍କ ଭିଡ଼ ତାଙ୍କ କାର୍‌କୁ ଘେରିଯାଇ କାର୍ ମଧ୍ୟରେ ଥିବା ତାଙ୍କୁ ଓ ତାଙ୍କ ବନ୍ଧୁଙ୍କୁ ଅସଦାଚରଣ କରିଥିଲେ ବୋଲି ସୁମୋନା ଏହି ପୋଷ୍ଟରେ କହିଛନ୍ତି।

ରିପୋର୍ଟ ଅନୁଯାୟୀ, ମୁମ୍ବାଇରେ ମରାଠା ସଂରକ୍ଷଣ ପାଇଁ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବାବେଳେ ସୁମୋନା ରବିବାର ଦକ୍ଷିଣ ମୁମ୍ବାଇର କୋଲାବାରୁ ଫୋର୍ଟ ଆଡ଼କୁ ନିଜ କାର୍‌ରେ ଯାଉଥିଲେ। ଏହି ସମୟରେ ପ୍ରଦର୍ଶନକାରୀମାନେ ସୁମୋନାଙ୍କ କାର୍‌କୁ ଚାରିପାଖରୁ ଘେରି ଯାଇଥିଲେ। ସେମାନେ କାର୍‌ର ବୋନେଟ୍‌କୁ ପିଟିବା ସହ ସୁମୋନା ଓ ତାଙ୍କ ବନ୍ଧୁଙ୍କୁ ଗାଳିଗୁଲଜ୍ କରିଥିଲେ। ୫ ମିନିଟ ପର୍ଯ୍ୟନ୍ତ ପ୍ରଦର୍ଶନକାରୀମାନେ ତାଙ୍କୁ ଓ ତାଙ୍କ ବନ୍ଧୁଙ୍କୁ ଅସଦାଚରଣ କରି ଚାଲିଥିଲେ ଏବଂ ସେଠାରେ କୌଣସି ପୋଲିସ ଉପସ୍ଥିତ ନ ଥିଲେ ବୋଲି ସୁମୋନା କହିଛନ୍ତି। ସୁମୋନା ନିଜ ପୋଷ୍ଟରେ ଲେଖିଛନ୍ତି, ସେ ଦୀର୍ଘ ବର୍ଷ ଧରି ମୁମ୍ବାଇରେ ରହୁଥିଲେ ସୁଦ୍ଧା ଏହି ଘଟଣା ପରେ ସେ ପ୍ରଥମ ଥର ପାଇଁ ସହରରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଜଣେ ମହିଳା କରଦାତା ଏବଂ ସହରକୁ ଭଲ ପାଉଥିବା ବ୍ୟକ୍ତି ଭାବରେ ମୁମ୍ବାଇରେ ନିଜକୁ ସୁରକ୍ଷିତ ମନେ କରିବା ପାଇଁ ସେ ହକ୍‌ଦାର ବୋଲି ସୁମୋନା ଏହି ପୋଷ୍ଟରେ ଲେଖିଛନ୍ତି। ତେବେ ସୋମବାର ଉକ୍ତ ପୋଷ୍ଟକୁ ସେ ଡିଲିଟ୍ କରିଦେଇଛନ୍ତି।

# ରେଳ କର୍ମଚାରୀ ପାଇବେ ୧.୬୦ କୋଟି ଯାଏ ବୀମା

## ଭାରତୀୟ ରେଳପଥ-ଏସ୍‌ବିଆଇ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର,୧।୯

ଭାରତୀୟ ରେଳପଥ (ଆଇଆର୍) ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ମଧ୍ୟରେ ରେଲୱେ ସାଲାରି ପ୍ୟାକେଜ (ଆରଏସ୍‌ପି) ସମ୍ବନ୍ଧୀୟ ଏମଓୟୁ ସୋମବାର ସ୍ୱାକ୍ଷରିତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡ ଚେୟାରମ୍ୟାନ ସତୀଶ କୁମାର ଏବଂ ଏସବିଆଇ ଚେୟାରମ୍ୟାନ ସି. ଏସ. ସେଟ୍ଟୀଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷର କରାଯାଇଛି। ଏହା ଅଧିନରେ ରେଳ କର୍ମଚାରୀ କୌଣସି ପ୍ରିମିୟମ ନଦେଇ ଏସବିଆଇରେ ସାଲାରି ଆକାଉଣ୍ଟ ଖୋଲି ଦୁର୍ଘଟଣାଜନିତ ମୃତ୍ୟୁରେ ୧ କୋଟିରୁ ୧.୬୦ କୋଟି ଟଙ୍କା ପର୍ଯ୍ୟନ୍ତ ବୀମା ଲାଭ ପାଇପାରିବେ। ବର୍ତ୍ତମାନ ସମୟରେ ରେଳ କର୍ମଚାରୀମାନେ ସିଜିଇଜିଆଇଏସ (ସେଣ୍ଟ୍ରାଲ ଗଭର୍ନମେଣ୍ଟ ଏମ୍ପ୍ଲଇଜ ଗ୍ରୁପ ଇନ୍ସ୍ୟୁରାନ୍ସ ସ୍କିମ୍) ଅଧୀନରେ ସେବା କାଳରେ ମୃତ୍ୟୁ ହେଲେ ଗ୍ରୁପ-ସି କର୍ମଚାରୀଙ୍କ ପାଇଁ ୩୦ ହଜାର, ଗ୍ରୁପ-ବି ପାଇଁ ୬୦ ହଜାର ଏବଂ ଗ୍ରୁପ-ଏ ପାଇଁ ୧.୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ପାଇଥାନ୍ତି। ରେଳପଥର ସର୍ବନିମ୍ନ ୭୦% ଶ୍ରମିକ ଏବଂ ଫ୍ରଣ୍ଟଲାଇନ ସେବାକର୍ତ୍ତା ଗ୍ରୁପ-ସି ବର୍ଗର, ଯାହାର ବୀମା ଆବରଣ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସୀମିତ ଥାଇ ବଞ୍ଚିତ ପରିବାରଜନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ଅପର୍ଯ୍ୟାପ୍ତ ବୋଲି ବିବେଚନା କରାଯାଉଛି। ଏହି ନୂଆ ଏମଓୟୁ ଅନୁଯାୟୀ, ଏସିଆଇରେ ରେଲୱେ ସାଲାରି ଆକାଉଣ୍ଟ ଧାରକମାନେ କୌଣସି ପ୍ରିମିୟମ ନଦେଇ ଏବଂ କୌଣସି ମେଡିକାଲ ପରୀକ୍ଷା ନକରି ଦୁର୍ଘଟଣାଜନିତ ମୃତ୍ୟୁ (ଡ୍ୟୁଟିରେ ଏବଂ ଅଫ-ଡ୍ୟୁଟି ସମୟରେ) ପାଇଁ ୧ କୋଟି ଟଙ୍କା ବୀମା ସୁରକ୍ଷା ପାଇବେ। ବାୟୁ ଦୁର୍ଘଟନାଜନିତ ମୃତ୍ୟୁରେ ୧.୬୦ କୋଟି ଟଙ୍କା ବୀମା ସୁରକ୍ଷା ମିଳିବ। ବର୍ତ୍ତମାନ ୭ ଲକ୍ଷରୁ ଅଧିକ ରେଲୱେ କର୍ମଚାରୀଙ୍କର ଏସ୍‌ବିଆଇରେ ଆକାଉଣ୍ଟ ରହିଛି। ଏହି ଅବସରରେ ନୋମିନିଙ୍କୁ ପ୍ରତ୍ୟେକେ ୧ କୋଟି ଟଙ୍କାର ୭ଟି ଚେକ୍ ଅନଲାଇନ ମୋଡରେ ଏସ୍‌ବିଆଇର ଚେୟାରମ୍ୟାନଙ୍କ ଦ୍ୱାରା ହୋଇଛି। ଅଗଷ୍ଟ ୨୦୨୫ର ଶେଷ ସପ୍ତାହରେ ୪ଟି ଏବଂ ୧ କୋଟିରୁ ପ୍ରତ୍ୟେକର ଦାବି ପ୍ରଦାନ କରାଯାଇଛି। ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ କର୍ମଚାରୀଙ୍କୁ ୧୦ ଲକ୍ଷ ଟଙ୍କା ବୀମା ଲାଭ ମିଳିବ। ଏହି ସମସ୍ତ ଲାଭ ରେଳ କର୍ମଚାରୀଙ୍କ ଅନ୍ୟ ସରକାରୀ ଯୋଜନା/ବୀମା ନୀତିଗୁଡ଼ିକର ସହ ଅତିରିକ୍ତ ହେବ। ଏହି ପ୍ୟାକେଜ ଅଧୀନରେ ୪ଟି ପରିବାର ସଦସ୍ୟଙ୍କ ପାଇଁ ଏସବିଆଇ ରିସ୍ତେ ଫ୍ୟାମିଲି ସେଭିଙ୍ଗ ଆକାଉଣ୍ଟ ସମ୍ପୂର୍ଣ୍ଣ ସୁବିଧା ସହିତ ମିଳିବ। ଏହା ସହ ବ୍ୟକ୍ତିଗତ, ଘର, କାର୍ ଏବଂ ଶିକ୍ଷା ଲୋନରେ ଆକର୍ଷଣୀୟ ସୁଧ ହାର ଏବଂ ପ୍ରୋସେସିଙ୍ଗ ଫିରେ ୫୦%ରୁ ୧୦୦% ରିହାତି ପ୍ରଦାନ କରାଯିବ। ସାଲାରି ଆକାଉଣ୍ଟ ଧାରକ ଏବଂ ୪ଟି ପରିବାର ସଦସ୍ୟଙ୍କ ପାଇଁ ଲକର୍ ଭଡ଼ାରେ ୫୦% ରିହାତି ମିଳିବ।

## ସେମିକନ୍ ଇଣ୍ଡିଆ ସମ୍ମିଳନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୂଆଦିଲ୍ଲୀର ଯଶୋଭୂମିଠାରେ 'ସେମିକନ୍ ଇଣ୍ଡିଆ-୨୦୨୫'ର ଉଦ୍‌ଘାଟନ କରିବେ। ଏହି ତିନିଦିନିଆ ସମ୍ମିଳନୀରେ ଭାରତରେ ଏକ ଦୃଢ଼, ସୁଦୃଢ଼ ଏବଂ ସ୍ଥାୟୀ ସେମିକଣ୍ଡକ୍ଟର ଇକୋ-ସିଷ୍ଟମକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ। ଏଥିରେ ୪୮ରୁ ଅଧିକ ଦେଶର ପ୍ରାୟ ୨୫୦୦ରୁ ଅଧିକ ପ୍ରତିନିଧି, ୫୦ରୁ ଅଧିକ ବିଶ୍ୱ ବ୍ୟକ୍ତିତ୍ୱଙ୍କ ସହିତ ୧୫୦ରୁ ଅଧିକ ବକ୍ତା ଏବଂ ୩୫୦ରୁ ଅଧିକ ପ୍ରଦର୍ଶନକାରୀଙ୍କ ସମେତ ମୋଟ ୨୦,୭୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ। ଏଥିରେ ୬ଟି ରାଷ୍ଟ୍ରୀୟ ଗୋଲଟେବୁଲ ଆଲୋଚନା, କଣ୍ଟ୍ରି ପାଭିଲିୟନ, କର୍ମଶକ୍ତି ବିକାଶ ଏବଂ ଷ୍ଟାର୍ଟଅପ ପାଇଁ ସମର୍ପିତ ପାଭିଲିୟନ ମଧ୍ୟ ଅନ୍ତର୍ଭୁକ୍ତ ହେବ। ସୂଚନା ଥାଉକି, ୨୦୨୨ରେ ବେଙ୍ଗାଲୁରୁ, ୨୦୨୩ରେ ଗାନ୍ଧୀନଗର ଏବଂ ୨୦୨୪ରେ ଗ୍ରେଟର ନୋଏଡାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ସ୍ପାୟକରର ୨୦ତମ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଦେଶର ଅଗ୍ରଣୀ ଫ୍ୟାଶନ ବ୍ରାଣ୍ଡ୍ ଭାବେ ଜଣାଶୁଣା ସ୍ପାୟକରର ଏକ ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ନରୁଲା କମ୍ପ୍ଲେକ୍ସଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱରର ଏହା ୬ଷ୍ଠ ଏବଂ ଓଡ଼ିଶାର ୨୦ତମ ଷ୍ଟୋର। ୬୫୦ ବର୍ଗଫୁଟ ବିଶିଷ୍ଟ ଏହି ନୂତନ ଷ୍ଟୋରରେ ଯୁବ ପିଢ଼ିଙ୍କୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଡେନିମ, ଶାର୍ଟ, ଟି-ଶାର୍ଟ, ଶୀତବସ୍ତ୍ର, ପରଫ୍ୟୁମ୍ ଏବଂ ୱାଲେଟ୍ ଆଦି ୧୨୯୯ଟଙ୍କାରୁ ଆରମ୍ଭ କରି ୫୯୯୯ ଟଙ୍କାରେ ଉପଲବ୍ଧ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱଜିତ ମିଶ୍ର ଏବଂ ଅରିଜିତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଫ୍ରାଞ୍ଚାଇଜ୍ ମାଲିକ ନମନ ନରୁଲା, ସଞ୍ଜୟ ନରୁଲା ଏବଂ ସେମାନଙ୍କର ପରିବାରବର୍ଗଙ୍କ ସମେତ ସ୍ପାୟକରର ଏଏସ୍‌ଏମ୍ ବିକି ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ନମନ କହିଥିଲେ, ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ଏଭଳି ଏକ ଫ୍ୟାଶନ୍ ଆଉଟ୍‌ଲେଟ୍ ଖୋଲାଯାଇଥିବାରୁ ସେ ବେଶ୍ ଉତ୍ସାହିତ ଅଛନ୍ତି। ଭାରତରେ ସ୍ପାୟକରର ସଫଳତାକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଷ୍ଟୋର ସହାୟକ ହେବ ବୋଲି ସେ ଆଶା ରଖିଛନ୍ତି। ୮,୦୦୦ଟଙ୍କା କ୍ରୟ ଉପରେ ୧,୦୦୦ ଟଙ୍କାର ପ୍ରୋମୋ ଅଫର ରହିଥିବାବେଳେ ୧୪,୦୦୦ଟଙ୍କାର କ୍ରୟ ଉପରେ ୨,୦୦୦ଟଙ୍କା ଏବଂ ୨୦,୦୦୦ଟଙ୍କାର କ୍ରୟ ଉପରେ ୪୦୦୦ଟଙ୍କାର ପ୍ରୋମୋ ଅଫର ଥିବା ସେ କହିଛନ୍ତି। ସୂଚନା ଥାଉକି, ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ପାୟକର ବିଭିନ୍ନ ପ୍ରକାରର ଷ୍ଟାଇଲିସ୍, କଣ୍ଟେମ୍ପୋରାରି ଡିଜାଇନ୍ ଏବଂ ଆସେସୋରିଜ୍ ଯୋଗାଣ କ୍ଷେତ୍ରରେ ଏକ ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ଭାବେ ପରିଚିତ ହୋଇପାରିଛି।

## ଏଲ୍‌ଆଇସି କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ପାଳିତ




ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଚଳିତବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ପାଳନ କରାଯାଇଛି। କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ସୋମବାର ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଏଲ୍‌ଆଇସର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଶଙ୍କର ମିଶ୍ର ଯୋଗଦେଇ ଏଲ୍‌ଆଇସିର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଦେଶବ୍ୟାପୀ ସମୁଦାୟ ୧୧୩ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ଅନ୍ୟତମ। ଓଡ଼ିଶାର ୧୦ ଜିଲାକୁ ନେଇ କଟକ ମଣ୍ଡଳର ଭୌଗୋଳିକ ସୀମା ପରିବ୍ୟାପ୍ତ। ପାଟଣାସ୍ଥିତ ପୂର୍ବ ମଧ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ୧୧ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ସବୁ କ୍ଷେତ୍ରରେ ଅଗ୍ରଣୀ, ଯେଉଁଥିରେ କି ୧୯ଟି ଶାଖା, ୨୮ ସାଟେଲାଇଟ ଅଫିସ, ଗୋଟିଏ କଷ୍ଟମର ଜୋନ ଓ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ରହିଛି। କଟକ ମଣ୍ଡଳରେ କର୍ମଚାରୀ ମିଶି ୧୨୩୬ ଜଣ ଥିଲାବେଳେ ୨୫୦୪୯ ଜଣ ଅଭିକର୍ତ୍ତା କାର୍ଯ୍ୟରତ। କଟକ ମଣ୍ଡଳ ୨୦୨୪-୨୫ରେ ୪୦୧୨୧୯ଟି ନୂତନ ପଲିସି କରି ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଦଖଲ କରିଛି। କାର୍ଯ୍ୟକ୍ରମରେ ମଣ୍ଡଳ ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର ଓ ଅଶୋକ କୁମାର ରାୟ ଉପସ୍ଥିତ ଥିଲେ।

## ୫ହଜାର ଟଙ୍କାରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା

ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)




ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ ଭାରତ ସରକାରଙ୍କ 'ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜ୍‌ଲି' ଯୋଜନାର ଅଂଶ ବିଶେଷ ଭାବେ ୟୁଟିଲିଟି ଲେଡ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଏକ ସ୍ୱତନ୍ତ୍ର ଏକ କିଲୋୱାଟ୍ ରୁଫ୍‌ଟପ୍ ସୋଲାର (ଆର୍‌ଟିଏସ୍) ସ୍କିମ୍ ସୋମବାର ଘୋଷଣା କରାଯାଇଛି। ଏକ କିଲୋୱାଟ୍‌ର ସୋଲାର ବ୍ୟବସ୍ଥା ସ୍ଥାପନ କରିବା ଲାଗି ୬୫,୦୦୦-୭୫,୦୦୦ ଟଙ୍କା ଆବଶ୍ୟକ ହେଉଥିବା ବେଳେ ୟୁଏଲ୍‌ଏ ମଡେଲ୍‌ରେ ଗ୍ରାହକମାନଙ୍କୁ ଏକକାଳୀନ ୫୦୦୦ ଟଙ୍କା ଦେବାକୁ ପଡ଼ିବ। ଟାଟା ପାୱାର ନେତୃତ୍ୱାଧୀନ ଡିସ୍କମ୍‌ଗୁଡ଼ିକ ଦ୍ୱାରା ଅଧିକାଂଶ ବ୍ୟୟ ଭାରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବ୍‌ସିଡି ଜରିଆରେ ଭରଣା କରାଯିବ। ଏହି ଅଭିଯାନରେ ନେଟ୍ ମିଟରକୁ ଡିସକମ୍‌ଗୁଡ଼ିକ ପ୍ରଦାନ କରିବେ ଏବଂ ସୋଲାର ଜେନେରେଶନ ମିଟର ଖର୍ଚ୍ଚ ଗ୍ରାହକଙ୍କୁ ବହନ କରିବାକୁ ପଡ଼ିବ। ଏକ କିଲୋୱାଟ୍‌ର ଆର୍‌ଟିଏସ ପାଇଁ ଉଭୟ କେନ୍ଦ୍ର ସରକାର ୩୦,୦୦୦ ଟଙ୍କା ଓ ଓ ରାଜ୍ୟ ସରକାର ୨୫,୦୦୦ ଟଙ୍କା ଅର୍ଥାତ୍ ମୋଟ୍ ୫୫,୦୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହି ଅବସରରେ ଟିପ୍ ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ୍ ବିଜ୍‌ନେସ ଓ ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି, ଏକ କିଲୋୱାଟ୍‌ର ସୋଲାର ରୁଫ୍‌ଟପ୍ ବ୍ୟବସ୍ଥା ଜରିଆରେ ଘରେ ମାସକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ, ଯାହା ଫଳରେ ବାର୍ଷିକ ପ୍ରାୟ ୫୦୦୦ ଟଙ୍କାର ସଞ୍ଚୟ ହେବ। ଏହାକୁ ସ୍ଥାପନ କରିବାକୁ ଗ୍ରାହକମାନଙ୍କୁ ଏକ ଅନୁମତି ଫର୍ମ ପ୍ରଦାନ କରିବାକୁ ହେବ ଏବଂ ଏକକାଳୀନ ଦେୟ ଦେବାକୁ ହେବ। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ସୋଲାର ପ୍ୟାନେଲ ସ୍ଥାପନାଠାରୁ ଆରମ୍ଭ କରି କ୍ୱାଲିଟି ଆସ୍ୟୁରାନ୍ସ ଏବଂ ବିକ୍ରି ପରବର୍ତ୍ତୀ ସେବା ପର୍ଯ୍ୟନ୍ତ ସମସ୍ତ ସେବାକୁ ସୁନିଶ୍ଚିତ କରିବେ। କମ୍ପାନୀ ପକ୍ଷରୁ ସିଷ୍ଟମ୍ ଉପକରଣ ଉପରେ ୫ ବର୍ଷର ୱାରେଣ୍ଟି ଓ ସୋଲାର ପ୍ୟାନେଲ୍ ଉପରେ ୨୫ ବର୍ଷର ୱାରେଣ୍ଟି ପ୍ରଦାନ କରାଯିବ।

## କଳାହାଣ୍ଡିରେ ବେଦାନ୍ତର ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ପକ୍ଷରୁ ଏହାର ସିଏସ୍‌ଆର ସ୍ୱାସ୍ଥ୍ୟସେବା ପଦକ୍ଷେପ ପ୍ରକଳ୍ପ 'ଆରୋଗ୍ୟ' ଅଂଶ ଭାବରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ୧୩ଟି ଗ୍ରାମକୁ ନେଇ କାନକୁଟ୍ରୁ ଗ୍ରାମପଞ୍ଚାୟତରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଶିବିରରେ ପ୍ରାୟ ୪୦୦ ଜଣଙ୍କୁ ମାଗଣା ପରାମର୍ଶ, ରୋଗ ଚିହ୍ନଟ ଏବଂ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ଏକ ଉତ୍ସର୍ଗୀକୃତ ଦଳ ମାଗଣା ସାଧାରଣ ସ୍ୱାସ୍ଥ୍ୟପରୀକ୍ଷା, ଔଷଧ ପ୍ରଦାନ କରିଥିଲେ ଏବଂ ପ୍ରତିରୋଧକ ଯତ୍ନ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବେଦାନ୍ତର ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ସ୍ୱାସ୍ଥ୍ୟ ସେବା ଏକ ମୌଳିକ ଅଧିକାର, ତଥାପି ଅନେକ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏହାର ପ୍ରାପ୍ୟତା ଏକ ଚ୍ୟାଲେଞ୍ଜ ହୋଇ ରହିଛି। କଳାହାଣ୍ଡି ଜିଲାରେ ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ବେଦାନ୍ତ ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ସେ କହିଛନ୍ତି।

# ରାଜ୍ୟ ଖବର

## ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

### ହାଇକୋର୍ଟରେ ସି ଶୋର ଚିଟ୍‌ଫଣ୍ଡ ମାମଲା

କଟକ,୧।୯(କାର୍ତ୍ତିକ ସାହୁ)

ସି ଶୋର ଚିଟ୍‌ଫଣ୍ଡ ମାମଲାରେ ବିଜେଡିର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ସୋମବାର ମାମଲାର ଶୁଣାଣି ବେଳେ ଗତ ଜୁଲାଇ ୨୮ରେ ରବୀନ୍ଦ୍ରଙ୍କୁ ଜେରା କରାଯାଇଥିବା ନେଇ ସିବିଆଇ ହାଇକୋର୍ଟଙ୍କୁ ଅବଗତ କରିଛି। ଆସନ୍ତା ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ସି ଶୋର ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ପୂର୍ବରୁ ରବୀନ୍ଦ୍ର ଜେନାଙ୍କୁ ନୋଟିସ୍ ଜାରି କରି ହାଜର ହୋଇ ପକ୍ଷ ରଖିବାକୁ ଆଦେଶ ଦେଇଥିଲେ। ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ସେ ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ମାମଲାର ପରବର୍ତ୍ତୀ ଶୁଣାଣି ଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶ ଦେଇଛନ୍ତି। ସି ସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ହାଇକୋର୍ଟ ପୂର୍ବତନ ଏମ୍‌ପି ରବୀନ୍ଦ୍ରଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ। ସି ଶୋର ଚିଟ୍‌ଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଉକ୍ତ ମାମଲାକୁ ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ସିବିଆଇ ଜେନାଙ୍କୁ ସମନ କରିଥିଲା। ଜେନାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ତାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ହୋଇଥିଲା। ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଜେନା ସିବିଆଇରେ ହାଜର ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ।

## ମୁକ୍ତ ଓ ଅବାଧ ହେବ ସଭାପତି ନିର୍ବାଚନ: ଭକ୍ତ

### ଆଜି ପର୍ଯ୍ୟବେକ୍ଷକ ବୁଲିବେ ୭ ଜିଲା

ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)

ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ସୋମବାର କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ପର୍ଯ୍ୟବେକ୍ଷକ ପହଞ୍ଚି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ଆସନ୍ତାକାଲି(ମଙ୍ଗଳବାର) ୭ଟି ସାଙ୍ଗଠନିକ ଜିଲାକୁ ଯିବେ। ଚଳିତଥର କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ସୃଜନ ଅଭିଯାନ ଜରିଆରେ ମୁକ୍ତ ଓ ଅବାଧ ପ୍ରକ୍ରିୟାରେ ସାଙ୍ଗଠନିକ ସଭାପତି ଚୟନ ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସୋମବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ, ରାଜ୍ୟର ସମସ୍ତ ୩୫ ଗୋଟି କଂଗ୍ରେସ ସାଂଗଠନିକ ଜିଲା ପାଇଁ ସଭାପତି ଚୟନ କରାଯିବ। ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ଯଥାକ୍ରମେ ମୁମ୍ବାଇ କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ଚରଣ ସିଂହ ସାପ୍ରା, ପୂର୍ବତନ ମନ୍ତ୍ରୀ ବିମଳ ଶାହା, ବିଧାୟକ ରାଘବେନ୍ଦ୍ର ସିଂହ, ଏଆଇସିସି କୃଷକ ବିଭାଗର ଅଖିଳେଶ ଶୁକ୍ଲା, ପିସିସି ପୂର୍ବତନ କାର୍ଯ୍ୟକାରୀ ସଭାପତି ଜେଟି କୁସୁମ କୁମାର, ପୂର୍ବତନ ପିସିସି ସଭାପତି ମହେଶ ଶର୍ମା ଓ ଏଆଇସିସି ସମ୍ପାଦକ ମନୋଜ ଚୌହାନ ପ୍ରମୁଖ ଓଡ଼ିଶାରେ ପହଞ୍ଚି ସାରିଛନ୍ତି। ଏଆଇସିସି ପର୍ଯ୍ୟବେକ୍ଷକଙ୍କୁ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକ ମଣ୍ଡଳୀ ସେମାନଙ୍କ ସହ ସମ୍ପୃକ୍ତ ଜିଲା ଗସ୍ତ କରିଛନ୍ତି। ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲାରେ ଅନ୍ୟୂନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରି ଏକ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାଗୁଡ଼ିକରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଫଳରେ ପ୍ରତି ଜିଲାରେ ଜଣେ ଲେଖାଏ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଙ୍ଗଠନିକ ନେତୃତ୍ୱ ନେବେ ବୋଲି ଭକ୍ତ କହିଛନ୍ତି।

## ଝିଅ ଜନ୍ମଦିନରେ ବାପାଙ୍କ ମୃତ୍ୟୁ

- କେକ୍ କିଣିବାକୁ ଆସୁଥିବା ବେଳେ ଚଢ଼ିଗଲା ଡମ୍ପର
- କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ସୋର, ୧।୯ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଗଡ଼ସାହି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଝିଅ ଜନ୍ମଦିନରେ କେକ୍ ଆଣିବା ପାଇଁ ଯାଉଥିବା ବାପା ଉପରେ ଚଢ଼ିଗଲା ଡମ୍ପର। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଏଭଳି ଦୁର୍ଘଟଣା ବାଗୁଡ଼ି ବଜାରରେ ଆଲୋଡ଼ନ ସୃଷ୍ଟି କରିଛି।

ମୃତ ଯୁବକ ହେଲେ ଉମାକାନ୍ତ ପାଢ଼ୀ(୩୫)। ସୋମବାର ଥିଲା ତାଙ୍କ ଝିଅର ଜନ୍ମଦିନ। ଅପରାହ୍ନରେ ସେ କେକ୍ ଆଣିବା ପାଇଁ ବାଇକରେ ସୋର ଅଭିମୁଖେ ଆସୁଥିଲେ। ବାଗୁଡି ବଜାର ନିକଟ ଭଗବତୀ ଟ୍ରେଡର୍ସ ସମ୍ମୁଖରେ ପଛରୁ ଆସୁଥିବା ଏକ ପଥର ବୋଝେଇ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଉମାକାନ୍ତଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ସୋର-ଗୋପୀନାଥପୁର ରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ସୋର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଡମ୍ପର ଚାଳକ ଏବଂ ଖଲାସୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ସୋର ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।


ମୃତ ଉମାକାନ୍ତ।

## ଇଗ୍ନୁ ନାମଲେଖା ଅବଧି ୧୫କୁ ବୃଦ୍ଧି

ଭୁବନେଶ୍ୱର,୧।୯(ସୁଚିସ୍ମିତା ସାହୁ)

ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) କର୍ତ୍ତୃପକ୍ଷ ଜୁଲାଇ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧି ଏବଂ ପୁନଃ ପଞ୍ଜୀକରଣ ସମୟାବଧିକୁ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ ପୁନଃ ପଞ୍ଜୀକରଣ ପାଇଁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ହେବ। ଆଗ୍ରହୀ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆବଶ୍ୟକ ସୂଚନା ଲାଗି ଇଗ୍ନୁ ୱେବ୍‌ସାଇଟ www.ignou.ac.inକୁ ଅନୁସରଣ କରିପାରିବେ ଓ ନାମ ଲେଖାଇବା ପାଇଁ https://ignouadmission.samarth.edu.inରେ ଆବେଦନ କରିପାରିବେ। ଅଣ୍ଡର ଗ୍ରାଜୁଏଟ୍ (ବିଏସ୍‌ସି.ଏମ୍, ବିକମ୍.ଏଫ୍., ବିଏ.ଏମ୍.) ପଢ଼ିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୁ ତରଫରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ।

ସେହିପରି ଚଳିତ ବର୍ଷ ଏମଏସ୍‌ସି ସହିତ ଆଉ କିଛି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏମ୍‌ଏସ୍‌ସି ଇନ୍ ପ୍ରାଣୀବିଜ୍ଞାନ, ରସାୟନ ବିଜ୍ଞାନ, ବିଶ୍ଳେଷଣାତ୍ମକ ରସାୟନ ବିଜ୍ଞାନ, ଜୈବ ରସାୟନ ବିଜ୍ଞାନ, ଜିଓଇନ୍‌ଫରମେଟିକ୍, ଭୌତିକ ବିଜ୍ଞାନ, ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍ସ, ଭୂଗୋଳ ଏବଂ ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ଏମ୍‌ବିଏ ଓ ଏମସିଏ ରହିଛି। ଅଧିକ ସୂଚନା ପାଇବା ପାଇଁ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସହ ଯୋଗାଯୋଗ କରିବା ପାଇଁ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## ସାର ପାଇଁ ଚାଷୀଙ୍କ ଲମ୍ବାଧାଡ଼ି



ସାର ନେବାପାଇଁ ଚାଷୀମାନେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି।

ଆସିକା,୧।୯(ସୁରେନ୍ଦ୍ର ନାଥ ସାହୁ)

ଧାନରୁଆ ପରେ ୟୁରିଆ ସାର ପ୍ରୟୋଗ ଜରୁରୀ ହୋଇଥିଲା ବେଳେ ଗଞ୍ଜାମ ଜିଲାରେ ଚାଷୀଙ୍କୁ ଆବଶ୍ୟକ ପରିମାଣରେ ଏହା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ଏଥିପ୍ରତି ଧ୍ୟାନ ନ ଦେଇ ସାର ଯୋଗାଣରେ ହେୟ ମନୋଭାବ ପ୍ରଦର୍ଶନ କରୁଥିବାରୁ କଳାବଜାରରେ ଅଧିକ ଦର ଦେଇ କିଣିବାକୁ ବାଧ୍ୟ ହେଉଛୁ ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ସୋମବାର ଆସିକା ବସଷ୍ଟାଣ୍ଡସ୍ଥିତ ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି (ଏମ୍‌ପିସିଏସ) ସାର ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀଙ୍କ ଲମ୍ବା ଧାଡି ଲାଗିଥିଲା। ପରିସ୍ଥିତିକୁ ଦେଖି ଏମପିସିଏସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟିକୁ ଅଣାଯିବା ପରେ ଆସିକା ଅତିରିକ୍ତ ତହସିଲଦାର ସୌଦାଗର ବେହେରା, ଏମପିସିଏସ ପରିଚାଳନା ପରିଷଦର ସଦସ୍ୟ ଓ ପୋଲିସ ଉପସ୍ଥିତିରେ ଚାଷୀଙ୍କୁ ୨ବସ୍ତା ଲେଖାଏ ସାର ବଣ୍ଟାଯାଇଥିବା ଜଣାପଡିଛି।

ଆସିକା ଏମପିସିଏସ ପକ୍ଷରୁ ୧ଶହ ମେଟ୍ରିକ ଟନ ସାରର ଆବଶ୍ୟକତା ଦର୍ଶାଯାଇଥିଲା ବେଳେ ମାତ୍ର ୩୦ ମେଟ୍ରିକ ଟନ ଆସିଥିଲା। ଆଗାମୀ ଦିନରେ ଏହି ସମିତିକୁ ଆବଶ୍ୟକ ସାର ପହଞ୍ଚିବା ବ୍ୟବସ୍ଥା କରାଯାଉଛି ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଗତ ବୁଧବାର ମଧ୍ୟ ଆସିକା ବସଷ୍ଟାଣ୍ଡ କଳିଙ୍ଗା ରୋଡଠାରେ ଏକ ଘରୋଇ ସାର ବିକ୍ରେତାଙ୍କ ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀଙ୍କ ଏଭଳି ଲମ୍ବା ଧାଡି ଲାଗିଥିଲା।

## ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଭାଜପା ପାଳିବ ସେବା ପକ୍ଷ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ଭାଜପା ପକ୍ଷରୁ ପାଳନ କରାଯିବ। ସେହିପରି ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରି ୧୫ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ଦଳ ପକ୍ଷରୁ ପାଳନ କରାଯିବ। ହେଲେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ୭୫ ତମ ଜନ୍ମଦିନ ପାଳନ ହେବାକୁ ଥିବାବେଳେ ଆସନ୍ତା ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି।

ଏହି କାର୍ଯ୍ୟକ୍ରମ ପାଳନ ହେବା ପୂର୍ବରୁ ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତା ଓ ଦଳର ବହୁ ନେତା ଓ ମନ୍ତ୍ରୀ ମଧ୍ୟ ଯୋଗଦେଇଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯତୀନ କହିଛନ୍ତି, ସେବା ପକ୍ଷ ଉପଲକ୍ଷେ ଆସନ୍ତା ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲାସ୍ତରୀୟ ଏବଂ ୧୯ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିରର ଆୟୋଜନ କରାଯିବ। ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ଯାଏ ଜିଲାସ୍ତରୀୟ ପ୍ରଦର୍ଶନୀ କରାଯିବ। ୧୯ ଏବଂ ୨୦ରେ ମୋଦିଙ୍କ ଜୀବନୀ ଉପରେ ଫିଲ୍ମ ପ୍ରଦର୍ଶିତ କରାଯିବ। ୧୯ରୁ ୨୭ ଯାଏ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ପାଠାଗାର ଓ ପଞ୍ଚାୟତ ଭବନରେ ମୋଦିଙ୍କ ଜୀବନୀ ଉପରେ ପୁସ୍ତକ ବଣ୍ଟାଯିବ। ୨୧ରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ ହେବ। ୨୫ ଏବଂ ୨୬ରେ ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ଦିବ୍ୟାଙ୍ଗଙ୍କୁ ସମ୍ମାନିତ କରାଯିବ। ଅକ୍ଟୋବର ୨ରେ ମହାତ୍ମା ଗାନ୍ଧୀ ଏବଂ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅନୁଷ୍ଠିତ ହେବ ବୋଲି ଯତୀନ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ କଲରାପତରିଆ ବାଘଛାଲ ଜବତ, ୪ ଗିରଫ

ରାୟଗଡ଼ା,୧୯(ଆଶିଷ ରଞ୍ଜନ ପଣ୍ଡା)

ପଡ଼ୋଶୀ ଗଜପତି ଜିଲାରୁ ରାୟଗଡ଼ା ଜିଲା ଦେଇ ମହାରାଷ୍ଟ୍ରକୁ ବାଘଛାଲ ଚାଲାଣବେଳେ ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ ୪ଜଣଙ୍କୁ ଗିରଫ କରିଛି। ବନ ବିଭାଗ ସମସ୍ତ ଅଭିଯୁକ୍ତଙ୍କୁ ରବିବାର ରାତିରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୨ଟି କଲରାପତରିଆ ବାଘ ଚମଡ଼ା ଜବତ କରାଯାଇଛି। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ମହାରାଷ୍ଟ୍ରର ମୋତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜ କୁମାର ଗୁପ୍ତା ଏବଂ ଅନ୍ୟ ଦୁଇଜଣ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ଥାନା ଅଧୀନ ଅଞ୍ଜରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ଗୁଣପୁର ଥାନା ଅଧୀନ ମାଛଖୁଣ୍ଟି ଗ୍ରାମର ମହେଶ ହୁଇକା ବୋଲି ଜଣାପଡ଼ିଛି। ଚଢ଼ାଉ ସମୟରେ ଏସିଏଫ୍ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ରେଞ୍ଜର କାମେଶ୍ୱର ଆଚାରି, ଫରେଷ୍ଟର ଗୌରୀ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

ବନ ବିଭାଗ ସୂଚନା ଅନୁସାରେ, ଜିସୟ ଓ ମହେଶ ବାଘ ଚମଡ଼ାକୁ ବିକ୍ରି କରିବା ପାଇଁ ପ୍ରଭାକର ଓ ରାଜଙ୍କ ସହିତ ଯୋଗାଯୋଗରେ ରହିଥିଲେ। ବାଘଛାଲ କାରବାର ବିଷୟରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭିନ୍ୟୁ ବିଭାଗ ଜାଣିପାରି ରାୟଗଡ଼ା ବନ ବିଭାଗର ସହାୟତାରେ ଏହି ବାଘଛାଲ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଥିଲା। ଦୁଇ କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲାରୁ ଆଣି ମହାରାଷ୍ଟ୍ର ଚାଲାଣ ପାଇଁ ଯୋଜନା ହୋଇଥିଲା। ଉକ୍ତ ଦୁଇ ବାଘର ବୟସ ପ୍ରାୟ ୫ରୁ ୭ବର୍ଷ ହୋଇଥିବା ନେଇ ଅନୁମାନ କରାଯାଉଛି। ତେବେ ଏହି ବାଘ ଚମଡ଼ା କେଉଁଠାରୁ ଆସିଛି ତାହାର ତଦନ୍ତ ଚାଲିଛି ବୋଲି ଏସିଏଫ୍ ପ୍ରଧାନ



ଜବତ ବାଘଛାଲ ସହ ଗିରଫ ୪ ଅଭିଯୁକ୍ତ।

**ଗଜପତିରୁ ମହାରାଷ୍ଟ୍ର ଚାଲାଣ ଯୋଜନା ଥିଲା**

ସୂଚନା ଦେଇଛନ୍ତି। ୨୦୨୩ ନଭେମ୍ବର ୮ ତାରିଖରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ତାମ୍ପରାବୁଡୁଣିଠାରେ ଅନୁରୂପ ୨ କଲରାପତରିଆ ବାଘ ଛାଲ ଜବତ ସହ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିଥିଲା।

ସୂଚନାଯୋଗ୍ୟ, ୨୦୧୭ରେ ହୋଇଥିବା ହାତୀ ଓ ବ୍ୟାଘ୍ର ଗଣନା ଅନୁସାରେ ଜିଲାର ୩ଟି ରେଞ୍ଜ ଗୁଡ଼ାରି, ମୁନିଗୁଡ଼ା ଓ କଲ୍ୟାଣସିଂହପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ମୋଟ ୧୬ ହାତୀ ଓ ୬ଟି କଲରାପତରିଆ ବାଘ ଥିଲେ। ତେବେ ଏସିଏଫ୍ ଅଶୋକ ପ୍ରଧାନଙ୍କ ସୂଚନା ଅନୁସାରେ ୨୦୨୩-୨୪ ଗଣନା ଅନୁସାରେ ଜିଲାରେ କୌଣସି ବାଘ ରହିଥିବା ନେଇ ଜଣାପଡ଼ି ନ ଥିଲା। ପଡ଼ୋଶୀ କଳାହାଣ୍ଡି ଓ କନ୍ଧମାଳ ଜିଲାରୁ ସମୟ ସମୟରେ ହାତୀ ଖାଦ୍ୟ ଅନ୍ୱେଷଣରେ ରାୟଗଡ଼ା ଜିଲା ଜଙ୍ଗଲରେ ମଧ୍ୟରେ ପ୍ରବେଶ କରୁଥିବା ନଜିର ରହିଛି।

# ପରକୀୟା ପ୍ରୀତି ସନ୍ଦେହରେ ଗୁଳିମାଡ଼, ଜଣେ ଗୁରୁତର

ଅନୁଗୋଳ,୧୯(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅଞ୍ଚଳର ଏକ ଦଳିତ ବସ୍ତିରେ ପରକୀୟା ପ୍ରୀତି ସନ୍ଦେହରେ ସୋମବାର ଗୁଳିମାଡ଼ ହୋଇଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବାବେଳେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁଳିମାଡ଼ର ଶିକାର ହୋଇଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହ ଗୁଳିମାଡ଼ କରିଥିବା ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଗୁଳିମାଡ଼ର ଶିକାର ଅଭିଯୋଗକାରୀଙ୍କ ସ୍ତ୍ରୀ ଗତ ୧୨ ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡେ ଚାଲିଯାଇଛନ୍ତି। ତେଣୁ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ଲୁଚାଇ ରଖିଥିବା ଅଭିଯୋଗକାରୀ କହିବା ପରେ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଏକ ବନ୍ଧୁକ ଆଣି ଗୁଳି ଚଳାଇଥିଲେ। ଫଳରେ ଅଭିଯୋଗକାରୀଙ୍କ ଡାହାଣ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଥିଲା। ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଆଠମଲ୍ଲିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସନ୍ଧ୍ୟା ସୁଦ୍ଧା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଅପହରଣ ବେଳେ ୬ଷ୍ଠ ଶ୍ରେଣୀ ଛାତ୍ରୀ ଉଦ୍ଧାର

ବଇଣ୍ଡା, ୧୯
(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ସୋମବାର ଜଣେ ଯୁବକ ଅପହରଣ କରି ନେଉଥିବା ବେଳେ ଲୋକେ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତା ଛାତ୍ରୀଙ୍କୁ ଅଭିଯୁକ୍ତ ଯୁବକ ବିଭିନ୍ନ ଲୋଭ ଦେଖାଇ ବସ୍‌ରେ କେଉଁଆଡ଼େ ନେଇଯାଉଥିଲେ। ହେଲେ ବସ୍ ଭିତରେ ଛାତ୍ରୀ ଜଣକ କାନ୍ଦିବାରୁ ଜରପଡ଼ା ଥାନା ମୁଣ୍ଡାସାହି ନିକଟରେ ସ୍ଥାନୀୟ ଲୋକେ ବସ୍‌ରୁ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ସେ ଘର ଠିକଣା କହିବା ପରେ ଉଦ୍ଧାରକାରୀମାନେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ଠାକୁରଗଡ଼ ଥାନାରେ ଅଭିଯୋଗ କରାଯାଇଛି। ହେଲେ ଠାକୁରଗଡ ଆଇଆଇସି ଶଶୀ ଭୂଷଣ ବେହେରା କହିଛନ୍ତି, ପରିବାର ଲୋକେ ଥାନାକୁ ଆସିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ।


**ପ୍ରଥମ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀୟାନ୍ ସ୍ୱାଇଁ (ଶୁଭମ୍)**
ଖଣ୍ଡୋଳ, ଇବ୍ରିସିଂହ, ଜଗତ୍‌ସିଂହପୁର

ଆଜି ପ୍ରଥମ ଜନ୍ମବାର୍ଷିକୀ ଉତ୍ସବରେ ତୁମ ଚଲାପଥ କୁସୁମିତ କରି ଭବିଷ୍ୟତ ଉଜ୍ଜ୍ୱଳ ସହ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତ୍ ଜନନୀ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ : ବାବା, ମାମା, ଅମୁ ଦାଦା, ବସନ୍ତବୋଉ, ମିନାମାଆ, ପ୍ରଫୁଲ୍ଲଜେଜେ, ମାନୁନାନା, ବିରଜାପିଉସା, ଅଜା, ଆଇ, ପିହୁଦିଦି, ଅଂଶୁଭାଇ, ମାମୁ, ମାଇଁ, ଗେଲହୁନାନା, ଲଭ୍‌ଲିନାନା, ତ୍ରିଶାନାନା, ବନ୍ଧୁ ଓ ପରିବାରବର୍ଗ।

ଧ-୧୮୨୬


# ମହିଳା ବିକୁଥିଲେ ଗଞ୍ଜେଇ ସିଗାରେଟ୍

**ଭୁବନେଶ୍ୱର,୧୯(ସତ୍ୟଜିତ୍ ରାଉତ):** ନୟାପଲ୍ଲୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ପାଚେରି ପାର୍ଶ୍ୱରେ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଥିବାବେଳେ ସୋମବାର ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସାବିତ୍ରୀ ବେହେରା(୫୩)। ତାଙ୍କଠାରୁ ୧୧୦ଟି ଗଞ୍ଜେଇ ସିଗାରେଟ୍ ଜବତ କରାଯାଇଛି। ଏନେଇ ନୟାପଲ୍ଲୀ ଥାନା ପକ୍ଷରୁ ମାମଲା (ନଂ.୫୦୧/୨୦୨୫) ରୁଜୁକରାଯାଇ ସାବିତ୍ରୀଙ୍କୁ କୋର୍ଟ ଚାଲାଣ କରାଯିବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ତାଙ୍କ ନାଁରେ ନୟାପଲ୍ଲୀ ଥାନାରେ ୨ଟି ନିଶା କାରବାର ମାମଲା ରହିଛି।

# ଦୁଇ ବ୍ରାଉନ୍‌ସୁଗାର ବେପାରୀ ଗିରଫ, ବନ୍ଧୁକ ଜବତ



ପୋଲିସ ହେପାଜତରେ ଗିରଫ ଦୁଇ ବ୍ରାଉନ୍ ସୁଗାର ବେପାରୀ।

**ଅପରେଶନ ପ୍ରହାର**

ଭୁବନେଶ୍ୱର,୧୯(ସତ୍ୟଜିତ୍ ରାଉତ)

ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଓଡ଼ିଶା ପୋଲିସ ଅପରେଶନ ପ୍ରହାର ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ନେଉଛି। ଭୁବନେଶ୍ୱର ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସେକ୍ ମାସୁମ୍ ଓ ଛୋଟୁ ମଣ୍ଡଳ। ପ୍ରଶାନ୍ତି ବିହାର ଅଞ୍ଚଳର ଚିରଗାଲଟୋଲା ବସ୍ତିରେ ପୋଲିସ ଚଢ଼ାଉ କରି ଉଭୟଙ୍କୁ କାବୁ କରିଛି। ସେମାନଙ୍କଠାରୁ ୪୫ଗ୍ରାମ୍‌ର ବ୍ରାଉନ୍‌ସୁଗାର, ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ, ୪ ରାଉଣ୍ଡ ଜୀବନ୍ତ ଗୁଳି ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଏନେଇ ଇନ୍‌ଫୋସିଟି ଥାନା ପକ୍ଷରୁ ଏକ ମାମଲା(ନଂ.୪୧୬/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାସୁମ୍‌ଙ୍କ ନାଁରେ ବିଭିନ୍ନ ଥାନାରେ ୮ଟି ମାମଲା ଏବଂ ଛୋଟୁଙ୍କ ନାଁରେ ୩ଟି ମାମଲା ରହିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୋଲିସ ଟିମ୍ ଦିନ ପ୍ରାୟ ୧ଟା ୩୦ ମିନିଟରେ ଚିରଗାଲଟୋଲା ବସ୍ତିସ୍ଥିତ ମାସୁମ୍‌ଙ୍କ ଘରେ ଚଢ଼ାଉ କରିଥିଲା। ସେଠାରେ ଛୋଟୁ ଥିବାବେଳେ ଉଭୟଙ୍କୁ କାବୁ କରାଯାଇଥିଲା। ଅପରେଶନ ପ୍ରହାର ଅଭିଯାନ ଦ୍ୱାରା ନିଶା କାରବାର ରୋକାଯାଇପାରିବ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି।

# ଚୋର ଗ୍ୟାଙ୍ଗ୍ ଠାବ, ୫ ଗିରଫ

ବାସୁଦେବପୁର,୧୯(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

**୭ ବାଇକ୍, ୪ ବ୍ୟାଟେରି ସହ ୨ ଇନ୍‌ଭର୍ଟର ଜବତ**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ସୋମବାର ଏକ ଚୋର ଗ୍ୟାଙ୍ଗକୁ ଠାବ କରିଛି। ଏହି ଗ୍ୟାଙ୍ଗ୍‌ର ୫ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୭ ବାଇକ୍, ୪ ବ୍ୟାଟେରି ସହ ୨ ଇନ୍‌ଭର୍ଟର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନାୟକାଣିଡିହୀ ଥାନା ଅଧୀନ ରାଇପୁର ଗ୍ରାମର ତପନ କୁମାର ବେହେରା(୩୩), ବୀଣାଦଣ୍ଡାର ପ୍ରଦୀପ ମହାନ୍ତି(୩୨), ମାଛୁଆଘାଇର ଉମାକାନ୍ତ ବନ୍ଧ (୩୨), ରାଜଘରପୋଖରୀର ଧନଞ୍ଜୟ ନାୟକ(୨୮) ଓ ବ୍ରଜାନନ୍ଦପୁରର ପ୍ରଫୁଲ୍ଲ ସେଠୀ(୩୮)। ସେମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଆପରାଧିକ ମାମଲା ରହିଥିବା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଦ୍ରକ ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ନାୟକାଣିଡିହୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, ଏସ୍‌ଆଇ ସୁରେନ୍ଦ୍ର କୁମାର ମଲ୍ଲ, ଏଏସ୍‌ଆଇ ସୁନୀତା ହେମ୍ବ୍ରମ, ଅନିଲ ସେଠୀ, କନ୍‌ଷ୍ଟେବଲ ସରୋଜ ନାୟକ



ଜବତ ହୋଇଥିବା ବାଇକ୍, ଇନ୍‌ଭର୍ଟର ଓ ବ୍ୟାଟେରି।

ଓ ଉମେଶ ନାୟକଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋର ଗ୍ୟାଙ୍ଗକୁ ଧରିଛି ବୋଲି ଏସ୍‌ଡିପିଓ କହିଛନ୍ତି। ପ୍ରକାଶଥାଉ କି, ଗତ ଜୁଲାଇ ୨୪ରେ ରାଜଘରପୋଖରୀ ହାଇସ୍କୁଲରୁ ୪ଟି ଇନ୍‌ଭର୍ଟର ବ୍ୟାଟେରି ଚୋରି ହୋଇଥିଲା।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

Commercial cum residential plot, gharabari with compound wall touching to N.H.- 316 road (Nakhara to Niali) 10 KM from Nakhara & 15 KM to BBSR 80X30=2400sft. high land from road level @2500/- pervsft. 7809525452. D-76487

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

Gharabari plot 2000sqft. near Lingaraj Temple, direct owner with boundarywall, No Litigation. Phone- 9178924698. D- 1689

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781




Newly open health benefits SPA by expert therapist. Contact- 8280961126. D-76935

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1127, date 08.08.25, I Sohani Mahapatra, D/o- Aswini Kumar Mahapatra, R/o- Boudh Town (Brahminsahi), P.O./ P.S./Dist.- Boudh, Odisha, PIN- 762014 declare that I have changed my name from Suhani Mahapatra to Sohani Mahapatra. Henceforth, I shall be known as Sohani Mahapatra for all purposes.
Sohani Mahapatra D-1825

I, Srikant Kumar Sethi, S/o- Karunakar Sethi, Resident of Qr. No.- B-695, Sector-2, Saraswati Vihar, Nalco Township, Damanjodi, Dist.- Koraput, PIN- 763008, Odisha declare by this affidavit Cf No.- 11, dtd. 01.09.2025 that now onwards I shall be known as Srikanta Kumar Sethi for all future purposes. D-1824

I, Sashi Bhusan Majhi, S/o- Krushna Chandra Majhi, At/ P.O.- Dengapadar, Via- Mirganguda, Dist.- Koraput, Odisha- 764063 solemnly declare that I have changed my minor son's name "JAYATIRANJAN MAJHI" to "JYOTIRANJAN MAJHI" on dated 11.08.2025 before Notary Public, Borigumma. Henceforth, JAYATIRANJAN MAJHI shall be known as "JYOTIRANJAN MAJHI" for all future purposes. D-1829

By virtue of an affidavit No.- 2334, sworn before the Executive Magistrate, Bari dated 26.08.2025, I, Sagar Ranjan Swain, S/o- Khageswara Swain, permanent resident of Vill/P.O.- Balibil, P.S.- Bari Ramachandrapur, Dist.- Jajpur, declare that I have changed my name from Sagar Ranjan Swain to Sagara Ranjan Swain. Henceforth, I shall be known as Sagara Ranjan Swain for all purpose. D-1828


# ହ୍ୟୁଜ୍ ଆପ୍‌ରେ ୧୬ ଲକ୍ଷ ଠକେଇ

କଟକ,୧୯(କାର୍ତ୍ତିକ ସାହୁ)

**ବାଲେଶ୍ୱରରୁ ଗିରଫ ହେଲେ ଅଭିଯୁକ୍ତ**

ଏକ ଠକେଇ ମାମଲାରେ କଟକ ସାଇବର ଥାନା ପୋଲିସ ଜଣଙ୍କୁ ବାଲେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅନ୍ତର୍ଗତ ଦାସିସାହାଡ଼ା ଗ୍ରାମର ପାର୍ଥ ସାରଥି ଦାସ (୬୪)। ତାଙ୍କ ନିକଟରୁ ୩ଟି ମୋବାଇଲ ଫୋନ୍, ୬୮,୦୦୦ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏଥିସହ ୨.୫୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଅଚଳ କରିଦିଆଯାଇଛି।

ଦରଘାବଜାର ଥାନା ଅନ୍ତର୍ଗତ କଦମ ରସୁଲ ବାସିନ୍ଦା ମିର୍ଜା ଅଦିଲ ବେଗ (୪୫)ଙ୍କ ଅଭିଯୋଗ ଅନୁଯାୟୀ, ମୋବାଇଲ୍ ହ୍ୟୁଜ୍ ଆପ୍ ଗତ ୨ ମାସ ଧରି ଉପଲବ୍ଧ ହୋଇଛି। ଏହି ଆପ୍ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ ଲୋକ ପଞ୍ଜୀକରଣ ଦେୟ ୧୬,୫୦୦ ଟଙ୍କା ଜମା କରି ପଞ୍ଜୀକୃତ ହୋଇଛନ୍ତି। ଏ ବାବଦରେ ପ୍ରାୟ ୧୬ ଲକ୍ଷ ଟଙ୍କାର ଠକେଇ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ଆପ୍‌ରୁ କେତେଜଣ ଲୋକ ଲାଭବାନ ହୋଇଛନ୍ତି। ଫଳରେ ଅନ୍ୟମାନେ ଏଥିରେ ଭରସା କରି ଯୋଡ଼ି ହୋଇଥିଲେ। ହ୍ୟୁଜ୍ ଆପ୍ ଅଫିସ ବାଦାମବାଡ଼ି ନିଉ କଲୋନୀ ସ୍କୁଲ ସାମ୍ନାରେ ରହିଥିଲା। ଏହାର ପ୍ରମୋଟର ଭାବେ ପାର୍ଥ ସାରଥି ରହିଥିଲେ। ତେବେ ଗତ ଅଗଷ୍ଟ ୧୫ରେ କେତେଜଣ ବ୍ୟକ୍ତି ଅର୍ଥ ଫେରାଇବା ପାଇଁ କହିଥିଲେ। ମାତ୍ର ସେମାନଙ୍କୁ ବାର୍ଷିକ ଦେୟ ବାବଦରେ ୪,୯୫୦ ଟଙ୍କା ଦେବାକୁ କୁହାଯାଇଥିଲା। ବହୁ ବ୍ୟକ୍ତି ଆପ୍ ମାଧ୍ୟମରେ ଏହି ଦେୟ ଦେଇଥିଲେ। ମାତ୍ର ଅଗଷ୍ଟ ୧୯ରେ ଆପ୍ ହଠାତ୍ ବନ୍ଦ ହୋଇଯାଇଥିଲା। ଅର୍ଥ ନିବେଶ କରିଥିବା ଲୋକମାନେ ଯେତେ ଚେଷ୍ଟା କଲେ ବି ତାହା ଆଉ ଖୋଲି ନ ଥିଲା। ଫଳରେ ଲୋକମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଠକେଇ ଶିକାର ହୋଇଥିବା ଲୋକମାନେ ସାଇବର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ସାଇବର ଥାନାରେ ମାମଲା (ନଂ. ୬୨/୨୦୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।




ଗିରଫ ପାର୍ଥ ସାରଥି ଦାସ।

# ରାସ୍ତାରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ବେଲପାହାଡ଼, ୧୯(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅନ୍ତର୍ଗତ ବତଲଗା ଗ୍ରାମର ବିଲ ନିକଟ ରାସ୍ତାରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ସୋମବାର ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଲିଲିମା ମିର୍ଦ୍ଧା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଲିଲିମା ୨୦୦୪ରେ ସମ୍ବଲପୁର ଜିଲାର ଗୁରୁପାଲି ଗ୍ରାମରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ଓ କନ୍ୟା ସନ୍ତାନ ଅଛନ୍ତି। ପ୍ରାୟ ୭/୮ ବର୍ଷ ହେବ ପାରିବାରିକ ବିବାଦ କାରଣରୁ ବିବାହ ବିଚ୍ଛେଦ ହେବା ପରେ ସେ ବାପଘରକୁ ଚାଲିଆସିଥିଲେ। ହେଲେ ମା'ବାପା ନ ଥିବାରୁ ସେ ଦାଦା, ଖୁଡ଼ୀଙ୍କ ଘରେ ରହୁଥିଲେ। ଏଥିସହ ବନହରପାଲିଠାରେ ଥିବା ଏକ କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ରବିବାର ଡ୍ୟୁଟି ସାରି ଘରକୁ ଆସିବା ପରେ ରାତି ପ୍ରାୟ ୮ଟାରେ ପ୍ଲାଷ୍ଟିକ୍ ବାଲ୍ଟି ଧରି ଶୌଚ ପାଇଁ ବାହାରକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସୋମବାର ସକାଳେ ଦାଦାପୁଅ ଭାଇ କିଶୋର ବିଲ ପଟକୁ ଯାଇ ଦେଖିଲା ବେଳକୁ ରାସ୍ତା ମଝିରେ ଲିଲିମାଙ୍କ ମୃତଦେହ ପଡ଼ିଛି। ଏଥିସହ ତାଙ୍କର ଗୋଡ଼ ପାଖରେ ବାଲ୍ଟିରେ ପାଣି ଥିବା ଦେଖିଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ କିଶୋର କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା ଅଧିକାରୀ ରଞ୍ଜିତ୍ ନାଏକ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳେଇ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ତଦନ୍ତ କରିଛନ୍ତି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଧାନ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ।

# ସ୍ଲିଭ୍ ଲେସ୍ ଫ୍ୟାଶନ

**ଫ୍ୟାଶନ ଦୁନିଆରେ ସ୍ଲିଭ୍ ଲେସ୍ ବ୍ଲାଉଜ୍ ସବୁ ସମୟରେ ଏକ ଷ୍ଟାଇଲ୍ ଆଇକନ୍‌ଭାବେ ରହିଛି। ଏହା ମର୍ଡନ ଲୁକ୍ ଦେବା ସହ ପାରମ୍ପରିକ ବେଶଭୂଷାରେ ବି ଏକ ଖାସ୍ ଆକର୍ଷଣ ଦେଇଥାଏ। ତେବେ କେଉଁ ପ୍ରକାର ବଡି ଟାଇପ୍ ନିମନ୍ତେ କିଭଳି ସ୍ଲିଭ୍‌ଲେସ୍ ଚୟନ କରିବେ ସେସମ୍ପର୍କରେ ଜାଣନ୍ତୁ।**



←ଶାରୀରିକ ଗଠନ ବା ବଡି ଟାଇପ୍ ଅନୁସାରେ ଅଲଗା ପ୍ରକାର ସ୍ଲିଭ୍ ଲେସ୍ ବ୍ଲାଉଜ୍ ଚୟନ କରନ୍ତୁ, ନଚେତ୍ ଆଉଟ୍‌ଫିଟ୍ ଭଲ ଲାଗିବ ନାହିଁ।

←କମ୍ ହାଇଟ୍ ମହିଳା ସ୍ଲିଭ୍ ଲେସ୍ ବ୍ଲାଉଜ୍ ପିନ୍ଧିବାକୁ ଚାହୁଁଥିଲେ ପତଳା ଷ୍ଟ୍ରେପ୍ ବାଛନ୍ତୁ। ଏହା ବ୍ୟତୀତ ଡିପ୍ ନେକ୍‌ଲାଇନ ଥିବା ବ୍ଲାଉଜ୍ ସେମାନଙ୍କ ହାଇଟ୍‌କୁ ସାମାନ୍ୟ ଅଧିକ ଦେଖାଇବାରେ ସାହାଯ୍ୟ କରିବ। ହେଭି ୱାର୍କ ଥିବା ବ୍ଲାଉଜ୍ ପିନ୍ଧନ୍ତୁ ନାହିଁ।

←କର୍ଭି ଟାଇପ୍ ମହିଳା ସବୁବେଳେ ଫିଟିଂ ସ୍ଲିଭ୍‌ଲେସ୍ ବ୍ଲାଉଜ୍ ଡିଜାଇନ୍ କରନ୍ତୁ। ଏହା ସହ ବ୍ରଡ୍ ଷ୍ଟ୍ରେପ୍ ଓ ହାଇ ନେକ୍‌ଲାଇନ ଡିଜାଇନ ସେମାନଙ୍କୁ ଏକ ସୁନ୍ଦର ଲୁକ୍ ଦେବ। ତେବେ ଆର୍ମହୋଲ୍ ଡିପ୍ କରନ୍ତୁ ନାହିଁ। ଏହା ଫଳରେ ଅଣ୍ଡରଆର୍ମ ଫ୍ୟାଟ୍ ଦେଖାଯିବ।

←ପିୟର ଶେପ୍ ମହିଳାଙ୍କ ପାଇଁ ହାଲ୍ଟର ନେକ୍ ଓ ଅଫ୍ ସୋଲ୍ଡର ଡିଜାଇନ ସୁନ୍ଦର ବିକଳ୍ପ ହୋଇପାରିବ। ସ୍ଲିଭ୍‌ଲେସ୍ ବ୍ଲାଉଜ୍‌ରେ ଅପର ବଡି ଉପରେ ଫୋକସ୍ ରହୁଥିବାରୁ ଅଧିକ କାମଥିବା ଡିଜାଇନ ପିନ୍ଧନ୍ତୁ।

←ଯେଉଁମାନଙ୍କର ବଡି ଟାଇପ୍ ଆପଲ ଶେପ୍ ହୋଇଥାଏ ସେମାନେ ପ୍ଲଞ୍ଜିଂ ନେକ୍‌ଲାଇନ ଥିବା ସ୍ଲିଭ୍‌ଲେସ୍ ବ୍ଲାଉଜ୍ ଚୟନ କରନ୍ତୁ। ଏହା ଫଳରେ ଆପଣଙ୍କ ବେକ ତଳକୁ ଲମ୍ୱା ଦେଖାଯିବ। ଷ୍ଟ୍ରେପ୍ ଚଉଡ଼ା ହେଲେ ଏକ ସୁନ୍ଦର ଲୁକ୍ ପାଇପାରିବେ।

←ଆପଣଙ୍କର ବଡି ଟାଇପ୍ ଯଦି ଅଧିକ ଲମ୍ୱା ହୋଇଥାଏ, ତେବେ ବୋଟ୍ ନେକ୍ ବା ହାଇ ନେକ୍ ସ୍ଲିଭ୍ ଲେସ୍ ବ୍ଲାଉଜ୍ ଅଧିକ ସୁନ୍ଦର ଲାଗିବ। ଡିଜାଇନ ନେକ୍‌ଲାଇନ ବ୍ଲାଉଜ୍ ଫିଗରକୁ କର୍ଭି ଦେଖାଇବାରେ ସାହାଯ୍ୟ କରିଥାଏ। ଗାଢ଼ ରଙ୍ଗର ବ୍ଲାଉଜ୍ ପିନ୍ଧନ୍ତୁ ଏକ ସୁନ୍ଦର ଲୁକ୍ ମିଳିବ।

# ବଡି ସେମିଂ

**ବିଭିନ୍ନ ପ୍ରକାର ଦାୟିତ୍ୱ ଓ କାମର ଚାପରେ ବିବାହ ପରେ ନିଜ ଲୁକ୍ ନେଇ ଏତେଟା ଧ୍ୟାନ ଦେଇପାରନ୍ତି ନାହିଁ ମହିଳା। ଫଳରେ ସେମାନଙ୍କ ଶାରୀରିକ ଗଠନରେ ଅନେକ ପରିବର୍ତ୍ତନ ଦେଖାଦିଏ। ଯାହାଦ୍ୱାରା ଅନେକ ସମୟରେ ସେମାନଙ୍କୁ ବଡି ସେମିଂର ବି ସାମ୍ନା କରିବାକୁ ପଡିଥାଏ। ଏମିତିରେ ମାନସିକ ସ୍ତରରେ ଦୁର୍ବଳ ନ ହୋଇ ନିଜ ଫିଗର ଓ ପର୍ସନାଲିଟି ମେଣ୍ଟେନ କରିବା ନିମନ୍ତେ ପ୍ରୟାସ ଦରକାର...**

ସୌନ୍ଦର୍ଯ୍ୟକୁ ନେଇ ପ୍ରଶଂସା ଶୁଣିବାକୁ ଭଲପାନ୍ତି ମହିଳା। ସେଥିପାଇଁ ତ ଶୋଳ ଶୃଙ୍ଗାରଠୁ ଆରମ୍ଭକରି କେତେ କ'ଣ ଷ୍ଟାଇଲ୍‌କୁ ଆପଣାଇଥାନ୍ତି। ହେଲେ ବିବାହ ପରେ ମହିଳାଙ୍କର ଅନେକ ପ୍ରକାର ଶାରୀରିକ ପରିବର୍ତ୍ତନ ହୋଇଥାଏ। ବିଶେଷକରି ପ୍ରସବ ପରେ ଏହା ଅଧିକ ଜଣା ପଡ଼ିଥାଏ। ତେଣୁ ଠିକ୍ ସମୟରେ ସଚେତନ ନ ହେଲେ ଶାରୀରିକ ଗଠନରେ ଯେଉଁ ପରିବର୍ତ୍ତନ ଆସେ ସେଇ ଲୁକ୍‌କୁ ନେଇ ସନ୍ତୁଷ୍ଟ ହୋଇପାରନ୍ତି ନାହିଁ। ଅନେକ ସମୟରେ ସେମାନଙ୍କୁ ବଡି ସେମିଂର ବି ସାମ୍ନା କରିବାକୁ ପଡିଥାଏ। ବିଭିନ୍ନ ପ୍ରକାରର ଆଧୁନିକ ଉପାୟ ଆପଣାଇ ନିଜ ବୟସକୁ ଲୁଚାଇ ସୌନ୍ଦର୍ଯ୍ୟ ଅକ୍ଷୁର୍ଣ୍ଣ ରଖିବାର ଅଭିଳାଷ ରଖିଥାନ୍ତି। ଅନେକେ ଆଧୁନିକ ମହିଳା ଏ ଦିଗରେ ଏତେ ସଫଳ ହୋଇଥାନ୍ତି ଯେ ବିବାହିତ ପରିଚୟକୁ ମଧ୍ୟ ଲୁଚାଇବାରେ ସକ୍ଷମ ହୋଇଥାନ୍ତି। ଅପରପକ୍ଷରେ ବିବାହ ପରେ ଯେଉଁମାନଙ୍କର ସୌନ୍ଦର୍ଯ୍ୟ ପ୍ରଭାବିତ ହୋଇଥାଏ ସେମାନେ ନିଜ ଲୁକ୍ ଠିକ୍ କରିବା ପ୍ରୟାସରେ ଢେର୍ ଚିନ୍ତିତ ହୋଇ ପଡ଼ନ୍ତି। କେହି କେହି ଏଥିପାଇଁ ଜିମ୍ ଯିବା, ଡାଏଟିଂ କିମ୍ବା ଯୋଗ ଆଦି କରନ୍ତି। ଯାହା ବି ହେଉ ଲୁକ୍ ଯେମିତି ଖରାପ ନ ହେବ ସେଥିପାଇଁ ସେମାନେ ଅଧିକ ସଚେତନ ହୋଇପଡନ୍ତି।

ସଫଳତା ପାଇଁ ସୁନ୍ଦର ଲୁକ୍ ଅନ୍ୟତମ ଆବଶ୍ୟକତା ମଧ୍ୟରୁ ଗୋଟିଏ କହିଲେ ଭୁଲ୍ ହେବ ନାହିଁ। କାହିଁକିନା ସୌନ୍ଦର୍ଯ୍ୟର ଏକ ବିଶେଷ ପ୍ରଭାବ ବି ରହିଛି। କ୍ଷଣିକ ହେଉ ବା କିଛି ସମୟ ପାଇଁ ହେଉ ଏଥିପାଇଁ ଅନେକ ସଫଳତା ବି ହାସଲ କରିହୁଏ। ସବୁଠୁ ବଡ଼ କଥା ହେଉଛି ଲୁକ୍ ଠିକ୍ ଥିବାର ଅନୁଭବ କଲେ ଆତ୍ମବିଶ୍ୱାସ ବଢ଼ିଥାଏ। ଆଉ ଏହି ଭାବନା ହିଁ ସବୁ କାମ କରିବା ନେଇ ଏକ ସାହସ ସୃଷ୍ଟି କରିଥାଏ। ସବୁ କାମ କରିବା ପାଇଁ ମନରେ ଭିନ୍ନ ଏକ ଉତ୍ସାହ ଆସିଥାଏ। ଘରେ ହେଉ କି ବାହାରେ ଅବା ଅଫିସ୍ ପ୍ରତ୍ୟେକ ସ୍ଥାନରେ ଲୁକ୍ ପାଇଁ ସମସ୍ତଙ୍କ ପାଖରେ ସୃଷ୍ଟି ହୋଇଥାଏ ଫାଷ୍ଟ ଇମ୍ପ୍ରେସନ୍। ଅନ୍ୟମାନଙ୍କ ପାଖରେ ନିଜର ଏକ ଛବି ସୃଷ୍ଟି ହୋଇଥାଏ, ଯାହା ଢେର ଦିନ ରହିଥାଏ। ତେଣୁ ଲୁକ୍‌ର ଏକ ପ୍ରଭାବ ରହିଛି ଏକଥାକୁ ଅସ୍ୱୀକାର କରି ହେବନାହିଁ।

ଅଫିସ୍‌ରେ ମଧ୍ୟ ଲୁକ୍ ପାଇଁ ଏକ ସ୍ୱତନ୍ତ୍ର ଇମେଜ୍ ସୃଷ୍ଟି ହୋଇଥାଏ, ଯାହା ପ୍ରଫେସନାଲ କ୍ୟାରିୟରରେ ପ୍ରଭାବ ପକାଇଥାଏ। ନିଜକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରିବାର ଏହା ଏକ ମାଧ୍ୟମ ହୋଇଥାଏ।











## ଏମାନେ କ'ଣ କରନ୍ତି

### ପ୍ରୟାସ ଜାରି ରହିଛି



ବିବାହର ଠିକ୍ ବର୍ଷେ ପରେ ମୁଁ ଟିକେ ମୋଟା ହୋଇଥିଲି। କିଛିଦିନ ପରେ ବହୁତ ମୋଟା ହୋଇଗଲି ଓ ମୋ ପେଟରେ ମଧ୍ୟ ଚର୍ବି ବଢ଼ିଯାଇଥିଲା। ଏଥିପାଇଁ ବହୁ ଖରାପ ଲାଗୁଥିଲା। ପେଟ କମ୍ କରିବା ପାଇଁ ପ୍ରଥମେ ଏକ ବେଲ୍ଟ ଆଣି ପିନ୍ଧିଲି, କିନ୍ତୁ ସେମିତି କିଛି ପ୍ରଭାବ ଦେଖାଗଲାନାହିଁ। ତା' ପରଠାରୁ ଖାଇବା ଟିକେ ନିୟନ୍ତ୍ରଣ କଲି ଆଉ କିଛି ସମୟ ପାଇଁ ଯୋଗ କଲି। ତାହା ବି ଏତେ ଶୀଘ୍ର କିଛି ଆଖିଦୃଶିଆ ଚେଞ୍ଜ ଭଳି ମନେହେଲାନାହିଁ। ଏମିତି ବିଭିନ୍ନ ପ୍ରକାର ପ୍ରୟାସ କରିବା ପରେ ଏବେ କିଛି ମାତ୍ରାରେ ମୋ ଲୁକ୍ ସଜାଡ଼ିପାରିଛି। ହେଲେ ଆହୁରି ପର୍‌ଫେକ୍ଟ କରିବା ପାଇଁ ଏବେ ବି ପ୍ରୟାସ ଜାରି ରହିଛି।

*–**ପୁଷ୍ପାଞ୍ଜଳି କର,** କର୍ମଜୀବୀ, ହାଇଟେକ୍ ହସ୍ପିଟାଲ୍, ଭୁବନେଶ୍ୱର*

### ସ୍କିନ୍‌ର ଯତ୍ନ ନେଉଛି



ଲୁକ୍ ସଜାଡ଼ିବା ପାଇଁ ମୋ ପାଖରେ ଆଦୌ ସମୟ ନ ଥିଲା। ପିଲାଙ୍କ କାମ, ଘର କାମ ଆଉ ପାଠପଢାଇବା ଭିତରେ ସମୟ ବାହାର କରିବା କଷ୍ଟକର ହେଉଥିଲା। ହେଲେ ମୋଟାପଣ ପାଇଁ ଲୋକଙ୍କ କଥା ଶୁଣି ଖରାପ ଲାଗୁଥିଲା। ତେଣୁ ଏନେଇ ସଚେତନ ହେବାକୁ ବାଧହେଲି। ବହୁ କଷ୍ଟରେ କିଛି ସମୟ ବାହାରକରି ଏକ୍ସରସାଇଜ୍ କରୁଛି। ଖାଦ୍ୟ ବି ନିୟନ୍ତ୍ରଣ କରୁଛି। ବାହାରେ କିଣା ଖାଦ୍ୟ କିଛି ବି ଖାଉନାହିଁ। ଏହା ସହ ସ୍କିନ୍‌ର ଯତ୍ନ ନେବାକୁ ପାର୍ଲର ବି ଯାଉଛି। ଏମିତି ପ୍ରୟାସ ପରେ ମୋ ଲୁକ୍ ବଦଳାଇପାରିଛି।

*–**ଡ. ଦୀପ୍ତିପ୍ରଦା ଦାଶ,** ଅଧ୍ୟାପିକା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ*

### ଯୋଗ ଓ ଏକ୍ସରସାଇଜ୍ କରୁଛି



ବାହାଘର ପରେ ଲୁକ୍ ଖରାପ ହେଲେ ଚଳିବ ବୋଲି ସମସ୍ତେ କହନ୍ତି। ହେଲେ ପ୍ରକୃତ କଥା ହେଉଛି ମୋଟା ହୋଇଗଲା ପରେ ମନକୁ ଏମିତି କହି ବୁଝାଇବାକୁ ହୋଇଥାଏ। କିନ୍ତୁ ଲୁକ୍ ସଜାଡ଼ିବା ପାଇଁ ଅଧିକ ପରିଶ୍ରମ କରି ନ ପାରି ଏମିତି କହୁଥିଲି। ତା' ଛଡ଼ା ଖାଦ୍ୟ ନିୟନ୍ତ୍ରଣ କରିବା ମୋ ପାଇଁ ବହୁତ କଷ୍ଟ। ହେଲେ ବଡି ସେମିଂ ନେଇ ନେଗେଟିଭ୍ ଟିପ୍ପଣୀ ଶୁଣିବାକୁ ଭାରି ଖରାପ ଲାଗୁଥିଲା। ସେଥିପାଇଁ ବାଧହୋଇ ପତଳା ହେବାକୁ ପ୍ରଥମେ ହେଲ୍‌ଥ ଡ୍ରିଙ୍କ୍ ନେଲି। ଏସବୁ ଡ୍ରିଙ୍କ୍‌ରେ କିନ୍ତୁ ସାଇଡ୍‌ଇଫେକ୍ଟ ଅଛି ଜାଣିବା ପରେ ଏବେ ଏକ୍ସରସାଇଜ୍ କରୁଛି। ସବୁଦିନ ଅଧଘଣ୍ଟା ଚାଲିବା ପରେ ଅଳ୍ପ ଯୋଗ କରୁଛି।

*–**ପୁନମ୍ ତ୍ରିପାଠୀ,** କର୍ମଜୀବୀ, ସନ୍‌ସାଇନ୍ ହସ୍ପିଟାଲ, ଭୁବନେଶ୍ୱର*

# ଏମିତି ବଢ଼ାନ୍ତୁ ଦୃଷ୍ଟିଶକ୍ତି

**ପାଠପଢ଼ା ହେଉ କି ଅଫିସ ବିଭିନ୍ନ କାମ ପାଇଁ ଅଧିକ ସମୟ କମ୍ପ୍ୟୁଟର ଓ ମୋବାଇଲ୍ ଫୋନ୍ ବ୍ୟବହାର କରିବାକୁ ପଡୁଛି। ଫଳରେ ଆଖିର ବିଭିନ୍ନ ସମସ୍ୟା ଦେଖାଦେଉଛି। ତେବେ ଏହି ସମସ୍ୟାରୁ ରକ୍ଷାପାଇବା ପାଇଁ ଜାଣନ୍ତୁ କିଛି ସହଜ ଉପାୟ..**

❖ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ବ୍ଲିଙ୍କିଂ ଏକ୍ସରସାଇଜ୍ କରନ୍ତୁ। ଅର୍ଥାତ୍ ଶୀଘ୍ର ଶୀଘ୍ର ଆଖିର ପଲକକୁ ବାରମ୍ବାର ପକାନ୍ତୁ ଓ ଖୋଲନ୍ତୁ। ୧୦ ରୁ ୧୫ ଥର ଏପରି କଲେ ଆଖିର କୋମଳତା ଅକ୍ଷୁଣ୍ଣ ରହିବ। ଆଖି ଅଧିକ ଶୁଷ୍କ ହେବ ନାହିଁ।

❖ଦୁଇ ହାତର ପାପୁଲିକୁ ଜୋର୍‌ରେ ଘଷି ଗରମ କରନ୍ତୁ। ଏବେ ଏହି ହାତକୁ ଆଖି ବନ୍ଦ କରି ତା' ଉପରେ କିଛି ସମୟ ରଖନ୍ତୁ। ମଝିରେ ମଝିରେ ଆଖିର ଏପରି ଏକ୍ସରସାଇଜ୍ କରିବା ଫଳରେ ଆଖିକୁ ଆରାମ ମିଳିଥାଏ।

❖ଲମ୍ୱା ସମୟ ସ୍କ୍ରିନ୍ ଟାଇମ୍ ରହିବା ଫଳରେ ଆଖି ଥକିଯାଏ ଓ ଶୁଷ୍କତା ସହ ଆଖି ପୋଡ଼ିବା ଭଳି ସମସ୍ୟା ଦେଖାଦିଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ତ୍ରାଟକ କ୍ରିୟା ଫଳପ୍ରଦ ହୋଇଥାଏ। ଏଥିପାଇଁ ଏକ ସ୍ଥିର ବିନ୍ଦୁକୁ ପଲକ ନ ପକାଇ କିଛି ସମୟ ପର୍ଯ୍ୟନ୍ତ ଦେଖିବାର ଅଭ୍ୟାସ କରନ୍ତୁ। ଏପରି କରିବା ଫଳରେ ଦୃଷ୍ଟିଶକ୍ତି ବଢ଼ିବା ସହ ମାନସିକ ଶାନ୍ତି ଓ ଏକାଗ୍ରତା ବୃଦ୍ଧି ପାଇଥାଏ।

❖ଆଇ ରୋଟେଶନ ମଧ୍ୟ ଏକ ସୁନ୍ଦର ଏକ୍ସରସାଇଜ୍। ଏଥିପାଇଁ ଆଖିକୁ ପ୍ରଥମେ ଉପର ତଳ ଓ ପରେ ବାମ ଡାହାଣ କରି ବୁଲାନ୍ତୁ। ବାରମ୍ବାର ଏଭଳି ଅଭ୍ୟାସ କରିବା ଫଳରେ ଆଖିର ମାଂସପେଶୀକୁ ଆରାମ ମିଳିଥାଏ।

❖ଆଖିର ସମସ୍ୟା ଦୂରକରିବା ପାଇଁ ପ୍ରାଣାୟାମ ଓ ସୂର୍ଯ୍ୟ ନମସ୍କାର ମଧ୍ୟ ବେଶ୍ ଫାଇଦା ଆଣିଥାଏ। ଏସବୁ ଅଭ୍ୟାସକୁ ନିୟମିତ କରିପାରିଲେ ଦୃଷ୍ଟିଶକ୍ତି ବୃଦ୍ଧିହେବା ସହ ସ୍ୱାସ୍ଥ୍ୟ ଭଲ ରହିବ।

**ସୌନ୍ଦର୍ଯ୍ୟ**

# ଫର୍ମେଣ୍ଟେଡ୍ ସ୍କିନ୍‌କେୟାର

**ମେକ୍‌ଅପ୍ ଦୁନିଆରେ ଏକ ନୂଆ ଟ୍ରେଣ୍ଡ ହେଉଛି ଫର୍ମେଣ୍ଟେଡ୍ ସ୍କିନ୍‌କେୟାର। କୋରିଆ ଓ ଜାପାନରେ ଆରମ୍ଭ ହୋଇଥିବା ଏହି ଶୈଳୀ ଏବେ ଆମ ଦେଶରେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଏହି ଶୈଳୀରେ ପ୍ରାକୃତିକ ଉପାୟରେ ବିଭିନ୍ନ ସାମଗ୍ରୀ ବ୍ୟବହାର କରାଯାଏ...**

★ବିଭିନ୍ନ ପ୍ରକାର ପ୍ରାକୃତିକ ଜିନିଷକୁ ବ୍ୟବହାରକରି ବ୍ୟୁଟି ପ୍ରଡ଼କ୍ଟ ସବୁ ତିଆରି କରାଯାଏ। ଫଳରେ ତ୍ୱଚାକୁ ନ୍ୟୁଟ୍ରିସନ୍ ସହ ପୋଷଣ ମିଳିଥାଏ।

★ଏହି ପ୍ରକ୍ରିୟା ଆପଣାଇଲେ ତ୍ୱଚାରେ ଭିଟାମିନ୍, ଏମିନୋ ଏସିଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ବଢ଼ିଥାଏ। ଫଳରେ ତ୍ୱଚାରେ ଥିବା ମୃତକୋଷ ପୁଣି ଥରେ ହାଇଡ୍ରେଟ୍ ଓ ଉଜ୍ଜ୍ୱଳ ହୋଇଥାଏ।





★ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତୁ। ଏବେ ମାର୍କେଟରେ ମଧ୍ୟ ହର୍ବାଲ ପ୍ରଡକ୍ଟ ସବୁ ମିଳୁଛି। ଏସବୁ ଚାହିଁଲେ ଆପଣ ବ୍ୟବହାର କରିପାରିବେ, ନଚେତ୍ ଘରେ ତିଆରି କରିପାରିବେ।

★ ଏହି ଶୈଳୀରେ ଫର୍ମେଣ୍ଟେଡ୍ ଗ୍ରୀନ୍ ଟି, ଫର୍ମେଣ୍ଟେଡ୍ ଚାଉଳ ପାଣି, ଫର୍ମେଣ୍ଟେଡ୍ ସୋୟା, ଦହି, ଦୋସା ଘୋଳ ସହିତ ଏଲୋଭେରା, ବିଭିନ୍ନ ପ୍ରକାର ଫଳ ଓ ପତ୍ର ସବୁକୁ ବ୍ୟବହାର କରି ତ୍ୱଚା ନିମନ୍ତେ ବ୍ୟୁଟି ପ୍ରଡକ୍ଟ ପ୍ରସ୍ତୁତ କରାଯାଉଛି।

★ ଏହି ପ୍ରକାର ଉପଚାରରେ ସ୍କିନ୍‌ର ଆଲର୍ଜି ପ୍ରାୟତଃ ହୋଇ ନ ଥାଏ। ଏହି ଉପାୟ ଆପଣାଇଲେ ସ୍କିନ୍ ହାଇଡ୍ରେଟ୍ ରହିଥାଏ, ଆଣ୍ଟି ଏଜିଂ କମ୍ କରିଥାଏ, ସ୍କିନ୍‌ର ଇଲାଷ୍ଟିସିଟି ବଢ଼ାଇବା ସହ ସ୍କିନ୍ ଅଧିକ ଗ୍ଲୋ କରିଥାଏ।

★ ଫର୍ମେଣ୍ଟେଡ୍ ସ୍କିନ୍ କେୟାର ପ୍ରଡକ୍ଟ ସବୁକୁ ଘରେ ଖୁବ୍ ସହଜରେ ପ୍ରସ୍ତୁତ କରିପାରିବେ। ଚାଉଳ ପାଣି ପ୍ରସ୍ତୁତି ନିମନ୍ତେ ଏକ ପାତ୍ରରେ କିଛି ଚାଉଳ ନିଅନ୍ତୁ। ଏହାକୁ ପାଣିରେ ଭିଜାଇ ରାତିସାରା ରଖି ଦିଅନ୍ତୁ। ସକାଳୁ ଚାଉଳକୁ ଛାଣି ସେହି ପାଣିକୁ ବୋତଲରେ ଭର୍ତ୍ତି କରି ଫ୍ରିଜରେ ରଖି ଦିଅନ୍ତୁ। ଏହି ପାଣିକୁ ଆପଣ ଟୋନର ଭଳି ବ୍ୟବହାର କରିପାରିବେ। ଏହିପରି ଅନ୍ୟ ସବୁ ସାମଗ୍ରୀ ପ୍ରସ୍ତୁତ କରିପାରିବେ।

**ଖାଦ୍ୟରୁଚି**

# ମଟର କୁଲ୍‌ଚା

**ଆବଶ୍ୟକ ସାମଗ୍ରୀ–** ମଟର ୧ କପ୍, ପିଆଜ ୧ଟି (ବଡ଼), ଟମାଟୋ ୧ଟି (ବଡ଼), କଞ୍ଚାଲଙ୍କା ୨ଟି, ଅଦା ଛୋଟ ଖଣ୍ଡେ, ଲେମ୍ବୁରସ ୧ ଚାମଚ, ଚାଟ ମସଲା ୧ ଚାମଚ, ଜୀରା ଗୁଣ୍ଡ ଅଧା ଚାମଚ, ଲଙ୍କାଗୁଣ୍ଡ ଅଧା ଚାମଚ, କଳାଲୁଣ ଅଳ୍ପ, ସୈନ୍ଧବ ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର ଅଳ୍ପ, ଲହୁଣି କିମ୍ବା ଘିଅ ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ମଟରକୁ ଧୋଇ ଭଲଭାବେ ୭ରୁ ୮ ଘଣ୍ଟା ଭିଜାଇ ଦିଅନ୍ତୁ। ଏବେ ପାଣିରୁ ଛାଣି ଏହାକୁ ପ୍ରେସର କୁକରରେ ଲୁଣ ପକାଇ ସିଝାଇ ଦିଅନ୍ତୁ। ସିଝା ମଟରକୁ ପାଣିରୁ ଛାଣି ରଖିଦିଅନ୍ତୁ। ପିଆଜ, ଟମାଟୋ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ଏଥିରେ ପକାନ୍ତୁ। ଅଦାକୁ କୋରି ଏଥିରେ ପକାନ୍ତୁ। ଲେମ୍ବୁରସ, ଚାଟ୍ ମସଲା, ଲଙ୍କାଗୁଣ୍ଡ, କଳାଲୁଣ ସବୁକୁ ଏଥିରେ ପକାଇ ଗୋଳାଇ ଦିଅନ୍ତୁ। ଧନିଆପତ୍ରକୁ ମଧ୍ୟ ଛୋଟ ଛୋଟ କାଟି ଏଥିରେ ପକାଇ ଦିଅନ୍ତୁ। ଶେଷରେ ଏକ ତାୱା ଗରମକରି ସେଥିରେ ଘିଅ ବା ଲହୁଣିକୁ ଗରମ କରି ଏହି ମିଶ୍ରଣରେ ଗୋଳାଇଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଟର କୁଲ୍‌ଚା। ଏହାକୁ ଗରମ ଗରମ ଖାଆନ୍ତୁ। ରୁଟି ସହିତ ବି ଖାଇପାରିବେ।



**ଏସିଆ କପ୍ ହକି**

# ସୁପର-୪ରେ ମାଲେସିଆ, କୋରିଆ

**ରାଜଗିର୍, ୧୯ (ପି.ଟି.):** ମାଲେସିଆ ଓ କୋରିଆ ସେମାନଙ୍କ ପୁଲ୍ 'ବି' ମ୍ୟାଚରେ ବିଜୟ ଲାଭ କରି ଏଠାରେ ଚାଲିଥିବା ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଚାଇନିଜ ତାଇପେ ବିପକ୍ଷରେ ମାଲେସିଆ ୧୫-୦ ଗୋଲ୍‌ରେ ବିଜୟ ଲାଭ କରିଥିବା ବେଳେ କୋରିଆ ୫-୧ ଗୋଲ୍‌ରେ ବାଂଲାଦେଶକୁ ହରାଇ ଦେଇଛି। ମାଲେସିଆ ସମସ୍ତ ୩ଟି ଯାକ ମ୍ୟାଚରେ ବିଜୟ ଲାଭ କରି ପୁଲ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ କୋରିଆ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ବାଂଲାଦେଶ ୩ ପଏଣ୍ଟ ସହ ତୃତୀୟ ହୋଇଥିବା ବେଳେ ଚାଇନିଜ ତାଇପେ ଗୋଟିଏ ହେଲେ ମ୍ୟାଚ ଜିତିବାରେ ସମର୍ଥ ହୋଇ ନ ଥିଲା। ଦିନର ଦ୍ୱିତୀୟ ମ୍ୟାଚରେ ମାଲେସିଆ ତରଫରୁ ଆଶ୍ରାନ ହାମ୍‌ସାନି (୮ମ, ୧୫ତମ, ୩୨ ଓ ୫୪ତମ ମିନିଟ) ଓ ଆଖିମୁଲ୍ଲା ଅନୁଆର ୪ଟି(୧୦ମ, ୨୦ତମ, ୨୯ତମ, ୪୫ତମ, ୫୬ତମ) ଲେଖାଏ ଗୋଲ ଦେଇଥିବା ବେଳେ ନୋସିଆଫିକ୍ ସୁମାନ୍ତ୍ରି ୩ଟି (୨୦ତମ, ୪୦ତମ ଓ ୬୦ତମ) ଏବଂ ଅବୁ କମାଲ ଆଜରାଇ (୨୨ତମ), ଆଣ୍ଡିଓ୍ୱାଲଫିଆନ ଏଫ୍ରିନସ (୨୪ତମ) ଓ ଏମାନ ରେଜେମି (୩୨ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# କ୍ୱାର୍ଟରରେ ଜୋକୋଭିଚ୍, ଅଲ୍‌କାରାଜ



ରିଟର୍ନ ଶଟ୍ ଖେଳିବା ଅବସରରେ କାର୍ଲୋସ ଅଲ୍‌କାରାଜ।

**ନ୍ୟୁୟର୍କ, ୧୯**

**ୟୁଏସ୍ ଓପନ୍**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ଟେନିସ ଲିଜେଣ୍ଡ ନୋଭାକ ଜୋକୋଭିଚ୍ ଓ ଓ୍ୱାର୍ଲ୍ଡ ନଂ-୨ କର୍ଲୋସ ଅଲକାରାଜ ୟୁଏସ୍ ଓପନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସପ୍ତମ ସିଡ୍ ଜୋକୋଭିଚ୍ ୬-୩, ୬-୩, ୬-୨ ସେଟ୍‌ରେ ଜାନ-ଲେନାର୍ଡ ଷ୍ଟ୍ରୁଫଙ୍କୁ ପରାସ୍ତ କରିଛନ୍ତି। ସେ କ୍ୱାର୍ଟର ଫାଇନାଲରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ଭେଟିବେ। ଫ୍ରିଜ୍ ତାଙ୍କ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୬-୪, ୬-୩, ୬-୩ ସେଟ୍‌ରେ ୨୧ତମ ସିଡ୍ ଟୋମାସ ମାକହାକଙ୍କୁ ହରାଇଛନ୍ତି। ତାଙ୍କ ଭଳି ୨୦୨୨ ସଂସ୍କରଣର ଚାମ୍ପିୟନ ଅଲକାରାଜ ୭-୬(୭/୩), ୬-୩, ୬-୪ ସେଟ୍‌ରେ ଆର୍ଥର ରିଣ୍ଡରକ୍ନେଚଙ୍କୁ ହରାଇଛନ୍ତି। ସେ କ୍ୱାର୍ଟର ଫାଇନାଲରେ ୨୦ତମ ସିଡ୍ ଜିରି ଲେହେକାଙ୍କୁ ଭେଟିବେ।

## ରିବାକିନା ଆଉଟ୍; ସାବାଲେଙ୍କା କ୍ୱାର୍ଟରରେ

ମହିଳା ସିଙ୍ଗଲ୍ସରେ ଓ୍ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଜେସିକା ପେଗୁଲା ୟୁଏସ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ୨୦୨୨ ଓ୍ୱିମ୍ବେଲଡନ ଚାମ୍ପିୟନ ଏଲିନା ରିବାକିନା ପରାଜୟ ସହ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସାବାଲେଙ୍କା ୬-୧, ୬-୪ ସେଟ୍‌ରେ କ୍ରିଷ୍ଟିନା ବୁକସାଙ୍କୁ, ମର୍କେଟା ଭଣ୍ଡ୍ରୋସୋଭା ୬-୪, ୫-୭, ୬-୨ ରିବାକିନାଙ୍କୁ ଓ ପେଗୁଲା ୬-୧, ୬-୨ ସେଟ୍‌ରେ ଆନ ଲିଙ୍କୁ ହରାଇଛନ୍ତି। ସାବାଲେଙ୍କା ଓ ପେଗୁଲା କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ଭଣ୍ଡ୍ରୋସୋଭା ଓ ବାରବୋରା କ୍ରେଜିକୋଭାଙ୍କୁ ଭେଟିବେ।

# ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଶୁଟିଂ ରେଞ୍ଜରେ ୧୪ଶ ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ ପ୍ରୋନ, ୫୦ ମିଟର ରାଇଫଲ ୩ପି, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେନଟର ପିସ୍ତଲ ପ୍ରତିଯୋଗିତା ହେବ। ଏଥିସହ ଉତ୍କଳ କରାଟେ ସ୍କୁଲ ଶୁଟିଂ ରେଞ୍ଜରେ ୧୦ ମିଟର ଏୟାର ରାଇଫଲ ଓ ୧୦ ମିଟର ଏୟାର ପିସ୍ତଲ ଉଭୟ ଏନ୍‌ଆର ଓ ଆଇଏସ୍‌ଏସ୍‌ଏଫ୍ ବିଭାଗରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ୨୦୩୬ ଅଲିମ୍ପିକ ପାଇଁ ବନ୍ଧୁକ ଚାଳନାରେ ଓଡ଼ିଶା ନିମନ୍ତେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଂଘର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସଂଘ ସଭାପତି ଗୌରୀ ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ରୋମିଓ କାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ ଏବଂ କୋଷାଧ୍ୟକ୍ଷ ବଳଭଦ୍ର ଦାସ ଉପସ୍ଥିତ ଥିଲେ।


ବନ୍ଧୁକ ଚଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ବାଳିକା ଦ୍ୱିତୀୟ ରାଉଣ୍ଡରେ ମାୟା

**ନ୍ୟୁୟର୍କ, ୧୯(ପି.ଟି.)**

ସ୍ୱଳ୍ପ ବୟସ୍କା ଭାରତୀୟ ଟେନିସ ଖେଳାଳିମାୟା ରାଜେଶ୍ୱରନ ରେଭଥି ୟୁଏସ୍ ଓପନ୍ ଜୁନିୟର ବାଳିକା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସିଧାସଳଖ ସେଟ୍‌ରେ ପରାଜୟ ସହ ହୀତେଶ ଚୌହାନ ବିଦାୟ ନେଇଛନ୍ତି।

ପ୍ରଥମ ରାଉଣ୍ଡ୍ ବାଳିକା ସିଙ୍ଗଲ୍ସ ମ୍ୟାଚ୍‌ରେ ଅଣସିଡ୍ ୧୬ ବର୍ଷୀୟା ମାୟା ୭-୬(୭/୫), ୬-୩ ସେଟ୍‌ରେ ଚାଇନାର ଝାଙ୍ଗ-କ୍ୱିଆନ ଓ୍ୱେଇଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ଦେଢ଼ ଘଣ୍ଟା ଧରି କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। କୋଏମ୍ବାଟୋରରେ ଜନ୍ମିତ ମାୟା ସ୍ପେନର ମାଲୋର୍କାସ୍ଥିତ ରାଫାଲ ନାଡାଲ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ସେ ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ସିଡ୍ ବ୍ରିଟେନର ହାନା କ୍ଲୁଗମାନଙ୍କୁ ଭେଟିବେ।

# ମୁଁ ଭୁଲ୍ କରିଥିଲି: ହରଭଜନ ସିଂ

**ନୂଆଦିଲ୍ଲୀ, ୧୯:** ଭାରତର ପୂର୍ବତନ ପେସର ଏସ୍ ଶ୍ରୀସନ୍ଥଙ୍କୁ ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ହରଭଜନ ସିଂ (ଭଜି) ଚାପୁଡ଼ା ମାରିଥିବା ଘଟଣାର ଭିଡିଓକୁ ପୂର୍ବତନ ଆଇପିଏଲ୍ ଚେୟାରମ୍ୟାନ ଲଳିତ ମୋଦି ଶେୟାର କରି ଏକ ନୂଆ ବିବାଦ ଛିଡ଼ା କରିଛନ୍ତି। ମାଇକେଲ କ୍ଲାର୍କଙ୍କ ବିଓଣ୍ଡ ୨୩ ପଡକାଷ୍ଟରେ ମୋଦି ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିବା ପରେ ପ୍ରାୟ ଦୁଇ ଦଶନ୍ଧି ପୁରୁଣା ଘଟଣା ଭିଡିଓ ଶେୟାର କରାଯାଇଥିଲା। ମୋଦିଙ୍କ ଏଭଳି କାର୍ଯ୍ୟକୁ ଶ୍ରୀସନ୍ଥଙ୍କ ସ୍ତ୍ରୀ'ଙ୍କ ପରେ ଭଜି ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି। ଯେଉଁଭଳି ଭିଡିଓକୁ ଶେୟାର କରାଗଲା, ତାହା ଉଚିତ ନୁହେଁ। ଏହା ଘଟିବା କଥା ନୁହେଁ। ଏହା ପଛରେ ସେମାନଙ୍କର ସ୍ୱାର୍ଥ ନିହିତ ଉଦ୍ଦେଶ୍ୟ ଥାଇପାରେ। ୧୮ ବର୍ଷ ତଳେ କିଛି ଘଟିଥିଲା, ଯାହାକୁ ଲୋକେ ଭୁଲି ଗଲେଣି। କିନ୍ତୁ ସେମାନେ ଲୋକଙ୍କୁ ମନେ ପକାଉଛନ୍ତି, ଯାହା ବି ଘଟିଗଲା, ସେଥିଲାଗି ମୁଁ ଦୁଃଖିତ। ଭୁଲ୍ ହୁଏ ଏବଂ ପରେ ଆମେ ଏଥିଲାଗି ଲଜ୍ଜିତ ଅନୁଭବ କରୁ। ତାହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା ବୋଲି ଭଜି କହିଛନ୍ତି।

# ଚନ୍ଦନ 'ଚାମ୍ପିୟନ ଅଫ୍ ଚାମ୍ପିୟନ'


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚନ୍ଦନ ମହାପାତ୍ର।

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

**ଜାତୀୟ ସ୍ତରୀୟ ବାହୁକୁସ୍ତି**

ପଞ୍ଜାବର ଲୁଧିଆନାଠାରେ ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ୪୭ତମ ଜାତୀୟ ସ୍ତରୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଓଡ଼ିଶାର ଚନ୍ଦନ ମହାପାତ୍ର ୟୁଥ୍ ଏବଂ ସିନିୟର୍ ବର୍ଗରେ 'ଚାମ୍ପିୟନ ଅଫ୍ ଚାମ୍ପିୟନ' ଆଖ୍ୟା ଅର୍ଜନ କରିଛନ୍ତି। କଟକର ଚନ୍ଦନ ୧୦୦ କେଜି ଡାହାଣ ହାତ ୟୁଥ୍ ଏବଂ ସିନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ଅଫଜଲ ଅଲ୍ଲୀ ୮୦+ କେଜି ବାମ ହାତ ଜୁନିୟର ବର୍ଗରେ ବ୍ରୋଞ୍ଜ, ଫୈଜାନ୍ ଅହମ୍ମଦ ୬୦ କେଜି ବାମ ହାତ ୟୁଥ୍ ବର୍ଗରେ ବ୍ରୋଞ୍ଜ, ଆଲୋକ ମହାପାତ୍ର ୬୦କେଜି ଡାହାଣ ହାତ ସିନିୟର୍ ବର୍ଗରେ ବ୍ରୋଞ୍ଜ, ପ୍ରବୀର ଷଡ଼ଙ୍ଗୀ ୮୦ କେଜି ଡାହାଣ ହାତ ସିନିୟର୍ ବର୍ଗରେ ବ୍ରୋଞ୍ଜ, ସନତ ମାହାର୍ ୮୦ କେଜି ଡାହାଣ ହାତ ମାଷ୍ଟର ବର୍ଗରେ ବ୍ରୋଞ୍ଜ, ସାଗର ନାୟକ ୯୦ କେଜି ବାମ ହାତ ମାଷ୍ଟର ବର୍ଗରେ ରୌପ୍ୟ, ନିର୍ମଳ ସାହୁ ୧୦୦+ କେଜି ବାମ ହାତ ମାଷ୍ଟର ବର୍ଗରେ ସ୍ୱର୍ଣ୍ଣ ଏବଂ ଶୁଭଜିତ ପାଢ଼ୀ ଭିନ୍ନକ୍ଷମ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି।

# ଭାରତରୁ ଭାଗନେବେ ୧୯ ଆଥଲେଟ୍

**ନୂଆଦିଲ୍ଲୀ, ୧୯:** ଟୋକିଓରେ ଆସନ୍ତା ୧୩ରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତରୁ ୧୯ ଆଥଲେଟ୍ ଭାଗନେବେ। ଏମାନଙ୍କ ମଧ୍ୟରୁ କେତେକ ଏଣ୍ଟ୍ରି ଷ୍ଟାଣ୍ଡାର୍ଡ ସ୍ପର୍ଶ କରିଥିବାବେଳେ ଅନ୍ୟ କେତେକ ବିଶ୍ୱ ର୍‍ୟାଙ୍କିଂ କୋଟାରେ ଯୋଗ୍ୟତା ହାସଲ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ସାମିଲ ଅଛନ୍ତି। ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରା ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। **ଭାରତୀୟ ଦଳ:** ପୁରୁଷ- ଅନିମେଶ କୁଜୁର, ଗୁଲଭୀର ସିଂ, ତେଜାସ ଶିର୍ସେ, ସର୍ଭେଶ ଅନିଲ କୁଶାରେ, ମୁରଲୀ ଶ୍ରୀଶଙ୍କର, ପ୍ରବୀଣ ଚିତ୍ରାଭେଲ, ଅବଦୁଲା ଅବୁବାକର, ନୀରଜ ଚୋପ୍ରା, ସଚିନ ଯାଦବ, ଯଶବୀର ସିଂ, ରୋହିତ ଯାଦବ, ସେର୍ଭିନ ସେବାଷ୍ଟିଆନ, ରାମ ବାବୁ ଓ ସନ୍ଦୀପ କୁମାର। ମହିଳା-ପୂଜା, ପାରୁଲ ଚୌଧାରୀ, ଅଙ୍କିତା, ଅନୁ ରାଣୀ, ପ୍ରିୟଙ୍କା।

# ଇରାନଠାରୁ ୩-୦ରେ ହାରିଲା ଭାରତ

**ହିସର, ୧୯(ପି.ଟି.):** ଚଳିତ କାଫା ନେଶନ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୦-୩ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ଇରାନଠାରୁ ପରାସ୍ତ ହୋଇଛି। ପୂରା ମ୍ୟାଚ୍‌ରେ ଇରାନର ଆକ୍ରମଣକୁ ପ୍ରତିହତ କରିଥିବା ଭାରତୀୟ ଡିଫେନ୍ସ ବିଭାଗ ଅନ୍ତିମ ୭ ମିନିଟ୍‌ରେ ଦୁଇଟି ଗୋଲ ବରଣ କରିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୬୦ତମ ମିନିଟ୍‌ରେ ଆମିର୍ହୋସେନ ହୋସେନଜାଦେ ଇରାନ ପାଇଁ ପ୍ରଥମ ଗୋଲ୍ କରିଥିଲେ। ଶେଷ ଆଡ଼କୁ ଅଲୀ ଆଲୀପୌରଘରା (୮୯ତମ) ଓ ମେହଦି ତାରେମି (୯୦+୬) ଗୋଲ ଦେଇଥିଲେ। ଇରାନ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୨୦ ଓ ଭାରତ ୧୩୩ତମ ସ୍ଥାନରେ ରହିଛି। ଆସନ୍ତା ୪ ତାରିଖରେ ଭାରତ ତା'ର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ଭେଟିବ।

# ଚାମ୍ପିୟନ ଦଳ ପାଇବ ପାଖାପାଖି ୪୦ କୋଟି

**ଦୁବାଇ, ୧୯ (ପି.ଟି.)**

**ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍**



ଆଗାମୀ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ବିଜେତା ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶିର ପରିମାଣକୁ ବୃଦ୍ଧି କରାଯାଇଛି। ଏଣିକି ଚାମ୍ପିୟନ ଦଳକୁ ମିଳିବ ୪.୪୮ ନିୟୁତ ଆମେରିକୀୟ ଡଲାର (୩୯.୫୫ କୋଟି ଟଙ୍କା), ଯାହାକି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ। ଗତ ସଂସ୍କରଣରେ ଚାମ୍ପିୟନ ଦଳକୁ ମିଳିଥିଲା ୧.୩୨ ନିୟୁତ ଡଲାର (୧୧.୬୫ କୋଟି ଟଙ୍କା)। ଟୁର୍ନାମେଣ୍ଟର ୧୩ତମ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁଥିବା ବେଳେ ଭାରତ ଓ ଶ୍ରୀଲଙ୍କା ଏହାର ମିଳିତ ଆୟୋଜକ ଅଛନ୍ତି। ୮ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଇଭେଣ୍ଟର ପୁରସ୍କାର ରାଶି ପ୍ରାୟ ୩ ଗୁଣା ବୃଦ୍ଧି ଘଟିଛି। ମେଗା ଇଭେଣ୍ଟର ମୋଟ ପୁରସ୍କାର ରାଶି ୧୩.୮୮ ନିୟୁତ ଆମେରିକୀୟ ଡଲାର କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରକାଶ କରିଛି। ଏଣିକି ରନରଅପ୍ ଦଳ ୨.୨୪ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୯.୭୭ କୋଟି) ପାଇବ। ଇଂଲଣ୍ଡରେ ଅନୁଷ୍ଠିତ ମହିଳା ବିଶ୍ୱ କପ୍‌ର ରନରଅପ୍ ପୁରସ୍କାର ରାଶି (୬୦୦,୦୦୦ ଡଲାର / ୫.୩୦ କୋଟି) ତୁଳନାରେ ଏହା ୨୭୩ ପ୍ରତିଶତ ଅଧିକ। ଗତଥର ଦୁଇ ଲୁଜିଂ ସେମିଫାଇନାଲିଷ୍ଟ ଦଳ ୩୦୦, ୦୦୦ ଆମେରିକୀୟ ଡଲାର (୨.୬୫ କୋଟି) ପାଇଥିବା ବେଳେ ଏଥର ୧.୧୨ ଡଲାର (୯.୮୯ କୋଟି) ମିଳିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ବିଜୟୀ ଦଳକୁ ମିଳିବ ୩୪,୩୧୪ ଡଲାର(୩୦.୨୯ ଲକ୍ଷ ଟଙ୍କା)। ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଦଳ ପ୍ରତ୍ୟେକେ ୭୦୦,୦୦୦ ଡଲାର (ପ୍ରାୟ ୬୨ ଲକ୍ଷ ଟଙ୍କା) ଏବଂ ୭ମ ଓ ୮ମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଦଳ ୨୮୦,୦୦୦ ଡଲାର (ପ୍ରାୟ ୨୪.୭୧ ଲକ୍ଷ) ଲେଖାଏ ପାଇବେ। ଏହାଛଡ଼ା ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳ ୨୫୦,୦୦୦ ଡଲାର (ପ୍ରାୟ ୨୨ ଲକ୍ଷ ଟଙ୍କା) ଲେଖାଏ ପାଇବେ। ବିଶ୍ୱବ୍ୟାପୀ ମହିଳା କ୍ରିକେଟର ଲୋକପ୍ରିୟତା ବୃଦ୍ଧି କରିବା ଏବଂ ପୁରୁଷ କ୍ରିକେଟ ସହ ସମାନତା ଆଣିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଆଇସିସି କହିଛି ।

# ବାସ୍କେଟବଲ ଲାଗି ୧୬ ଜଣିଆ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

**ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ**

ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ମଙ୍ଗଳବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାଲାଗି ସୋମବାର ଭୁବନେଶ୍ୱରରୁ ଏକ ୧୬ ଜଣିଆ ଓଡ଼ିଶା ବାସ୍କେଟବଲ୍ ଦଳ ବିମାନ ଯୋଗେ ରାଜସ୍ଥାନ ଯାତ୍ରା କରିଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଭୁବନେଶ୍ୱରରୁ ଦିଲ୍ଲୀକୁ ବିମାନ ଟିକେଟ ଯୋଗାଇ ଦିଆଯାଇଛି। ଭୁବନେଶ୍ୱର ବିମାନବନ୍ଦରରେ ଏଏଆଇର ମାନବ ସମ୍ବଳ ମୁଖ୍ୟ ନମିତା ଦେହୁରୀ ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟଙ୍କ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଗତ ଅଗଷ୍ଟରେ ଆଠଗଡ଼ରେ ଅନୁଷ୍ଠିତ ରାଜ୍ୟ ଚୟନ ପରୀକ୍ଷଣରେ ମନୋନୀତ ଖୋର୍ଦ୍ଧା, ଭଦ୍ରକ ଏବଂ ପୁରୀ ଜିଲାର ଖେଳାଳିମାନେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ରବିବାର ରାତିରେ ଓପନ୍ ଲର୍ନିଂ ସିଷ୍ଟମ୍ସର ସଚିବ ପ୍ରତାପ ରଥ, ଏସ୍‌ଓବି-ଓଡ଼ିଶା କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ ଏବଂ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳିକା ଅର୍ପିତା ମହାପାତ୍ରଙ୍କ ଦ୍ୱାରା ଖେଳାଳି ଏବଂ ପ୍ରଶିକ୍ଷକମାନଙ୍କୁ ଟିମ୍ ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ପ୍ରତାପ ରଥ ନିଜ ଭାଷଣ ମାଧ୍ୟମରେ ଦଳର ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହ ଫଳାଫଳ ବିଷୟରେ ଅଯଥା ନ ଭାବିବାକୁ ପରାମର୍ଶ କରିଥିଲେ। ଏସ୍‌ଓବି-ଓଡ଼ିଶାର ସମଗ୍ର ବୋର୍ଡ ଓଡ଼ିଶା ଦଳର ସଫଳତା କାମନା କରିଛି। ଦଳର ମହିଳା ସଦସ୍ୟାମାନେ ହେଲେ: ଚୁମ୍‌କି, ନିର୍ଲିପ୍ତା, ରାଜଶ୍ରୀ ମହାପାତ୍ର, ଅରିନ୍ଦିତା ଚକ୍ରବର୍ତ୍ତୀ, ମଧୁସ୍ମିତା ନାୟକ, ଆଦ୍ୟାଶା ବେହେରା, ଦୀପ୍ତିମୟୀ ଦାସ। ପ୍ରଶିକ୍ଷକ: ସରିତା ରାଉତରାୟ। ସେହିପରି ପୁରୁଷ ସଦସ୍ୟମାନେ ହେଲେ ପୂର୍ଣ୍ଣ ଜେନା, ସନ୍ତୋଷ ମଲ୍ଲିକ, ଦେବାଶିଷ, ସବ୍ୟସାଚୀ ସାମଲ, ଦୀପଙ୍କର ରାଉତ, ବିଭୂତି ଜେନା, ବିଶ୍ୱଜିତ ନାୟକ। ପ୍ରଶିକ୍ଷକ: କାଳନ୍ଦୀ ଚରଣ ଭୋଇ।



ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

# ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ


ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ପାଇଁ ମନୋନୀତ ଏଚ୍‌ପିସିର ୪ ଜିମ୍ନାଷ୍ଟ।

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

**ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍**

ଫ୍ରାନ୍ସର ପ୍ୟାରିସ ଓ ହଙ୍ଗେରୀର ଜୋମ୍ବାଥେଲିଠାରେ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ୪ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ। ସେମାନେ ହେଲେ ତପେଶ୍ୱର ଦାସ, ତପନ ମହାନ୍ତି, ପ୍ରଣତୀ ନାୟକ ଓ ତନୁ। ଜାତୀୟ ସ୍ତରରେ ମୋଟ ୧୧ ଜିମ୍ନାଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବେ। ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) ତପେଶ୍ୱର ନାଥ ଓ ତପନ ମହାନ୍ତି ସେପ୍ଟେମ୍ବର ୧୩ ଓ ୧୪ରେ ପ୍ୟାରିସରେ ହେବାକୁଥିବା ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍‌ରେ ଅଂଶଗ୍ରହଣ କରିବେ। ଏହାପରେ ସେପ୍ଟେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଜୋମ୍ବାଥେଲିଠାରେ ହେବାକୁଥିବା ପ୍ରତିଯୋଗିତାରେ ଏହି ଦୁଇ ପ୍ରତିଯୋଗୀଙ୍କ ସହ ପ୍ରଣତି ଓ ତନୁ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ପୂର୍ବରୁ ଏହି ୪ ଜିମ୍ନାଷ୍ଟ ପ୍ୟାରିସରେ ଅନୁଷ୍ଠିତ ଜାତୀୟ ପରିଦର୍ଶନ ଶିବିରରେ ଯୋଗଦେଇ ବିରଳ ଅଭିଜ୍ଞତା ହାସଲ କରିବେ। ଓଡ଼ିଶା ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ରଙ୍କୁ ମଧ୍ୟ ଏହି ଶିବିର ପାଇଁ ମନୋନୀତ କରାଯାଇଛି। ଏହି ଉପଲବ୍ଧି ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ୍ ମଞ୍ଚରେ ଭାରତର ଉପସ୍ଥିତିକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ସମର୍ପିତ ମନୋଭାବକୁ ପ୍ରତିଫଳିତ କରୁଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ